

ରାଜା ସୁବ୍ରମଣି ନୂଆ ସିଡିଏସ୍

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 70 ଭାଗ ୩୪ | ସଂଖ୍ୟା ୭୦ | Monday 1 June 2026 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର, ୧ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଆଇପିଏଲ୍-୧୯: ଫାଇନାଲ୍‌ରେ ଗୁଜରାଟ ଚିତ୍‌ପଟାଙ୍ଗ

# ଆର୍‌ସିବିର ଟାଇଟଲ୍ ବଜାୟ

## କୋହଲିଙ୍କ ବଳିଷ୍ଠ ଇନିଂସ



ଅହମ୍ମଦାବାଦ,୩୧।୫: ଆଇପିଏଲ୍‌ର ଉନବିଂଶ ସଂସ୍କରଣ ଆଜି ଉଦ୍‌ଯାପିତ ହୋଇଥିବା ବେଳେ ଏଥିରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର୍ (ଆର୍‌ସିବି) କ୍ରମାଗତ ଦ୍ୱିତୀୟ ଟାଇଟଲ୍ ହାସଲ କରିଛି। ଡିଫେଣ୍ଡିଂ ଚାମ୍ପିଅନ୍ ହିସାବରେ ସଂସ୍କରଣରେ ପ୍ରବେଶ କରିଥିବା ଆର୍‌ସିବି ଆଜି ଏଠାକାର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ଗୁଜରାଟ ଟାଇଟାନ୍ସକୁ ୫ ୱିକେଟ୍‌ରେ ହରାଇ ଟାଇଟଲ୍ ବଜାୟ ରଖିଛି। ରାଜକୀୟ ଶୈଳୀରେ ଛକା ସହ ମ୍ୟାଚ୍‌ର ମୁଣ୍ଡି ମାରିଥିବା ଆର୍‌ସିବି ପାଇଁ ଦଳର ତାରକା ଖେଳାଳି ବିରାଟ କୋହଲି ଅପରାଜିତ ୭୫ ରନ୍‌ର ବଳିଷ୍ଠ ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଅନ୍ୟପକ୍ଷରେ ଶୁବମାନ ଗିଲ୍‌ଙ୍କ ନେତୃତ୍ୱାଧୀନ ଗୁଜରାଟ ଟାଇଟାନ୍ସ ତା'ର ତୃତୀୟ ଫାଇନାଲ୍‌ରେ ଦ୍ୱିତୀୟ ଟାଇଟଲ୍ ହାସଲର ସୁଯୋଗ ହାତଛଡ଼ା କରିଛି।

ପ୍ରଥମେ ବ୍ୟାଟିଂ ପାଇ ଗୁଜରାଟ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିବା ଫଳରେ ଆର୍‌ସିବିକୁ ଏକ କଷ୍ଟସାଧ୍ୟ ଲକ୍ଷ୍ୟ ଦେବାରେ ବିଫଳ ହୋଇଥିଲା। ଓପନର ତଥା ଅଧିନାୟକ ଗିଲ୍ ମାତ୍ର ୧୦ ରନ୍ କରି ଆଉଟ୍ ହେବା ପରେ ତାଙ୍କ ଯୋଡ଼ିଦାର ସାଇ ସୁଦର୍ଶନ ମଧ୍ୟ ବେଶୀ ବାଟ ଯାଇପାରି ନ ଥିଲେ। ସେ ମାତ୍ର ୧୨ ରନ୍‌ରେ ଆଉଟ୍ ହୋଇଥିଲେ। ଏହାପରେ ଜୋଶ୍ ବଟଲର୍ ଓ ନିଶାନ୍ତ ସିନ୍ଧୁ ଏକ ଭାଗୀଦାରୀ ଛିଡ଼ା କରିବା ➪ପୃଷ୍ଠା-୬

### ଜାତୀୟ ପରିବାର ସ୍ୱାସ୍ଥ୍ୟ ରିପୋର୍ଟରେ ଓଡ଼ିଶାର ଉଦବେଗଜନକ ସ୍ଥିତି

# ରାଜ୍ୟରେ ମହିଳା ଓ ଶିଶୁଙ୍କ ବିକଳ ଚିତ୍ର

- ୩୧.୬ ପ୍ରତିଶତ ଶିଶୁ ଅପପୁଷ୍ଟିର ଶିକାର
- ଅପ୍ରାପ୍ତ ବୟସରେ ବାହା ହେଉଛନ୍ତି ୧୮.୬%
- ମୋଟାପା ସହ ଲଢୁଛନ୍ତି ୨୯.୭% ମହିଳା ଓ ୨୭.୮% ପୁରୁଷ
- ଇଣ୍ଟରନେଟ ବ୍ୟବହାରରେ ମହିଳା ଢେର୍ ପଛରେ



ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ): ଜାତୀୟ ପରିବାର ସ୍ୱାସ୍ଥ୍ୟ ରିପୋର୍ଟ-୬ରେ ଓଡ଼ିଶାର ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟକୁ ନେଇ ଉଦ୍‌ବେଗଜନକ ତଥ୍ୟ ଆସିଛି। ପୂର୍ବତନ ବିଜେଡି ସରକାର ଅମଳରେ ସ୍ୱାସ୍ଥ୍ୟସେବାକୁ ନେଇ ବଡ଼ ବଡ଼ ଦାବି କରାଯାଇଥିବା ବେଳେ ସେତେବେଳେ ମହିଳା ଓ ଶିଶୁ ବିକାଶରେ ଓଡ଼ିଶା ଯଥେଷ୍ଟ ପଛରେ ଥିବା ଜଣାପଡ଼ିଛି। ଅପପୁଷ୍ଟି ଯୋଗୁଁ ୨୦୨୩-୨୪ରେ ରାଜ୍ୟର ୫ ବର୍ଷ ବୟସରୁ କମ ୨୬.୮ ପ୍ରତିଶତ ଶିଶୁଙ୍କ ବୟସ ତୁଳନାରେ ଉଚ୍ଚତା ବୃଦ୍ଧି ହେଉନି। ସେହି ବୟସର ୨୨.୧ ପ୍ରତିଶତ ଶିଶୁଙ୍କ ଉଚ୍ଚତା ତୁଳନାରେ ଓଜନ ମଧ୍ୟ କମ୍ ରହୁଛି। ୩୧.୬ ପ୍ରତିଶତ ଶିଶୁଙ୍କର ବୟସ ତୁଳନାରେ ଓଜନ ଉଦବେଗଜନକ ଭାବେ କମ୍ ରହୁଥିବା ଜଣାପଡ଼ିଛି। ଏହାଛଡ଼ା ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଅଧିକ ଶିଶୁ ପୁଷ୍ଟିଯୁକ୍ତ ଖାଦ୍ୟ ବା ଖାଦ୍ୟାଭାବର ଶିକାର ହେଉଛନ୍ତି। କେବଳ ସେତିକି ନୁହେଁ, ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗ୍ରାମାଞ୍ଚଳରେ ୧୯.୩ ଓ ସହରାଞ୍ଚଳରେ ୧୪.୭ ପ୍ରତିଶତ ଏହିପରି ➪ପୃଷ୍ଠା-୬

## ଡିଆରଡିଓରେ ଶକ୍ତିଶାଳୀ ବୋମା ପରୀକ୍ଷା

**ଚଣ୍ଡିଗଡ଼,୩୧।୫:** ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଆଜି ହରିଆଣାର ପଞ୍ଚକୁଲା ଜିଲ୍ଲା ରାମଗଡ଼ସ୍ଥିତ ଟର୍ମିନାଲ ବାଲିଷ୍ଟିକ୍ ରିସର୍ଚ୍ଚ ଲାବୋରେଟୋରୀ (ଟିବିଆରଏଲ)ରେ ଏକ ଉଚ୍ଚ-କ୍ଷମତାସମ୍ପନ୍ନ ବୋମାର ସଫଳ ପରୀକ୍ଷଣ କରିଛି। ଏହି ପରୀକ୍ଷା ପାଇଁ ଡିଆରଡିଓ ପକ୍ଷରୁ ସମସ୍ତ ସୁରକ୍ଷା ପଦକ୍ଷେପ ଅବଲମ୍ବନ କରାଯାଇଥିଲା। ଭାରତୀୟ ବାୟୁସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହିତ ସମୀପବର୍ତ୍ତୀ ଦୁଇ କିଲୋମିଟର ଅଞ୍ଚଳ ପରିଧିରେ ରହୁଥିବା ଲୋକମାନଙ୍କୁ ଦୁଇଘଣ୍ଟା ଲାଗି ଘରୁ ବାହାରକୁ ନ ବାହାରିବା ଲାଗି ଆଗୁଆ ସତର୍କ କରାଯିବା ସହିତ ସମଗ୍ର ଅଞ୍ଚଳକୁ ସମ୍ବେଦନଶୀଳ ଘୋଷଣା କରାଯାଇଥିଲା। ବୋମାରେ ବ୍ୟବହୃତ ବିସ୍ଫୋରକ ଖଣ୍ଡସବୁ ଦେଢ଼ କିଲୋମିଟର ଉଚ୍ଚକୁ ଉଠିବା ସହିତ ୨ କିଲୋମିଟର ପରିଧିକୁ ବ୍ୟାପିବାର ସମ୍ଭାବନା ଥିବାରୁ ଏଭଳି ସତର୍କତା ଅବଲମ୍ବନ କରାଯାଇଥିବା ପଞ୍ଚକୁଲା ଡେପୁଟି କମିଶନର ସତପାଲ ଶର୍ମା କହିଛନ୍ତି।

## ଅନୁପ୍ରବେଶ ବେଳେ ଧରାପଡ଼ିଲେ ୩ ସନ୍ଦିଗ୍ଧ

**ଜାମ୍ମୁ,୩୧।୫:** ଜାମ୍ମୁ-କାଶ୍ମୀର ପୁଞ୍ଚ୍ ଜିଲ୍ଲାର ନିୟନ୍ତ୍ରଣ ରେଖା (ଏଲଓସି) ଦେଇ ଭାରତକୁ ପ୍ରବେଶ ଉଦ୍ୟମ କରୁଥିବା ୩ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଭାରତୀୟ ସେନାମାନେ ଗିରଫ୍ କରିବା ସହ ଏକ ବଡ଼ଧରଣର ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଦେଇଛନ୍ତି। ଗିରଫ ସନ୍ଦିଗ୍ଧମାନେ ହେଉଛନ୍ତି ମହମ୍ମଦ ଫାରୁକ୍, ମହମ୍ମଦ ରିଆଜ୍ ଓ ମହମ୍ମଦ ଜୁବୈର। ଭାରତୀୟ ସେନା ପୁଲିସ ସହିତ ମିଳିତ ଭାବେ ଏହି ଅପରେସନ୍ ଜାରି କରିଥିଲା। ଗିରଫ୍ ତିନି ସନ୍ଦିଗ୍ଧଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଦକ ଦ୍ରବ୍ୟ ଜବତ କରାଯାଇଛି। ଆତଙ୍କବାଦୀମାନେ ୧୦ କିଲୋଗ୍ରାମ ଓଜନର ଶକ୍ତିଶାଳୀ ଆଇଇଡି ବିସ୍ଫୋରକ ଧରି ଅନୁପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ। ସେମାନେ ଲୁଚି ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ସେନାପକ୍ଷରୁ ସେମାନଙ୍କ ଉପରକୁ ଗୁଳିମାଡ଼ କରାଯାଇଥିଲା।

## ଦିଲ୍ଲୀରେ କୋଠା ଭୁଶୁଡ଼ି ୬ ମୃତ

**ନୂଆଦିଲ୍ଲୀ,୩୧।୫:** ଶନିବାର ବିଳମ୍ବିତ ସନ୍ଧ୍ୟାରେ ଦିଲ୍ଲୀର ସାକେତ ମେଟ୍ରୋ ଷ୍ଟେସନ ନିକଟରେ ଥିବା ସୈଦୁଲାଜାବ ଅଞ୍ଚଳରେ ଏକ ବହୁମହଲା ବାଣିଜ୍ୟିକ କୋଠା ଭୁଶୁଡ଼ି ପଡ଼ିବା ଘଟଣାରେ ୬ ଜଣଙ୍କର ମୃତ୍ୟୁ ଘଟିଛି। ଗୁରୁତର ଆହତ ହୋଇଥିବା ୧୦ ଜଣଙ୍କୁ ଦିଲ୍ଲୀ ଏମ୍ସର ଟ୍ରମା ଆଇସିୟୁରେ ଭର୍ତ୍ତି କରାଯାଇଛି। ଭାଙ୍ଗି ପଡ଼ିଥିବା କୋଠା ତଳେ ଆହୁରି ଅନେକ ଫଶି ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ୍), ଦିଲ୍ଲୀ ଅଗ୍ନିଶମ ସେବା, ଦିଲ୍ଲୀ ପୋଲିସ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକର ଉଦ୍ଧାରକାରୀ ଦଳ ଗତକାଲି ସାରା ରାତି ଉଦ୍ଧାର କାର୍ଯ୍ୟଚଳାଇଥିଲେ। ସ୍ଥାନୀୟ ଅଧିକାରୀଙ୍କ ଅନୁଯାୟୀ, ଏହା ଏକ ବିଜନେସ୍ ଆପାର୍ଟମେଣ୍ଟ ଥିଲା।

## 'ଯୁବପିଢ଼ି କକରୋଚ୍ ପଛରେ ଦୌଡ଼ିବେ'

**କୋଟ୍ଟାୟମ,୩୧।୫:** ସମାଜରେ ସକାରାତ୍ମକ କାର୍ଯ୍ୟ ଓ ସଫଳତାର କାହାଣୀକୁ ଗୁରୁତ୍ୱ ଦିଆ ନଗଲେ ଯୁବପିଢ଼ି କ୍ଷଣସ୍ଥାୟୀ ପ୍ରବୃତ୍ତି ବା କକରୋଚ୍ ପଛରେ ଦଉଡ଼ିବେ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣାନ୍ ରବିବାର ସରକାର ଓ ସିଷ୍ଟମକୁ ଚେତାଇ ଦେଇଛନ୍ତି। ମାଲାୟାଲମ୍ ଦୈନିକ 'ଦୀପିକା'ର ୧୪୦ତମ ବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ଏପରି କହିଛନ୍ତି ଉପରାଷ୍ଟ୍ରପତି। ସେ କହିଛନ୍ତି ଯେ, ସମାଜକୁ ସଠିକ୍ ଦିଗରେ ଚଳାଇବା ଏବଂ ଜନସାଧାରଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଗଠନମୂଳକ ସାମ୍ବାଦିକତା ଅତ୍ୟନ୍ତ ଆବଶ୍ୟକ। ସକାରାତ୍ମକ ବିକାଶଗୁଡ଼ିକୁ ପ୍ରାଧାନ୍ୟ ଦେବାକୁ ସେ ଗଣମାଧ୍ୟମକୁ ପରାମର୍ଶ ଦେଇଛନ୍ତି।

### ଉଚ୍ଚଶିକ୍ଷାର ବିକାଶ ନେଇ କୁଳପତି ସମ୍ମିଳନୀରେ ମାନସମନ୍ଥନ

# ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ଆହ୍ୱାନ

- ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ପ୍ରଦାନକାରୀ ପ୍ରତିଷ୍ଠାନ ନୁହେଁ
- ନିଯୁକ୍ତି ପଛରେ ନ ଦୌଡ଼ି ଉଦ୍ୟୋଗୀ ହେବାକୁ ପରାମର୍ଶ
- ଏନ୍‌ଇପି-୨୦୨୦କୁ ରାଜ୍ୟପାଳଙ୍କ ପ୍ରଶଂସା



ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ): ଭାରତୀୟ ମୂଲ୍ୟବୋଧକୁ ଭିତ୍ତିକରି ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଆଜି ସ୍ଥାନୀୟ ଲୋକ ଭବନଠାରେ ଆୟୋଜିତ ଦୁଇଦିନିଆ କୁଳପତି ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇବା ସହ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସାମାଜିକ ଦାୟିତ୍ୱବାନ ଓ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପ୍ରତିଷ୍ଠାନରେ ପରିଣତ କରିବାକୁ ଗୁରୁତ୍ୱାରୋପ କରିଛନ୍ତି।

ଏଥିସହ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଏକ ଆତ୍ମନିର୍ଭର ଭାରତ ଗଠନ ଓ ଭବିଷ୍ୟତର ଆହ୍ୱାନ ପାଇଁ ରାଜ୍ୟକୁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ ବୋଲି ମଧ୍ୟ ରାଜ୍ୟପାଳ କହିଛନ୍ତି। ଦୁଇଦିନିଆ କୁଳପତି ସମ୍ମିଳନୀରେ ରାଜ୍ୟର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟର କୁଳପତିମାନେ ଯୋଗ ଦେଇଛନ୍ତି। ଏହି ସମାବେଶକୁ ଓଡ଼ିଶାରେ ଉଚ୍ଚଶିକ୍ଷାର ଭବିଷ୍ୟତ ଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ପ୍ରୟାସ ବୋଲି ରାଜ୍ୟପାଳ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡ଼ିଶା ସରକାରଙ୍କ ➪ପୃଷ୍ଠା-୬

### ତୈଳ ଆମଦାନୀକାରୀ କମ୍ପାନୀଙ୍କୁ ଆଶ୍ୱସ୍ତି

# ରପ୍ତାନୀ ଶୁଳ୍କ ହ୍ରାସ



- ଆଜିଠାରୁ ଲାଗୁ ହେବ
- ଡିଜେଲ୍ ଉପରୁ ୧୩.୫, ଏଟିଏଫ୍ ଉପରୁ ୯.୫ ଟଙ୍କା କମିଲା
- ଖୁଚୁରା ଗ୍ରାହକଙ୍କୁ ମିଳିବନି ଫାଇଦା

ନୂଆଦିଲ୍ଲୀ, ୩୧।୫: କେନ୍ଦ୍ର ସରକାର ପେଟ୍ରୋଲ୍, ଡିଜେଲ୍ ଓ ବିମାନରେ ବ୍ୟବହୃତ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ଉପରେ ୧୫ ଦିନ ପାଇଁ ରପ୍ତାନୀ ଶୁଳ୍କ ହ୍ରାସ କରିଛନ୍ତି। ଏହା ଆସନ୍ତାକାଲିଠାରୁ ଲାଗୁ ହେବ। ପେଟ୍ରୋଲିୟମଜାତ ଉତ୍ପାଦର ରପ୍ତାନୀ ଉପରେ ଲାଗୁ ହୋଇଥିବା ଟିକସର ସାମୟିକ ସମୀକ୍ଷାର ଅଂଶସ୍ୱରୂପ ସରକାର ଏପରି ପଦକ୍ଷେପ ନେଇଛନ୍ତି। ଅନ୍ତର୍ଜାତୀୟ ତୈଳ ବଜାରର ବର୍ଦ୍ଧିତ ତୈଳ ଦରକୁ ଆଧାର କରି ଏହି ପଦକ୍ଷେପ ନିଆଯାଇଥିବା ବେଳେ ଦେଶର ତୈଳ ଆମଦାନୀକାରୀ ତଥା ବିପଣନକାରୀ କମ୍ପାନୀମାନଙ୍କୁ ଏହା ଆଶ୍ୱସ୍ତ କରିବ। ଏହି ନିଷ୍ପତ୍ତି ଦ୍ୱାରା ଦେଶର ତୈଳ ରପ୍ତାନୀରେ ହ୍ରାସ ଘଟିବ ନାହିଁ କିମ୍ବା ଘରୋଇ ବଜାରରେ ତୈଳ ସଂକଟର ସମ୍ଭାବନା ସୃଷ୍ଟି ହେବନାହିଁ। ତେବେ ଏହା ଘରୋଇ ଖୁଚୁରା ବଜାରର ସାଧାରଣ ଗ୍ରାହକଙ୍କୁ କୌଣସି ପ୍ରକାର ଆଶ୍ୱସ୍ତି ପ୍ରଦାନ କରିବ ନାହିଁ ବୋଲି ସରକାର ପରୋକ୍ଷରେ ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଶନିବାର ଜାରି ଏକ ବିଜ୍ଞପ୍ତି ଅନୁସାରେ, ପେଟ୍ରୋଲ ଉପରୁ ଲିଟର ପିଛା ରପ୍ତାନୀ ଶୁଳ୍କ ୧ ଟଙ୍କା ୫୦ ପଇସା ହ୍ରାସ ପାଇବ। ସେହିପରି ଡିଜେଲ୍ ଲିଟର ପିଛା ୧୩ ଟଙ୍କା ୫ ପଇସା ହ୍ରାସ ପାଇବାକୁ ଥିବା ବେଳେ ବିମାନ ଟର୍ବାଇନ୍ ଇନ୍ଧନରୁ ପ୍ରତି ➪ପୃଷ୍ଠା-୬

### ଭତ୍ତା ସମସ୍ୟାର କାରଣ କହିଲେ ବିଭାଗୀୟ ମନ୍ତ୍ରୀ

# ସଫ୍ଟୱେର ପାଇଁ ମିଳୁନି ଟଙ୍କା



ଖୁବ୍‌ଶୀଘ୍ର ହେବ ସମାଧାନ

ଭୁବନେଶ୍ୱର,୩୧।୫ (ସଂଚାର ବ୍ୟୁରୋ): ରାଜ୍ୟରେ ଗତ କିଛି ମାସ ଧରି ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁନି। ସରକାରୀ ସହାୟତା ପାଇଁ କିଏ ବ୍ୟାଙ୍କ ଦୌଡୁଛି, ତ ଆଉ କିଏ ବ୍ଲକ୍ ଅଫିସ। ହେଲେ ଠିକ ସମୟରେ ଟଙ୍କା ମିଳିପାରୁ ନ ଥିବାରୁ ବହୁ ଅସହାୟ ଓ ଗରିବଗୁରୁବା ହନ୍ତସନ୍ତ ହେଉଛନ୍ତି। ଯା ଭିତରେ ଏ ପ୍ରସଙ୍ଗ ନେଇ ବିରୋଧୀ ସରକାରଙ୍କୁ ଘେରିଥିବା ବେଳେ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ବ୍ୟାଙ୍କ ସଫ୍ଟୱେର ପାଇଁ ସମସ୍ୟା ହୋଇଛି, ଖୁବଶୀଘ୍ର ସମାଧାନ ହୋଇଯିବ।

ଭତ୍ତା ଭୋକରେ ଜଳୁଛି ଅସହାୟ ଗରିବର ପେଟ। ସମୟ ଗଡୁଛି ହେଲେ ହାତକୁ ଆସୁନି ଭତ୍ତା ଟଙ୍କା। ପରିସ୍ଥିତି ଅତି ଜଟିଳ, ଚଳିବା ଏକପ୍ରକାର ନାହିଁ ଭଳି। ଦୁଇ ମାସରୁ ଅଧିକ ସମୟ ହେଲାଣି ଭତ୍ତା ପାଉନାହାନ୍ତି ହିତାଧିକାରୀ। ଯେଉଁଥିପାଇଁ ହିତାଧିକାରୀ ମୁଣ୍ଡରେ ପଡ଼ିଛି ଚଡ଼କ। ଭତ୍ତା ପଇସା ମିଳି ନ ଥିବାରୁ କିଏ ସଉଦା କିଣିପାରୁନି ତ ଆଉ କିଏ ଔଷଧ ଖାଇପାରୁନି। ବ୍ୟାଙ୍କ, ବ୍ଲକ୍ ଓ ପଞ୍ଚାୟତ ଅଫିସ୍ ଦୌଡ଼ି ଦୌଡ଼ି ବହୁ ଅସହାୟ ନିରାଶ ହେଉଛନ୍ତି। ଆଖି ଓ ଫିଙ୍ଗର ପ୍ରିଣ୍ଟ ସ୍କାନ ହୋଇପାରୁ ନ ➪ପୃଷ୍ଠା-୬

### ମୋଦିଙ୍କ 'ମନ୍ କୀ ବାତ୍'ରେ ଓଡ଼ିଶା କଥା

# ବେଲପଣା ଓ ସୁବର୍ଣ୍ଣରେଖା ଆମ୍ବକୁ ପ୍ରଶଂସା

## ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ବି କରାଇଲେ



ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପୂର୍ବୋଦୟ ଭାରତ ମିଶନ୍'ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇଆସିଛନ୍ତି। ବିଶେଷକରି ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନିୟମିତ ଭାବେ ଓଡ଼ିଶା ଗସ୍ତ କରିବା ସହ ରାଜ୍ୟର ବିକାଶ ପ୍ରତି ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ମଧ୍ୟ ନିୟମିତ ଭାବେ ଓଡ଼ିଶା ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଆସିଛନ୍ତି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ଆଜି ତାଙ୍କର ଏହି କାର୍ଯ୍ୟକ୍ରମର ୧୩୪ତମ ସଂସ୍କରଣରେ ପୁଣିଥରେ ଓଡ଼ିଶାର ଏକାଧିକ ବିଷୟରେ ବର୍ଣ୍ଣନା କରିଛନ୍ତି। ବିଶେଷକରି ଖରାଦିନେ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ବେଲପଣା ଓ ସୁବର୍ଣ୍ଣରେଖା ଆମ୍ବ କଥା ଉଲ୍ଲେଖ କରିଛନ୍ତି ମୋଦି। ସେ କହିଛନ୍ତି, ଯଦି ଆପଣଙ୍କୁ ଖରାରେ ବାହାରକୁ ଯିବାକୁ ପଡ଼େ, ତା'ହେଲେ ଆପଣ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉଚିତ। ଦେଶର ଅଧିକାଂଶ ସ୍ଥାନରେ ବହୁତ ଗରମ ଅନୁଭୂତ ହେଉଛି, ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ପ୍ରବଳ ସୂର୍ଯ୍ୟତାପ, ଗରମ ପବନ, ଏପରି ପାଗରେ ନିଜର ଯତ୍ନ ନେବା ବେଶ୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏପରି ପାଗରେ ଆପଣ ଯଥେଷ୍ଟ ମାତ୍ରାରେ ପାଣି ପିଅନ୍ତୁ। ଗରମରୁ ନିଜକୁ ରକ୍ଷା କରିବା ସକାଶେ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ କେହି ବି ଭୁଲିବା ଉଚିତ ନୁହେଁ। ଆମ ଦେଶରେ ଗରମ ସହ ଲଢ଼ିବାର ଉପାୟ ପ୍ରାୟତଃ ରୋଷେଇ ଘରେ ମିଳିଥାଏ। ଆପଣ ଏହା ମଧ୍ୟ ଲକ୍ଷ୍ୟ କରିଥିବେ ଯେ ଗରମ ବଢ଼ିବା ସହ ରୋଷେଇ ଘରର ସ୍ୱାଦ ବି ବଦଳିଯାଏ, ରୋଷେଇ ଘରର ପ୍ରକାରରେ ପରିବର୍ତ୍ତନ ଆସିଥାଏ। କେତେକ ସ୍ଥାନରେ ମାଟି ପାତ୍ରରୁ ପାଣି ବହିବାକୁ ଲାଗେ, କିଛି ସ୍ଥାନରେ ଦହି ପଡ଼ିବାକୁ ଲାଗେ, କିଛି ➪ପୃଷ୍ଠା-୬

# ଖୁବ୍‌ଶୀଘ୍ର ବିଜେଡି ମଙ୍ଗ ଧରିବେ ସୁଜାତା!

- ନବୀନଙ୍କ ଦିଲ୍ଲୀ ଗସ୍ତରୁ ସ୍ପଷ୍ଟ ହେବ ଚିତ୍ର
- ବିଜେଡି ଖେଳିବ ମହିଳା କାର୍ଡ



ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ): ଜଣଙ୍କ ପରେ ଜଣେ ଦଳୀୟ ନେତାଙ୍କ ଦୂରେଇଯିବା ଯୋଗୁଁ ଦିନକୁ ଦିନ ଦୁର୍ବଳ ହୋଇପଡୁଥିବା ବିଜେଡିର ମଙ୍ଗ ଖୁବ୍‌ଶୀଘ୍ର ପୂର୍ବତନ ଆଇଏଏସ୍ ଅଫିସର ତଥା ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ଧରିପାରନ୍ତି। ଯେତେଶୀଘ୍ର ସମ୍ଭବ ବିଜେଡିରେ ଏହି କାର୍ଯ୍ୟ ସମ୍ପାଦନ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ସରକାରରୁ ଯିବା ପରେ ବିଜେଡିରେ ଏବେ ସଙ୍କଟ ବଢ଼ିବାରେ ଲାଗିଛି। ସାଂସଦଙ୍କଠାରୁ ବିଧାୟକ ପର୍ଯ୍ୟନ୍ତ ଜଣଙ୍କ ପରେ ଜଣେ ଦଳଠାରୁ ଦୂରେଇବାରେ ଲାଗିଛନ୍ତି। ବିଶେଷକରି ଯେଉଁ ନେତାମାନେ ନିଜ ସୁରକ୍ଷା ପାଇଁ ପାଣ୍ଡିଆନଙ୍କ ଯୋଗୁଁ ବିଜେଡି ହାରିଲା ବୋଲି ଅଭିଯୋଗ କରୁଥିଲେ, ସେମାନେ ଏଭଳି ପଦକ୍ଷେପ ନେଉଛନ୍ତି। ଏମାନଙ୍କ ଭିତରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କଠାରୁ ଆରମ୍ଭ କରି ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ଏକାଧିକ ବିଧାୟକ ଓ ପ୍ରଭାତ ବିଶ୍ୱାଳଙ୍କ ଭଳି ପୂର୍ବତନ ବିଧାୟକ ବି ରହିଛନ୍ତି।

ତେବେ ସଭାପତି ଭାବେ ନବୀନ ଏକାକୀ ବିଜେଡିକୁ ଚଳାଇବା ଦିନକୁ ଦିନ କଷ୍ଟକର ହୋଇପଡୁଥିବାରୁ ଦୀର୍ଘଦିନ ହେଲା ସେ ନିଜର ଉତ୍ତରାଧିକାରୀ ଘୋଷଣା କରିବା କିମ୍ବା ନିଜେ ମାର୍ଗଦର୍ଶନ ଦେଇ ଦଳ ଚଳାଇବା ପାଇଁ ଅନ୍ୟ କାହାକୁ ଦାୟିତ୍ୱ ଦେବାକୁ ବିଜେଡି ଭିତରେ ମତ ପ୍ରକାଶ ପାଇଆସୁଛି। ଯଦିଓ ବିଜେଡିର କିଛି ନେତା ଏଥିପାଇଁ ଭିକେ ପାଣ୍ଡିଆନଙ୍କ ନାମ ଉଠାଉଛନ୍ତି, କିନ୍ତୁ ତାହା ସର୍ବମାନ୍ୟ ହୋଇପାରୁନାହିଁ। ତେବେ ସୁଜାତାଙ୍କ ସପକ୍ଷରେ ଅଧିକାଂଶ ନେତା ଥିବାରୁ ଖୁବ୍‌ଶୀଘ୍ର ସେ ବିଜେଡିରେ ଏଣ୍ଟ୍ରି ମାରିବାର ଚର୍ଚ୍ଚା ଜୋର୍ ଧରିଛି।

ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ବିଜେଡି ସଭାପତି ନବୀନ ପଟ୍ଟନାୟକ ସୋମବାର ଦିଲ୍ଲୀ ଗସ୍ତରେ ଯାଉଥିବା ବେଳେ ବିଜେଡିର ଭବିଷ୍ୟତ ନେଇ ସେଠାରେ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କ ସହ ଆଲୋଚନା କରିବେ। ଭିକେ ପାଣ୍ଡିଆନ ବି ଏହି ସମୟରେ ଓଡ଼ିଶା ବାହାରେ ଅଛନ୍ତି। ତେଣୁ ଦିଲ୍ଲୀ ଆଲୋଚନା ସମୟରେ ମୁଖ୍ୟତଃ ସୁଜାତାଙ୍କ ନାମ ଉପରେ ମୋହର ବାଜିପାରେ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବିଜେଡି ନିର୍ବାଚନରେ ହାରିଲା ପରେ ଯଦିଓ ଭିକେ ପାଣ୍ଡିଆନ ରାଜନୀତି ଛାଡ଼ିଛନ୍ତି, କିନ୍ତୁ ନବୀନ ପଟ୍ଟନାୟକଙ୍କୁ ଛାଡ଼ି ପାରିନାହାନ୍ତି। ଏବେ ବି ସେ ପୁଅ ଭଳି ନବୀନଙ୍କ ସେବା କରୁଛନ୍ତି। ମୁମ୍ବାଇରେ ନବୀନଙ୍କ ଚିକିତ୍ସା ହେଉ କିମ୍ବା ଭୁବନେଶ୍ୱରରେ ଚିକିତ୍ସା ହେଉ, ପାଣ୍ଡିଆନ ଦମ୍ପତି ସର୍ବଦା ନବୀନଙ୍କ ପାଖେ ପାଖେ ରହିଛନ୍ତି। ନବୀନଙ୍କର ଯଦି ସବୁଠାରୁ କିଏ ଅଧିକ ବିଶ୍ୱସ୍ତ ବୋଲି ଧରାଯାଏ, ତେବେ ପ୍ରଥମେ ପାଣ୍ଡିଆନଙ୍କ ନାମ ହିଁ ଆସିବ। ➪ପୃଷ୍ଠା-୬

# ମାଆର ଉଦ୍ୟାନ



ଡ.ଚନ୍ଦ୍ରକଳା ନାୟକ



ଅରବିନ୍ଦବାବୁ ଆଜି ନିରୋଳାରେ ବସି ଅତୀତକୁ ରୋମନ୍ଥନ କରୁଛନ୍ତି। ପିଲାଙ୍କ ଭବିଷ୍ୟତ ପାଇଁ ସବୁକିଛି ତାଙ୍କୁ ଅଣଦେଖା କରିବାକୁ ପଡ଼ିଛି। ସେ ଅଣଦେଖାର ଭିଡ ଭିତରେ ତାଙ୍କର ଶ୍ରୀମତୀ ବି ଅଛନ୍ତି। ପୁଅ ତ ଭଲ ଚାକିରୀ କଲା। ଏକମାତ୍ର ଝିଅ ଭଲ ପରିବାରର ବୋହୁ ହୋଇ ଚାଲିଗଲା। ଘରଟା ଖାଲି ହେଲେ ବି ପୁରିଲା ପୁରିଲା ଲାଗୁଛି। ଏବେ ଅରବିନ୍ଦବାବୁଙ୍କୁ ଘର ଓ ଘରଣୀ ଖୁବ ଭଲ ଲାଗୁଛନ୍ତି। କେବଳ ନିଜ ସ୍ତ୍ରୀର ମାନସିକ ସହଯୋଗ ପାଇଁ ସବୁକିଛି ସମ୍ଭବ ହୋଇ ପାରିଛି। ମନେ ମନେ ନିଜେ ସ୍ୱୀକାରୁଛନ୍ତି। ଏବେ କେବଳ ସ୍ୱାମୀ ସ୍ତ୍ରୀ ନିଜ ପାଇଁ ସମୟ ଦେବାକୁ ସ୍ଥିର କରିଛନ୍ତି। ଅରବିନ୍ଦବାବୁଙ୍କ ପତ୍ନୀ ସୀତାଦେବୀ ଖୁବ ସରଳ। ତାଙ୍କ ଜୀବନକୁ ସେ ସର୍ବଦା ପରିବାର ପାଇଁ ସମର୍ପିତ କରିଛନ୍ତି। ମାତ୍ର ଗୋଟିଏ ବର୍ଷପରେ ମାତୃତ୍ୱ ଲାଭ କଲେ। ଏମିତି ମା ଟିଏ ହେଲେ ଯେ, ଯାହା କହିବା ମୁସ୍କିଲ। ଦିନରାତି ଏକ କରି ପିଲା ମାନଙ୍କ ଜୀବନ ଗଢ଼ିବା ପାଇଁ ଅନବରତ ଲାଗି ପଡ଼ିଲେ।

ବୋହୂ ଅହଲ୍ୟା ଓ ପୁଅ ସତ୍ୟ, ଦୁହେଁ ଚାକିରୀ କରନ୍ତି। ସତ୍ୟ ଆଗରେ ଅହଲ୍ୟା ସର୍ବଦା ଶାଶୁ ଶ୍ୱଶୁରଙ୍କ ଚୁଗୁଲି କରେ। କୌଣସି ସୁଯୋଗ ହାତ ପାହାନ୍ତାରୁ ଛାଡିବାକୁ ଚାହେଁନା। ସତ୍ୟକୁ ଏସବୁ ଭାରି କଷ୍ଟ ହେଉଥିଲା। ସତ୍ୟ ବି ଜାଣେ, ଏ ପରିବାର ପାଇଁ ସୀତାଦେବୀଙ୍କ କଣ ଅବଦାନ ଅଛି। ଅହଲ୍ୟା ଏଥର ଅଭିନବ ଉପାୟ ପାଞ୍ଚିଲା। ସୀତାଦେବୀଙ୍କର ସବୁଠାରୁ ପ୍ରୀୟ, ତାଙ୍କ ସୁନ୍ଦର ବଗିଚାଟିକୁ କିପରି ତାଙ୍କଠାରୁ ଛଡାଇ ନେବ, ସେଥିପାଇଁ ଏକ ବିଦ୍ଧିବଦ୍ଧ ଯୋଜନା ପ୍ରସ୍ତୁତ କଲା। ଦିନେ ରାତିରେ ସତ୍ୟକୁ କହିଲା, ଶୁଣ ସତ୍ୟ- ମା ଆଉ କାମକୁ ଯମା ପାରୁ ନାହାନ୍ତି। ବଗିଚାରେ ଗୁଡାଏ ଗଛ ଲାଗାଇଛନ୍ତି। ସେ ଗଛ ଗୁଡିକର ଯତ୍ନ କିଏ ନେବ? ଧୀରେ ଧୀରେ ତାଙ୍କ ଦେହ ବି ଅସୁସ୍ଥ ହେଲାଣି। ବିଛଣାରେ ପଡ଼ିଲେ ତାଙ୍କ ସେବା କିଏ କରିବ। ତମେ ଗୋଟିଏ କାମ କର। ଗୋଟିଏ ମାଳିର ବନ୍ଦୋବସ୍ତ କର। ଯିଏ ପୁରା ଆସି ଏଠାରେ ରହିବ। ସତ୍ୟ ଉତ୍ତର ଦେଲା, କିନ୍ତୁ ସେ ରହିବ କେଉଁଠି ? ଘରେ ତ ରହିବା ସମ୍ଭବ ନୁହେଁ। ଅହଲ୍ୟା ହସିଲା। କହିଲା- ଇଏ କି ପ୍ରଶ୍ନ? ବାପା, ମା ସିନା ଘର ଛୋଟ କରିଛନ୍ତି, ହେଲେ ତୁମ ଉଦ୍ୟାନ ତ ବହୁତ ବଡ ଜାଗାରେ ହୋଇଛି। ସେଇ ଉଦ୍ୟାନରୁ କିଛି ଗଛ କାଟି, ଗୋଟିଏ ଆଜବେଷ୍ଟସ ଘର ତିଆରି କରିଦେବା। ମାଙ୍କ ପାଇଁ କଣ ଏତିକି କରିପାରିବା ନି? ସତ୍ୟ ଉତ୍ତର ଦେଲା, ହେଲେ ମୋ ମାର ସବୁଠାରୁ ପ୍ରୀୟ ଜାଗା ହେଉଛି, ସେହି ଉଦ୍ୟାନଟା। କେତେ କଷ୍ଟରେ ସେ ତାକୁ ସାଇତି ରଖିଛି। ସେଠାରୁ କେମିତ ଆମେ ଗଛ ଗୁଡିକୁ କାଟି ପାରିବା ? ହଉ ଦେଖିବା କହି ସତ୍ୟ ଶୋଇ ପଡ଼ିଲା। ରାତି ପାହି ସକାଳ ହେଲା।

ନିତିଦିନ ପରି ସକାଳୁ ସକାଳୁ ବାପ ପୁଅ ପେପର ପଢ଼ିବାରେ ବ୍ୟସ୍ତ ରହିଲେ। ଅରବିନ୍ଦବାବୁ ଜଣେ ଭଲ ପାଠକ। ଠିକ ସୁଯୋଗ ଦେଖି ସତ୍ୟ ବାପାଙ୍କୁ କହିଲା- ବାପା, ଆମ ଉଦ୍ୟାନରୁ କିଛି ଗଛ କାଟି ସେଇଠାରେ ଗୋଟିଏ ଘର ନିତର୍ମାଣ କରିବା। ଏ ଉଦ୍ୟାନର ଦେଖାରେଖା ପାଇଁ ମାଳିଟିଏ ଯୋଗାଡ କରିବି। ଯିଏ ଏଇଠାରେ ରହିବ ଏବଂ ଏହାର ଯତ୍ନ ନେବ। ଅରବିନ୍ଦବାବୁଙ୍କ କ୍ରୋଧ ବଢ଼ି ଯାଇଥିଲେ ବି ନଜକୁ ଆୟତ କରି କହିଲେ- ଏ ବିଷୟରେ ମା ଯାହା କହିବ ତାହା ହିଁ ଶେଷ ନିଷ୍ପତ୍ତି। ସୀତା ଜୀବନରେ ବହୁ କଷ୍ଟ ସହିଛି। ତୁମ ମାନଙ୍କୁ ମଣିଷ କରିବା ପାଇଁ ତିଳ ତିଳ ଯନ୍ତ୍ରଣା ପାଇଛି। ମୁଁ ବି କେବେ ତାକୁ ଭଲରେ ବଞ୍ଚିବାକୁ ସୁଯୋଗ ଦେଇନାହିଁ। ଆଉ ଆଜି ଅବସର ପରେ ମୋର ଏକମାତ୍ର କାମ ହେଉଛି, ତୋ ମା ଏକ ନୂଆ ଜୀବନ ପାଇବ, ଜୀବନକୁ ଉପଭୋଗ କରିବ, ସାରା ଜୀବନ ଯାହା ପାଇନାହିଁ, ତାକୁ ଏବେ ମୋତେ ଅଜାଡି ଦେବାକୁ ପଡ଼ିବ। ସତ୍ୟ ଫେରି ଯାଉ ଯାଉ ମୁହଁ ବୁଲାଇଲା। ବାପା ତୁମର କଣ ବୟସ ଆଉ ଅଛି, ଉଦ୍ୟାନରେ ବସିବାକୁ। ତୁମେ ତୁମ ବୟସର ଲୋକଙ୍କ ସହ ଉଠାବସା କରୁନା। ଏତିକି କହି ଦୁମ ଦୁମ ହୋଇ ଘର ଭିତରକୁ ଚାଲିଗଲା।

ବୋହୁର ଏ ଷଡଯନ୍ତ୍ରକୁ ନିର୍ମମ ଭାବେ ଅନୁଭବ କରୁଥିଲେ ଅରବିନ୍ଦବାବୁ। ଦୁହେଁ ସ୍ୱାମୀ ସ୍ତ୍ରୀ ଏହି ବ୍ୟବହାରରେ ସ୍ତବ୍ଧ ହୋଇ ଯାଇଥିଲେ। ପୂର୍ବରୁ ତ ଜୀବନଟା ଧଉଡୁଥିଲା। ହେଲେ ସେ ଧଉଡ ଥିଲା ପିଲା ମାନଙ୍କୁ ସୁଖୀ ଦେବାର ବଳ ଜୁଟାଇବାର। ଆଜି କିନ୍ତୁ ଜୀବନ ଧଉଡୁଛି, ସ୍ୱାମୀ ସ୍ତ୍ରୀ ଭଲ ପାଇବାରେ। ସେଦିନ ସାରା ରାତି ସୀତାଦେବୀ ସେମିତି ଅନାଇ ରହିଥାନ୍ତି। ଅରବିନ୍ଦବାବୁ ବି କୋଉ ଶୋଇଛନ୍ତି। ରାତି ସାରା କଡ ଲଉଟାଣି ଦେଇ ଖାଲି ନିଜ ସ୍ତ୍ରୀଙ୍କ ଚାହୁଁଥାନ୍ତି। ମନକୁ ଅନେକ କଥା ଆସୁଥିଲେ ବି କହି ପାରୁ ନଥାନ୍ତି। ସେମିତି ଛଟପଟ ହୋଇ ସ୍ୱାମୀ ସ୍ତ୍ରୀଙ୍କର ରାତିଟା ପାହିଗଲା। ନିଜ ଜନ୍ମ କଲା ପୁଅର କଥା ଦିପଦ କଳିଜା ଭିତରଟାକୁ ଓଟାରି ପକାଉଥିଲା।

ସକାଳର ସୁର୍ଯ୍ୟୋଦୟ ସେ ରକ୍ତିମ ଆଭାରେ ଅରବିନ୍ଦବାବୁ ପୁରା ଶାନ୍ତି ଥିଲେ, ଠିକ ଝଡ ପୂର୍ବର ନୀରବତା ପରି। ପ୍ରଥମ ଥର ପାଇଁ ରୋଷେଇ ଘରକୁ ପ୍ରବେଶ କଲେ। ଦୁଇକପ ସୁସ୍ୱାଦୁ ଚା ତିଆରି କଲେ। କିଛି ଅଭିଜ୍ଞତା ନଥାଇ ବି ସେଦିନ ସୀତାଦେବୀଙ୍କ ଚା ପିଆଇବାର ଇଛାଶକ୍ତିରେ ସାରା ଘରଟା ଚା ର ବାସ୍ନାରେ ଘରଟା ମହକି ଉଠୁଥିଲା। ସୀତାଦେବୀ ପଚାରିଲେ, ଆମ ଉଦ୍ୟାନ କଣ ଭଙ୍ଗା ହେବ ? ଅରବିନ୍ଦବାବୁ ଗମ୍ଭୀର ଭାବେ ଉତ୍ତର ଦେଲେ, ଧୈର୍ଯ୍ୟ ଧର। ସବୁ ଠିକ ହେବ। ସେ ପଦିକ କଥାରେ ସୀତାଦେବୀଙ୍କ ଦମ୍ଭଟା ବଢ଼ି ଯାଇଥିଲା।

ଗତ କାଲିର ଏତେ ଘଟଣା ପରେ ଚିରାଚରିତ ଭାବେ ପୁଅ ବୋହୁ ଅଫିସ ଚଳିଗଲେ। ଅହଲ୍ୟାର ଏତେ ଅହଙ୍କାର ଯେ, ଗଲାବେଳେ ଶାଶୁ ଶ୍ୱଶୁରଙ୍କ ଆଡକୁ ବି ଅନାଇଲାନି। ସତ୍ୟ ମୁହଁରୁ କେବଳ ପଦେ ବାହାରିଲା, ମୁଁ ଆସୁଛି। ସ୍ୱାମୀ ସ୍ତ୍ରୀ ସେଦିନ ଦୁହେ ମିଶି ଖୁବ ସୁନ୍ଦର ରୋଷେଇ କଲେ। ଗଛ ଗୁଡିକର ଡାଳ ପତ୍ର ବି କାଟିଲେ। ମନ ଭରି ପାଣି ଦେଲେ। ଖାଇ ସାରି ଦୁହେଁ ବିଶ୍ରାମ ବି ନେଲେ। ଏପଟେ ସତ୍ୟ ଓ ଅହଲ୍ୟା ଫେରିବା ସମୟ ଉପନୀତ ହୋଇଥିଲା। ସୀତା ଠାକୁରଙ୍କୁ ଧୂପ ଦେବାକୁ ଠାକୁର ଘରକୁ ଚାଲିଗଲେ। ସେତେବେଳକୁ ଘର ଆଗ ଦିବାଲରେ ଲେଖା ହୋଇ ସାରିଥିଲା, ଘର ଭଡା ଦିଆଯିବ। ପୁଅ ବୋହୁ ଲେଖାଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସତ୍ୟ ଓ ଅହଲ୍ୟା ତିବ୍ର ଗତିରେ ବାପାଙ୍କ ନିକଟରେ ଉପସ୍ଥିତ ହେଲେ। ସତ୍ୟ ପ୍ରଶ୍ନ କଲା- ବାପା ଏ କଣ ? ସହଜରେ ତ ଏତେ ଛୋଟିଆ ଘର। ସେଥିରୁ କୋଉଟାକୁ ଭଡା ଦେବ। ଅରବିନ୍ଦ ଉତ୍ତର ଦେଲେ- ଯେଉଁ ଘରେ ତୁମ ଦୁଇଜଣ ରହୁଛ। ଅହଲ୍ୟା ପାଦ ତଳର ମାଟିଟା ଯେମିତି ଦୋହଲିଗଲା। ଅରବିନ୍ଦବାବୁ କହିଲେ, ତୁମ ଦୁଇଜଣ ଅନ୍ୟତ୍ର ରହିବ। ତୋ ମା ଆଉ ମୁଁ ଏହି ଘରର ଯତ୍ନ ନେଇପାରିବୁ। ତୁମ ଦୁଇ ମାସ ସମୟ ଦେଉଛି। ନିଜ ପାଇଁ ଘର ଖଣ୍ଡିଏ ଖୋଜିଦିଅ। ନହେଲେ ସତ୍ୟ, ତୋ ସ୍ତ୍ରୀର ଷ୍ଟାଫ କ୍ୱାଟରକୁ ତୁ ଚାଲି ଯାଇପାରୁ। ତୁ ପରା କହିଥିଲୁ, ମୁଁ ସମବୟସ୍କ ଖୋଜିବି। ତେଣୁ ସେଇ ଘରେ ମୋ ସାଙ୍ଗ ବିଜୟ ରହିବ। ତାର ଅବସର ଆଉ ଦୁଇମାସ ରହିବ। ବିଚାରା ସତ ବାଟରେ ଚାଲି ଚାଲି ଘର ଖଣ୍ଡିଏ ତ କରିନାହିଁ। ପୁଅକୁ ଆମେରିକା ପାଠ ପଢୋଇବାକୁ ପଠାଇଲା। ମଣିଷ ବି କଲା। ହେଲେ କଣ ହେବ ? ଗୋଟିଏ ପୁଅ ଚାକିରୀ କଲା ପରେ ସେ ବାପା ମାଙ୍କ ପାଖକୁ ଆଉ ଫେରିଲା ନାହିଁ। ମୁଁ ଭାବୁଛି ତା ପାଇଁ ମୋ ଘର ଠାରୁ ସୁରକ୍ଷିତ ଜାଗା ଆଉ କିଛି ନଥାଇ ପାରେ। ସତ୍ୟ ତୋ ପରି ମୋତେ ଖୁବ ବାସ୍ତବବାଦୀ ହେବାକୁ ପଡ଼ିବରେ। ତୋ ମାର ଭାବପ୍ରବଣତା ନିକଟରେ ତୁମ ବାସ୍ତବାଦୀ ଚିନ୍ତାଧାରାଟା ଖୁବ ଉଚ୍ଚରେ। ତୁମ ଦୁଇଜଣ ଦେଖିକି ଯଦି ଆମେ ଦୁଇଜଣ ଖୁସି ହୋଇ ପାରୁଛୁ, ତୁମ ବାପା ମାଙ୍କ ଭଲ ପାଇବାକୁ ଦେଖି ଏତେ ଦୁଃଖୀ କାହିଁକି ? ଆଚ୍ଛା ଅହଲ୍ୟା ଏ ମନୋଭାବର କାରଣଟା କଣ ମୋତେ କହିପାରିବୁ ? ତୁ ବି ଦିନେ ମା ହେବୁ। ମା ର ଅନ୍ତଃବେଦନା ସେଇଦିନ ହିଁ ବୁଝିବୁ। ତୁମେ ଦୁଇଜଣ ମନେ ରଖ, ଏ ଘର, ଉଦ୍ୟାନ ସବୁକିଛି କେବଳ ସୀତାର। ତା ପାଖରୁ ଏସବୁକୁ ଛଡାଇ ନେବାର ଅଧିକାର ତୁମକୁ କିଏ ଦେଲା। ମୋ ବଞ୍ଚିଥିବା ପର୍ଯ୍ୟନ୍ତ ଏହା ସମ୍ଭବ ନୁହେଁ।

ସତ୍ୟର ପାଟି ପୁରା ଖନି ବାଜିଗଲା। ବାପାଙ୍କର ଏପରି ରୂପ ସେ କେବେ ଦେଖି ନଥିଲା। ମା ପାଇ ଯେ ବାପା ଏପି ଗୋଟିଏ ବଡବୃକ୍ଷ ହୋଇ ଠିଆହେବେ, ତାହା ତା ବିଶ୍ୱାସର ବାହାରେ ଥିଲା। ବାରମ୍ବାର ବାପା କହୁଥିଲେ, ଆମ ପ୍ରତି ଏପରି ବ୍ୟବହାର କରିବାର ଅଧିକାର ତୁମକୁ କିଏ ଦେଲା ? ବାପା ମା ଯଦି ସାଥୀ ଖାଇଲେ, ବୁଲିଲେ, ଦୋଳିରେ ଝୁଲିଲେ, ସେଥିରେ ତୁମକୁ ଖରାପ ଲାଗୁଛି କାହିଁକି ? ତୁମକୁ ତ ଏଥିରୁ କିଛି ଲଜ୍ଜ୍ୟା ବୋଧ ହେଲା ଭଳି ଦେଖା ଯାଉନି। ଚାକିରୀ ଜୀବନର ପଇଁତିରିଶ ବର୍ଷ ମୁଁ ସୀତାକୁ ଆଦୌ ସମୟ ଦେଇପାରିନି। ଏଇ ତ ସାଥୀ ହୋଇ ଆମେ ଦିଜଣ ଜୀବନ ବଞ୍ଚିବା ଆରମ୍ଭ କରିଛୁ। କିନ୍ତୁ ତୁମେ ପୁଅ ବୋହୁଙ୍କୁ ଏତିକି କହି ଅରବିନ୍ଦ ଧପ କରି ତଳେ ବସିପଡ଼ିଲେ। ସତ୍ୟ ଏଥର ବାପାଙ୍କ ପାଦ ଧରି କ୍ଷମା ଭିକ୍ଷା କଲା। ସନ୍ଧ୍ୟା ଦେଇ ସୀତା ଘର ଭିତରକୁ ଆସି ଗୋଟିଏ ଦୃଷ୍ଟିରେ ଅରବିନ୍ଦବାବୁଙ୍କୁ ଚାହିଁ ରହିଥିଲେ। ଏପଟେ ପୁଅକୁ ବି ଛାତି ଭିତରେ କୋଳେଇ ନେଲେ। ବହୁ ଅହଲ୍ୟା ସେଦିନ ପାଷାଣି ପରି ଦଣ୍ଡାୟମାନ ଥିଲା। ବାରମ୍ବାର କୋହ ଭରା କଣ୍ଠରେ ବାପା ମାଙ୍କୁ ବାପା ମାଙ୍କୁ ସତ୍ୟ ଭୁଲ ମାଗି ଚାଲିଥିଲା। ମା ତାକୁ କୋଳରେ ଚାପି ଧରି କହୁଥିଲେ- ଆରେ ପାଗଳା, ଏ ଘର, ଏ ଉଦ୍ୟାନ ସବୁ ପା ତୋର। ଏ ଉଦ୍ୟାନର ସଜ୍‌ଫୁଟା ଫୁଲ କେବଳ ତୁ ରେ ସତ୍ୟ। ତୋ ବିନା କଣ ଆମେ ବଞ୍ଚିବା ସମ୍ଭବ। ହେଲେ ତୁ ଅବାଟକୁ ଚାଲିଯିବୁ ଆମେ କେମିତି ସେ କଥାକୁ ଗ୍ରହଣ କରିନେବୁ। କାଲି ପରା ତୁ ବାପା ହେବୁ। ତୋ ପିଲା ତୋ ଠାରୁ କଣ ଶିଖିବେ। ଅହଲ୍ୟାଟାର ସିନା ବୁଦ୍ଧି ନାହିଁ। ହେଲେ ଯେବେ ମା ହେବ, ସବୁ ବୁଝି ଯିବରେ। ମା ପରା ସାଗର ପରି ପରିବ୍ୟାପ୍ତ। ଅଥଳ ସବୁଦ୍ର ଭିତରୁ ବି ତା ପିଲାଙ୍କୁ ସେ ଖୋଜି ଆଣିପାରେ। ମା ପ୍ରତି କରିଥିବା ଅବିଚାର ପାଇଁ ସତ୍ୟର ହୃଦୟ ଭିତରଟା ବିଦାରିତ ହେଉଥିଲା। ଉଦ୍ୟାନର ଫଳ, ଫୁଲ, ପରିବା ସବୁ ଯେମିତି ହସି ଉଠିଥିଲେ। ଅହଲ୍ୟାଟା ଶେଷରେ ମାକୁ ଜାବୋଡି ଧରିଥିଲା।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛଡିଆ, ଜି- ଯାଜପୁର, ମୋ- ୯୪୩୭୯୫୭୬୧୭

ସମୟର ଛାୟାଚିତ୍ର

# ପ୍ରେମର ଅର୍ଥ ବିସ୍ତାରଃ ଅଧିକାର ନୁହେଁ



ଡକ୍ଟର ଲକ୍ଷ୍ମଣ ସାହୁ



ପ୍ରେମ ଏକ ଅନନ୍ତ ରୂପ ପରି। ଯାହା ମଣିଷ ହୃଦୟର ଗଭୀରତାକୁ ପ୍ରବେଶ କରି ତାକୁ ନୂତନ ଜୀବନ ପ୍ରଦାନ କରେ। ତେଣୁ, ଯେତେବେଳେ ପ୍ରେମ ଡାକେ, ସେତେବେଳେ ତା'କୁ ଅନୁସରଣ କରିବା ଉଚିତ୍। ଯଦିଓ ଏହାର ପଥ କଷ୍ଟକର ହୋଇଥାଏ। ପ୍ରେମ କୌଣସି ବ୍ୟକ୍ତିକୁ ନିଜର କରେ ନାହିଁ, ବରଂ ସେମାନଙ୍କୁ ମୁକ୍ତ କରେ। କାରଣ ପ୍ରେମର ପ୍ରକୃତି ବନ୍ଧନ ନୁହେଁ, ବରଂ ପ୍ରସାରଣ। ଏହି ପ୍ରସାରଣ ଜୀବନର ପ୍ରକୃତ ସୌନ୍ଦର୍ଯ୍ୟ ହୋଇଯାଏ। ତେଣୁ ଯେତେବେଳେ ପ୍ରେମର ଡେଣା ଆମକୁ ଆଲିଙ୍ଗନ କରେ, ଆମେ ନିଜକୁ ଏଥିରେ ସମର୍ପଣ କରିବା ଉଚିତ୍। ପ୍ରେମର ଅଭ୍ୟାସରେ, ସୁଖ ଓ ଯନ୍ତ୍ରଣା ଉଭୟ ଏକାଠି ଯାଏ। ଅଁଅକାରଣ ପ୍ରେମ କେବଳ ଆନନ୍ଦ ଦେବା ପାଇଁ ନୁହେଁ ବରଂ ଆତ୍ମାକୁ ପୋଷଣ କରିବା ପାଇଁ ମଧ୍ୟ ଆସେ। ଯେପରି ଗୋଟିଏ ଗଛ କେବଳ ମାଟିରେ ତା'ର ବୀଜ ପୋତି ଦେଇ ଅଙ୍କୁରିତ ହୁଏ, ।ସେହିପରି, ପ୍ରେମର ପ୍ରକୃତ ଅର୍ଥ ବୁଝିବା ପାଇଁ ଜଣେ ବ୍ୟକ୍ତିକୁ ନିଜ ଅହଂକାରକୁ ତ୍ୟାଗ କରିବାକୁ ପଡିବ।

ଯେତେବେଳେ ଜଣେ ପ୍ରେମ କରେ, ସେ ନିଜ ଭିତରେ ଅନେକ ସ୍ତରକୁ ଉନ୍ମୋଚିତ କରେ। ଏହିପରି ତାଙ୍କର ପ୍ରକୃତ ପରିଚୟ ଜନ୍ମ ହୁଏ। ପ୍ରକୃତ ପ୍ରେମ କାହାର ମାଲିକାନା ଗ୍ରହଣ କରେ ନାହିଁ କି କାହାର ଦାସ ହୁଏ ନାହିଁ। ଏହା ଦୁଇଟି ଆତ୍ମା ମଧ୍ୟରେ ଏକ ସେତୁ, ଯେଉଁଠାରେ ଉଭୟ ନିଜର ସ୍ୱାଧୀନତା ବଜାୟ ରଖି ଏକାଠି ଚାଲନ୍ତି। ପ୍ରେମର ଅର୍ଥ ନୁହେଁ ଯେ ଦୁଇଜଣ ଲୋକ ଏକ ହୋଇଯାଆନ୍ତି। ବରଂ ସେମାନେ ଅଲଗା ରହି ମଧ୍ୟ ସମାନ ଦିଗରେ ଗତି କରନ୍ତି। ପରସ୍ପରର ଜୀବନକୁ ସମୃଦ୍ଧ କରନ୍ତି। ତେଣୁ ପ୍ରେମରେ ଦୂରତା ଆବଶ୍ୟକ, କାରଣ ଏହି ଦୂରତା ହିଁ ନିକଟତରତାକୁ ଅର୍ଥ ଦିଏ ଓ ଏହି ସନ୍ତୁଳନ ହିଁ ସମ୍ପର୍କକୁ ସ୍ଥାୟୀ କରିଥାଏ।

ପ୍ରେମର ଅନନ୍ୟତା ହେଉଛି ଯେ ଏହା ଜଣେ ବ୍ୟକ୍ତିକୁ ପୂର୍ଣ୍ଣ କରେ ନାହିଁ, ବରଂ ତାଙ୍କୁ ତାଙ୍କର ଅପୂର୍ଣ୍ଣତା ବିଷୟରେ ସଚେତନ କରାଏ। ଏହି ସଚେତନତା ସେମାନଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ। କାରଣ ପ୍ରେମରେ ସେମାନେ ଯେତେ ଅଧିକ ଦିଅନ୍ତି, ସେତେ ଅଧିକ ସେମାନେ ନିଜକୁ ଆବିଷ୍କାର କରନ୍ତି। ଏହା ଏକ ପ୍ରକ୍ରିୟା ଯେଉଁଥିରେ ଗ୍ରହଣ କରିବାର ଇଚ୍ଛା ଧୀରେ ଧୀରେ ଦେବାର ଆନନ୍ଦରେ ପରିଣତ ହୁଏ। ଏହି ପରିବର୍ତ୍ତନ ପ୍ରେମକୁ ଆଧ୍ୟାତ୍ମିକ ଉଚ୍ଚତାକୁ ଉନ୍ନୀତ କରେ। ଏହା ଏକ ନିରନ୍ତର ପ୍ରବାହ, କୌଣସି ଆଶା ବିନା ପ୍ରବାହିତ ଓ ଏହି ପ୍ରବାହରେ ଜୀବନର ସଙ୍ଗୀତ ନିହିତ ଅଛି। ପ୍ରେମର ପ୍ରକୃତି ଅସୀମ। ସେ କୌଣସି ପରିଭାଷାରେ ସୀମିତ ହୋଇପାରେ ନାହିଁ। ତେଣୁ ଯେତେବେଳେ ଜଣେ ବ୍ୟକ୍ତି ଏହାକୁ ବୁଝିବା ପରିବର୍ତ୍ତେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରେ ସେ ଏହାର ମହତ୍ତ୍ୱକୁ ଭୁଲିଯାଏ। ପ୍ରେମକୁ ଅନୁଭବ କରିବା ପାଇଁ, ଏକ ଖୋଲା ହୃଦୟ ଆବଶ୍ୟକ। ଏହି ଖୋଲା ହୃଦୟ ମାଧ୍ୟମରେ, ପ୍ରେମ ଭିତରେ ପ୍ରବେଶ କରି ଜୀବନକୁ ଏକ ନୂତନ ଦିଗଦର୍ଶନ ଦିଏ।

ପ୍ରକୃତରେ, ପ୍ରେମ ଏକ ଭାବନା ଯାହା ଜଣେ ବ୍ୟକ୍ତିକୁ ନିଜ ସହିତ ଯୋଡେ ଓ ତାଙ୍କୁ ବୁଝିବାରେ ସାହାଯ୍ୟ କରେ। ସେ କେବଳ ଏକ ଶରୀର ନୁହେଁ ବରଂ ଏକ ବୃହତ୍ତର ଚେତନାର ଅଂଶ। ଯେତେବେଳେ ଜଣେ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରନ୍ତି, ତାଙ୍କର ପ୍ରେମ ଆଉ ସୀମିତ ନ ରହି ସମଗ୍ର ସୃଷ୍ଟିକୁ ଘେରି ରହିଥାଏ। ଏହି ପ୍ରସାର ଜୀବନର ସର୍ବୋଚ୍ଚ ଅଭିଜ୍ଞତା ହୋଇଯାଏ। ଆଶାଠାରୁ ଅଧିକ ହୁଏ।

ଅତଏବ ପ୍ରେମ ଅନୁଭବ କରିବାର କଳା ଶିଖ। ପ୍ରେମ ଆମକୁ ବାନ୍ଧି ରଖେ ନାହିଁ, ବରଂ ଆମକୁ ଭିତରୁ ବିସ୍ତାର କରେ। ଆମକୁ ନିଜ ସହିତ ଯୋଡେ। ଯେତେବେଳେ ଆମେ ଆଶାକୁ ଛାଡ଼ି ଦେବା ଓ ଦେବାର ଆନନ୍ଦ ଅନୁଭବ କରିବାକୁ ଶିଖିଥାଉ। ସେତେବେଳେ ପ୍ରେମ ଏହାର ପ୍ରକୃତ ଶକ୍ତି ପ୍ରକାଶ କରେ। ଆନନ୍ଦ ଓ ଯନ୍ତ୍ରଣା ଉଭୟ ଶିକ୍ଷକ ଭାବରେ କାର୍ଯ୍ୟ କରେ, ଆମର ଅହଂକାରକୁ ଭାଙ୍ଗି ଦିଏ ଓ ଆମ ଆତ୍ମାକୁ ପରିଷ୍କାର କରେ।

ପ୍ରେମ ଏକ ଭାବନାକୁ ବୁଝାଇଥାଏ। ଏହାଛଡା ବ୍ୟକ୍ତିଗତ ସ୍ନେହ ଓ ସଂଯୋଗକୁ ମଧ୍ୟ ପ୍ରେମ କୁହାଯାଏ। ଦୁଇଜଣଙ୍କ ମଧ୍ୟରେ ଥିବା ଦୟା, କ୍ଷମା, ସ୍ନେହ, ପ୍ରଣୟ ଇତ୍ୟାଦି ପ୍ରେମର ଏକ ରୂପ। ପ୍ରେମ ଶବ୍ଦଟି ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରରେ ବ୍ୟବହାର ହୋଇଥାଏ। ବିଭିନ୍ନ ଭାଷାରେ ଏହାର ସଂଜ୍ଞା ଭିନ୍ନ ଭିନ୍ନ। ପ୍ରେମ ବ୍ୟକ୍ତିଗତ କିମ୍ବା ସାର୍ବଜନୀନ ହୋଇପାରେ।

ବୈଜ୍ଞାନିକଙ୍କ ଗବେଷଣା ଅନୁଯାୟୀ ବିପରୀତ ଲିଙ୍ଗର ପ୍ରାଣୀମାନଙ୍କ ମଧ୍ୟରେ ଥିବା ଆକର୍ଷଣ ଯୋଗୁ ସେମାନେ ପରସ୍ପରର ନିକଟବର୍ତ୍ତୀ ହୋଇଥାନ୍ତି, ତାକୁ ପ୍ରେମ କୁହାଯାଏ। ଭାରତୀୟମାନେ ସାଧାରଣତଃ ପ୍ରେମକୁ ଏକ ଶାଶ୍ୱତ ଭାବନା ବା ଭକ୍ତ ଭଗବାନଙ୍କ ସମ୍ପର୍କକୁ ବୁଝିଥାନ୍ତି। ଏହା ଛଡା କିଶୋର କିଶୋରୀମାନଙ୍କ ମଧ୍ୟରେ ଅଧିକ ଭାବେ ଏହି ପ୍ରେମ ଦେଖାଯାଏ।

ଦେଖିବାକୁ ଗଲେ ପ୍ରେମ ପ୍ରଦର୍ଶନର ବିଭିନ୍ନ ପ୍ରକ୍ରିୟା ଅଛି। ସ୍ମିତହାସ୍ୟ, ଚୁମ୍ବନ, କୋଳାକୋଳି, ଆଲିଙ୍ଗନ ଇତ୍ୟାଦି। ଭର୍ତ୍ତୃହରିଙ୍କ ରଚିତ ଶୃଙ୍ଗାର ଶତକ, ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦ ଓ ବ୍ୟାସଦେବଙ୍କ ରଚିତ ଭାଗବତ ଆଦି ଗ୍ରନ୍ଥରେ ଏହି ବିଷୟରେ ବର୍ଣ୍ଣନା କରାଯାଇଅଛି।

କୁହାଯାଏ ପ୍ରଥମ ପ୍ରେମ ଅଭୁଲା। ଯୌବନର ପ୍ରଥମ ଚରଣରେ ସାଥୀ ପାଇଁ ମନରେ ସୃଷ୍ଟି ହୋଇଥିବା ଆବେଗ ପ୍ରେମକୁ ସ୍ୱତନ୍ତ୍ର କରିଥାଏ। ଏଥିପାଇଁ ପ୍ରଥମ ପ୍ରେମର ଅନେକ ମୁହୂର୍ତ୍ତ ଜୀବନର ସ୍ମୃତି ହୋଇରହିଯାଏ। ପ୍ରେମ ଯେତେ ପୁରୁଣା ହେଲେ ମଧ୍ୟ ଯେତେବେଳେ ଏହା ମନେପଡ଼େ ମନରେ ଖୁସି ଭରିଦେଇଥାଏ। ତେବେ ପ୍ରଥମ ପ୍ରେମକୁ କାହିଁକି ଭୁଲି ହୋଇ ନ ଥାଏ ଜାଣନ୍ତୁ।

ପ୍ରଥମ ପ୍ରେମ ଅଦ୍ୱିତୀୟଃ ପ୍ରଥମ ପ୍ରେମ ସବୁବେଳ ପାଇଁ ଅଦ୍ୱିତୀୟ। ପ୍ରେମିକ ବା ପ୍ରେମିକାଙ୍କ ସ୍ନେହ, ଯତ୍ନ ଓ ତାଙ୍କ ଭଲପାଇବା ସବୁଠାରୁ ନିଆରା। ଏହାସହ ସେହି ସମୟର ଅନୁଭୂତି ସ୍ୱତନ୍ତ୍ର ହୋଇଥାଏ। ପ୍ରେମ ହିଁ କେବଳ ଯୌବନ ସ୍ମୃତିକୁ ସତେଜ ରଖେ। ଯୌବନର ପ୍ରଥମ ପାହାଚରେ ପ୍ରେମ ଆଡ଼କୁ ପାଦ ଖସିଗଲା ପରେ ତୁମ ସହ ଘଟୁଥିବା ସବୁ ଘଟଣା ମନକୁ ଛୁଇଁଥାଏ। ଆଉ ଏହି ସମୟରେ ଘଟିଥିବା ଅନେକ କିଛି ପାଗଳାମି ମନେ ରହିଯାଇଥାଏ। ପ୍ରଥମ ପ୍ରେମ ସବୁବେଳ ଲାଗି ପ୍ରଥମ ହୋଇଥାଏ। ପରେ କେହି ଯେତେ ଥର ପ୍ରେମ ବନ୍ଧନରେ ବାନ୍ଧି ହୁଅନା କାହିଁକି ପ୍ରଥମ ପ୍ରେମ ସବୁବେଳ ଲାଗି ପ୍ରଥମ।

ଏଥିରେ କୌଣସି ବିକଳ୍ପ ନ ଥାଏଃ ପରିବାରର କଟକଣାରୁ ବାହାରି ଲୁଚି ପ୍ରେମ କରିବାରେ କୌଣସି ବିକଳ୍ପ ନ ଥାଏ। ଏହି ବୟସରେ ତାହା ଆପେ ଆପେ ହୋଇଯାଇଥାଏ।

ପ୍ରେମକୁ ବର୍ଷ-ମାସ-ଦିନରେ ବାନ୍ଧି ହୁଏନି। ପ୍ରେମକୁ ପ୍ରକାଶ କରିହୁଏନି। ପ୍ରକାରଭେଦରେ...ପ୍ରେମ ଦୁଇପଟରୁ ହୁଏ, ଏକପାଖିଆ ହୁଏ, ଏକାଧିକ ବି ହୁଏ। ପ୍ରେମର କୌଣସି ସଂଜ୍ଞା ନାହିଁ, ପ୍ରେମର ମୃତ୍ୟୁ ବି ନାହିଁ। ସୂଚେଇ ଦିଏ ପ୍ରେମ..କ୍ୟାଲେଣ୍ଡର ପୃଷ୍ଠାରେ ଫେବ୍ରୁଆରୀ ଆସିଲେ,ସହରରେ ଗୋଲାପ ବିକ୍ରି ବଢିଲେ..କି ରାସ୍ତାରେ ପ୍ରେମିକ ପ୍ରେମିକାଙ୍କ ଭିଡ ଜମିଲେ, ଆପେ ଆପେ ଜଣାପଡେ ପ୍ରେମ ଋତୁ ଆସିଛି। ହଁ, ସେମିତି ଗୋଟେ ଦିନ ତ ଏ ଭାଲେଣ୍ଟାଇନ୍ ଡେ। ଫେବୃଆରୀ ୧୪- ପ୍ରେମ ଆଉ ପ୍ରେମିକ ପ୍ରେମିକାଙ୍କ ସ୍ୱପ୍ନର ଦିନ ହୋଇଥାଏ।

କେହି କେହି କହନ୍ତି, ପ୍ରେମକୁ ବର୍ଷ-ମାସ-ଦିନରେ ବାନ୍ଧି ହୁଏନି। ପ୍ରେମ ପାଇଁ ସମୟର ଅଭାବ ପଡେ। ହେଲେ ପ୍ରେମ ହେଉଛି ସୀମାହୀନ ସାଗର, ପ୍ରେମ ହୃଦୟର ସନ୍ଧ୍ୟାକାଶରେ ସୁନ୍ଦରୀ ଚାନ୍ଦିନୀଠୁ ଅଧିକ ସୁନ୍ଦର। ଜାଣିଛନ୍ତି, ପ୍ରେମ ଗୋଟେ ଅଢେଇ ଅକ୍ଷରର ଅବୋଲକରା ଆବେଗ। ଯାହାକୁ ଅନୁଭବ ତ କରିହୁଏ, ହେଲେ ଦେଖିହୁଏନି କି ଦେଖେଇ ହୁଏନି। ହଁ, ସତରେ ପ୍ରେମ ଆଲ୍ଲା, ପ୍ରେମ ଯୀଶୁ ଆଉ ପ୍ରେମ ହେଉଛି ସାକ୍ଷାତ ଈଶ୍ୱର।

ପ୍ରେମ କାହାକୁ ବି ହେଇପାରେ, କେତେବେଳେ ବି ହେଇପାରେ, କେମିତି ବି ହେଇପାରେ। ପ୍ରେମରେ ନାୟକ ବି ପ୍ରେମ, ପ୍ରେମରେ



ଖଳନାୟକ ବି ସେଇ ପ୍ରେମ। ପ୍ରେମ ସାହିତ୍ୟ ଭଳି ସରଳ ହେଇପାରେ, ପ୍ରେମ ଗଣିତଠୁ ବି ଅଧିକ ଜଟିଳ ହେଇପାରେ। ପ୍ରେମ ହିସାବ ନିକାଶ କରି କରାଯାଏନା, କି ପ୍ରେମରେ କାରଣ ଖୋଜାପଡେନା। ପ୍ରେମ ବେବାକ୍ କରାଯାଏ...ହୃଦୟ ଦେଇ କରାଯାଏ...ଏକପାଖିଆ ବି କରାଯାଏ।

ଅନେକ କହନ୍ତି ଯିଏ ଯାହାକୁ ପ୍ରେମ କରେ, ତା ଉପରେ ସେ ରାଗେ, ରୁଷେ ଆଉ ଅଭିମାନ କରେ। ଆଉ ସବୁଠୁ ବେଶି ସମ୍ମାନ ବି ତାକୁ ହିଁ କରେ। ପ୍ରେମରେ ପ୍ରେମିକର ରାଗ ବି ପ୍ରେମ। ପ୍ରେମିକାରେ ଅଭିମାନ ବି ପ୍ରେମ। ପ୍ରେମିକା ଆଖିର ଚାହାଣୀ ହେଉ କି ପ୍ରେମିକର ରାଗ ତମତମ ଲାଲ୍ ଆଖି। ସେ ସବୁକିଛି ପ୍ରେମର ପୁସ୍ତକରେ ଗୋଟେ ଗୋଟେ ମଧୁର ପୃଷ୍ଠା। ଦୁଇ ପ୍ରେମ ପକ୍ଷୀଙ୍କ ରାଗ, ରୁଷା, ଅଭିମାନ, ଆକର୍ଷଣର ଫେଣ୍ଟାଫେଣ୍ଟି ରୂପର ନାଁ ହିଁ ତ ପ୍ରେମ...ପ୍ରେମର ପ୍ରକାର ବି ବଡ ନିଆରା, ପ୍ରେମ ଦୁଇପଟରୁ ହୁଏ, ଏକପାଖିଆ ହୁଏ, ଏକାଧିକ ବି ହୁଏ। ବୋଧହୁଏ,ଏକପାଖିଆ ପ୍ରେମ ଉପରେ ପ୍ରେମିକର ହକ୍ ବେଶି ଥାଏ। ଆଉ ଦୁଇ ପାଖିଆ ପ୍ରେମ - ହଁ, ପ୍ରେମିକ/ପ୍ରେମିକା ତ ପ୍ରେମକୁ ପୂର୍ଣ୍ଣତା ଦିଅନ୍ତି, ପ୍ରେମ ନିର୍ଜୀବ ପ୍ରାଣରେ ଜୀବନ ଭରେ। ସମସ୍ତଙ୍କ ଜୀବନରେ ପ୍ରଥମ ପ୍ରେମ ଗୋଟେ ନିଆରା ଅନୁଭୂତି। ପ୍ରଥମ ପ୍ରେମ ପ୍ରେମ ନୁହେଁ, ଗୋଟେ ସୁନ୍ଦର ଅନୁଭୂତି। କହନ୍ତି, ଯାହା ଜୀବନରେ ଥରେ ଅଧେ ପ୍ରେମ ଆସିନି,ସେ ଜୀବନ କଣ ଜାଣିନି, ଜୀବନକୁ ଜିଇବା ଶିଖିନି।

ଏକଥା ସତ ପ୍ରତିବର୍ଷ ଫେବୃଆରୀ ଆସେ...ପ୍ରତିବର୍ଷ ରୋଜ୍ ଡେ,ଚକଲେଟ୍ ଡେ, ପ୍ରମିଜ୍ ଡେ ଡେଇଁ, ଭାଲେଣ୍ଟାଇନ୍ ଡେ' ଆସେ। ପ୍ରେମର ସପ୍ତାହ ପାଳନ, ପ୍ରେମଋତୁକୁ ପର୍ବ ଭାବେ ବିତାଉ। ହେଲେ ସେ ସବୁ ପରେ ବି, ପ୍ରେମକୁ ଏ ମାସ ଆଉ ଦିନ କେଇଟା ବାନ୍ଧିବା ବୋଧହୁଏ ସହଜ ନୁହେଁ। ପ୍ରେମ ଗୋଟେ ଅପୂର୍ବ ଅନୁଭବ, ପ୍ରେମ ଗୋଟେ ଅକୁହା ଆନନ୍ଦ। ପ୍ରେମ ଜାଣି ଜାଣି ଅଜଣା ହେବାର ଅଭିନୟ। ସବୁକିଛି କହି, କିଛି ନକହିବାର ଛଳନା ହିଁ ପ୍ରେମ। ତେଣୁ ଆସନ୍ତୁ, ପ୍ରେମର ଦିନରେ କେବଳ ନୁହେଁ ଆମେ ହୃଦୟ ଦେଇ ସବୁ ଦିନ ପ୍ରେମ କରିବା, ପ୍ରେମରେ ହଜିବା।

ପ୍ରେମ ଭୁଲି ହୁଏନି। ପ୍ରେମ ତ ସମସ୍ତେ କରନ୍ତି ମାତ୍ର ପ୍ରଥମ ପ୍ରେମ ସବୁବେଳେ ଖାସ୍ ହୋଇଥାଏ। ତା'ର ଅନୁଭବ ସେ ହିଁ କହିପାରିବ, ଯିଏ ଏହାକୁ ଅଙ୍ଗେ ନିଭେଇଥିବ। ଉଭୟ ପୁଅ ଓ ଝିଅଙ୍କ କ୍ଷେତ୍ରରେ ପ୍ରଥମ ପ୍ରେମ ସବୁଠାରୁ ଅଧିକ ଗୁରୁତ୍ୱ ହୋଇଥାଏ। ଅନେକ ଲୋକ ବିବାହ କରି ଖୁସିରେ ଜୀବନ ବିତାଉଥିଲେ ମଧ୍ୟ ସେମାନେ ନିଜର ପ୍ରଥମ ପ୍ରେମକୁ ଭୁଲିପାରି ନଥାନ୍ତି। କୁହାଯାଏ, ଜୀବନରେ ପ୍ରେମ ବାରମ୍ବାର ଆସିଥାଏ, କିନ୍ତୁ ପ୍ରଥମ ପ୍ରେମର ମହତ୍ତ୍ୱ ଏକ ସ୍ୱତନ୍ତ୍ର ହୋଇଥାଏ। ଯିଏ ପ୍ରେମ କରିଛି ସିଏ ହିଁ ଏହା ଅନୁଭବ କରିପାରିବ।

ପ୍ରଥମ ଜିନିଷ ପ୍ରତ୍ୟେକ କ୍ଷେତ୍ରରେ ସ୍ପେଶାଲ ହୋଇଥାଏ। ସେଥିପାଇଁ ପ୍ରତ୍ୟେକ ମଣିଷଙ୍କ କ୍ଷେତ୍ରରେ ପ୍ରଥମ ପ୍ରେମ ଖାସ୍ ହୋଇଥାଏ। ଏହି ସମୟରେ ପ୍ରେମୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଆଶାର ସଞ୍ଚାର ଭରିଥାଏ। କୁହାଯାଏ ପ୍ରଥମ ପ୍ରେମ ଜଣଙ୍କର ହୃଦୟ ଓ ଭାବନା ସହିତ ଜଡ଼ିତ ଥାଏ। ଯାହାକୁ ଭୁଲିବା କଷ୍ଟକର ହୋଇଥାଏ

ହୁଏତ ପ୍ରଥମ ପ୍ରେମ ସଫଳ ବା ବିଫଳ ହୋଇପାରେ, ମାତ୍ର ଏହାର ଅନୁଭବ ନିଶ୍ଚିତ ଭାବେ ଅନନ୍ୟ। ଯେଉଁମାନେ ପ୍ରଥମ ପ୍ରେମରେ ବିଫଳ ହୁଅନ୍ତି, ତାହା ଅତ୍ୟନ୍ତ ବିଦାରକ ହୋଇଥାଏ। ସତେ ଯେମିତି ହୃଦୟକୁ କ୍ଷତ ବିକ୍ଷତ କରିପକାଏ। ସେହି କ୍ଷତ ଜୀବନ ସାରା ଭରି ରହିଥାଏ। ତୃତୀୟତଃ ପ୍ରଥମ ପ୍ରେମ ସର୍ବଦା ଅତ୍ୟନ୍ତ ନିରୀହ ଥାଏ। କେହି କାହାଠାରୁ କିଛି ପାଇବାର ଆଶା ନଥାଏ। ପ୍ରଥମ ପ୍ରେମ ଗୋଟିଏ ସରଳ ଶିଶୁ ପରି। ତେଣୁ ଏହାକୁ ଭୁଲିବା କଷ୍ଟକର ହୋଇଥାଏ।

ଚତୁର୍ଥତଃ ପ୍ରଥମ ପ୍ରେମ ମଣିଷର ମନ ଓ ହୃଦୟର ପ୍ରତ୍ୟେକ କୋଣ ଅନୁକୋଣରେ ପହଞ୍ଚି ଯାଇଥାଏ। ଏହାକୁ ଭୁଲିବା ଏତେ ସହଜ ହୋଇନଥାଏ। କିଛି ପୁଅ ବା ଝିଅ ପ୍ରେମରେ ବିଫଳ ହୋଇ ଆତ୍ମହତ୍ୟା କରି କୁପଥକୁ ଆଦରି ନେଇଥାନ୍ତି। ସେ କ୍ଷେତ୍ରରେ ସେମାନଙ୍କର ମାନସିକ ପରିପକ୍ୱ ଯାହା ହେଉନା କାହିଁକି, କିନ୍ତୁ ତାହା ଯେ ପ୍ରଥମ ପ୍ରେମର ଏକ ଝଲକ ତାହା ସ୍ୱୀକାର କରିବାକୁ ପଡ଼ିବ।

ପଞ୍ଚମରେ କୁହାଯାଏ ପ୍ରକୃତ ପ୍ରେମ ଭାଗ୍ୟରେ ଥିଲେ ମିଳିଥାଏ। ପ୍ରଥମ ପ୍ରେମ ମଣିଷକୁ ଅନେକାଂଶରେ ପରିବର୍ତ୍ତନ କରିଦେଇଥାଏ। ପ୍ରଥମ ପ୍ରେମର ସ୍ମୃତିଗୁଡ଼ିକ ସାରା ଜୀବନ ପାଇଁ ଅଭୁଲା ହୋଇ ରହିଥାଏ। ଯଦିଓ ସମୟ ବଦଳିବା ସହିତ ପ୍ରେମର ସଂଜ୍ଞା ବଦଳିବାରେ ଲାଗିଛି, ତଥାପି କିଛି ପ୍ରେମୀଙ୍କ ମଧ୍ୟରେ ଏହାର ଛାପ ଏବେ ବି ବାରି ହୋଇପଡ଼େ।

ପ୍ରେମ ବିବାହ ଶବ୍ଦଟି ସାଧାରଣତଃ ଦକ୍ଷିଣ ଏସିଆ, ଖାସ କରି ଭାରତ,ପାକିସ୍ତାନ,ବଙ୍ଗଳାଦେଶ ଓ ଶ୍ରୀଲଙ୍କାରେ ବର୍ଣ୍ଣିତ ଅଟେ। ଏହା ଏପରି ଏକ ବିବାହ ଅଟେ ଯେଉଁଠାରେ ପୁଅ ଓ ଝିଅ ନିଜ ଇଚ୍ଛାରେ ନିଜ ମନପସନ୍ଦ ସାଥି ସହିତ ପରିବାରର ସହମତି କିମ୍ବା ବିନା ସହମତିରେ ବିବାହ କରିଥାନ୍ତି। ପ୍ରେମ ବିବାହର କୌଣସି ସ୍ପଷ୍ଟ ପରିଭାଷା ନାହିଁ। ଏହା ସାଧାରଣତଃ ଏକ ବିବାହର ବର୍ଣ୍ଣନା କରିବା ପାଇଁ ଉପଯୋଗ କରାଯାଏ ଯାହା ଯୁଗଳର ଏକମାତ୍ର ନିର୍ଣ୍ଣୟ ଅଟେ।ଅର୍ଦ୍ଧେଥିପଲ ପ୍ରେମୀ "ରୋମିୟୋ ଓ ଜୁଲିୟେଟ"ଦ୍ୱାରା ଚିତ୍ରିତ "ଫ୍ରାଙ୍କ ବର୍ଣ୍ଣ ଡ୍ରିସ୍କ" ଏହାର ନମୁନା।

ଭାରତରେ ପ୍ରେମ ବିବାହ ଦେଖିବାକୁ ଯଥେଷ୍ଟ ମିଳିଛି।ପ୍ରେମିକ ଓ ପ୍ରେମିକା ଦୁହେଁ ଦୁହିଁଙ୍କ ପାଇଁ ବାହାଘର ଠିକ୍ କରିଥାନ୍ତି। ଏହି ବିବାହ ଜାତି,ଧର୍ମ,ସାମାଜିକ ପ୍ରଥାକୁ ଭାଙ୍ଗି ଦେଇ ପାରେ। ଭାରତରେ ଏହା ୧୯୭୦ ପରଠାରୁ ପ୍ରଚଳିତ ହୋଇଥିଲା। ଏହି ବିବାହରେ ପରିବାରର ସୀକୃତି ବାଧ୍ୟତାମୂଳକ ନୁହେଁ। "ପ୍ରେମ ବିବାହ" ଶବ୍ଦର ବ୍ୟଭାର ବିବାହର ଏକ ନୂତନ ଅବଶର ରୂପକୁ ଧ୍ୟାନାନ୍ତର କରାଇଥାଏ, ଯେଉଁଥିରେ ଆୟୋଜିତ ବିବାହ ଓ ପ୍ରେମ ବିବାହର ତତ୍ତ୍ୱ ଉଭୟ ସାମିଲ ହୋଇ ରହିଥାଏ। ୨୦୧୨ ଏନଡ଼ିଟିଭି ସର୍ଭେ ଅନୁସାରେ ୭୪% ଲୋକେ ଆୟୋଜିତ ବିବାହକୁ ପସନ୍ଦ କରିଥିଲେ। ୨୦୧୪ ମସିହାରେ ସଂଯୁକ୍ତ ରାଷ୍ଟ୍ର ଜନସଂଖ୍ୟା କୋଷ ଓ "ଇଣ୍ଟରନ୍ୟାସନାଲ ସେଣ୍ଟର ଫର ରିସର୍ଚ ଅନ ଓମ୍ୟାନ"ଦ୍ୱାରା କରାଯାଇଥିବା ସର୍ବେକ୍ଷଣରୁ ଜଣା ପଡିଲା ୧୧.୭% ପୁରୁଷ ଓ ୮.୫% ମହିଳାମାନେ ନିଜ ଜୀବନସାଥୀଙ୍କୁ ନିଜେ ବାଛି ଥିଲେ ଏବଂ ପରିବାର ସହମତି କିମ୍ବା ବିନା ସହମତିରେ ବିବାହ କରିଥିଲେ।

ସେଭଳି ପଡୋଶୀ ପାକିସ୍ତାନରେ ପ୍ରେମ ବିବାହ ହେଉଛି।ପାକିସ୍ତାନରେ ପରିବାରଦ୍ୱାରା ଠିକ ହୋଇଥିବା ବିବାହ ଆଦର୍ଶ ଅଟେ ଓ ପ୍ରେମ ବିବାହ ବିରଳ ଅଟେ। ଯଦିଓ ମାନବ ହତ୍ ବହୁ ମାମଲା ପ୍ରତି ବର୍ଷ ରେକର୍ଡ କରାଯାଏ। ଏଠାରେ ପ୍ରେମ ବିବାହ ବିରଳ। ଲୋକମାନେ ଏହାର ଘୋର ବିରୋଧ କରନ୍ତି। ପ୍ରାୟ ଘଟଣାରେ ଝିଅକୁ ମାରି ଦିଆଯାଇଥାଏ। ଉଭୟ ପ୍ରେମୀ ଯୁଗଳଙ୍କୁ ହତ୍ୟା କରିବାର ବି ନଜର ରହିଛି। ପାକିସ୍ତାନରେ "ମାନବାଧିକାର ଆୟୋଗ" ମିଡିଆରେ ରିପୋର୍ଟ କରାଯାଇଥିବା ଏପରି ମୋକଦ୍ଦମା ୮୬୯ ମାମଲାକୁ ଗଣିଥିଲା, କିନ୍ତୁ ଧ୍ୟାନ ଦେଇଥିଲା ଯେ ଏହିପରି ବହୁ ମାମଲା ଅପ୍ରାପ୍ତ ମଧ୍ୟ ହୋଇପାରେ।

ବଙ୍ଗଳାଦେଶରେ ପ୍ରେମ ବିବାହ ବଡ଼ ବିଚିତ୍ର।ବଙ୍ଗଳାଦେଶରେ ରୋମାଣ୍ଟିକ ସମ୍ପର୍କକୁ ବର୍ଜିତ କରାଯାଇଛି। ସେଠାରେ ରୋମାଣ୍ଟିକ ଜୋଡି ଲୁଚି-ଲୁଚି ଦେଖା ହୁଅନ୍ତି ଏବଂ କଥାବାର୍ତ୍ତା ହୁଅନ୍ତି। ସାଧାରଣତଃ, ମାନବ ହତ୍ୟା ହୋଇନଥାଏ, କିନ୍ତୁ ସମାଜର ବଡ଼ ବଡ଼ ଅଂଶର ଇସ୍ଲାମିକ ପାଳନ କାରଣରୁ ରୂମାନିୟତ ବହୁ ଅଧିକ ନିରାଶ ନିରୁପାୟ ହୋଇଯାଏ। ରୋମାଣ୍ଟିକ ସମ୍ପର୍କରେ ସାମିଲ ହେବା କିମ୍ବା ନିଜ ଇଚ୍ଛାରେ ନିଜ ଜୀବନସାଥୀକୁ ବାଛିବା ମଧ୍ୟ ବହୁ କଷ୍ଟ ଅଟେ। ସମାଜ ବହୁ ଜଟିଳ ଭାବେ ଆୟୋଜିତ ବିବାହ ଉପରେ ନିର୍ଭର କରିଥାଏ।

ୟୁରୋପରେ ପ୍ରେମ ବିବାହ ନେଇ ଐତିହାସକାର "ସ୍ଟେଫିନ କଣ୍ଟେଜ"ଙ୍କ ଅନୁସାରେ, ୧୪ବିଂ ଶତାବ୍ଦୀରେ ପ୍ରେମ ଓ ବ୍ୟକ୍ତିଗତ କାରଣରୁ ବିବାହ ଦେଖାଦେଇଥିଲା। ଏହା ୧୭ବିଂ ଶତାବ୍ଦୀ ଆରମ୍ଭରୁ ଲୋକପ୍ରୀୟ ହେବାରେ ଲାଗିଲା। "ରାଣୀ ଭିକ୍ଟୋରୀୟୋ" ଓ "ଆଲବର୍ଟ, ରାଜା କନସର୍ଟ"ଙ୍କ ବିବାହ ବ୍ରିଟିସ ଜନତାଙ୍କ ମନରେ "ଭିକ୍ଟୀୟା ଯୁଗ"ରେ ପ୍ରେମ ବିବାହକୁ ଅଧିକ ସ୍ୱିକାର୍ଯ୍ୟ କରିଥିଲେ, ଯେଉଁଠାରେ କି ପ୍ରେମ ବିବାହ ବଢୁଥିଲା। ବାସ୍ତବରେ ପ୍ରେମ ଏକ ଅସରନ୍ତି ଭାବନା। ଯାହାର କେବେ ଶେଷ ନାହିଁ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍‌ଃ ୯୦୪୦ ୧୫୧୪ ୭୫

# ବିଜେଡି ଛାଡ଼ି ବିଜେପିରେ ଯୋଗଦେଲେ ରୁଦ୍ର ସାମନ୍ତରାୟ



## ବିଜେପି ରାଷ୍ଟ୍ର ନିର୍ମାଣକୁ ଗୁରୁତ୍ୱ ଦିଏ: ଅପରାଜିତା

ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ ବିଜେଡି ଛାଡ଼ି ସମର୍ଥକଙ୍କ ସହ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲା ଯୁବ ସମ୍ପାଦକ ଅଶୋକ ପଲେଇ, ଲୋପାମୁଦ୍ରା ନାୟକ, ଦେବଶିଷ ରଣା, ମିଳନ ପାଇକରାଏ, ସୌରଭ ମହାନ୍ତି, ବିଶ୍ୱଜିତ୍ ଦାସ ପ୍ରମୁଖ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

ଏହି ଅବସରରେ ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ ଆଜିର ମିଶ୍ରଣ ପର୍ବ ପରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେପି ସଂଗଠନ ଆହୁରି ସୁଦୃଢ଼ ହୋଇଛି। ରାଷ୍ଟ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବା ବିଜେପି ଦଳ ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଏହି ଦଳରେ ୧୪ କୋଟିରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଥିବା ବେଳେ ଦେଶର ୨୨ ରାଜ୍ୟରେ ବିଜେପି ଓ ଏନ୍‌ଡିଏ ସରକାର ରହିଛି। ଗଙ୍ଗୋତ୍ରୀରୁ ଗଙ୍ଗା ସାଗର ପର୍ଯ୍ୟନ୍ତ ଆମର ସରକାର ରହିଛି। ବିଜେପିର କାର୍ଯ୍ୟ ଶୈଳୀ ଓ ବିଚାରଧାରା ଉପରେ ବିଶ୍ୱାସ କରି କାର୍ଯ୍ୟକର୍ତ୍ତାମାନେ ଅନ୍ୟାନ୍ୟ ରାଜନୈତିକ ଦଳ ଛାଡ଼ି ବିଜେପିରେ ଯୋଗଦେଉଛନ୍ତି। କାରଣ ବିଜେପି ସକାରାତ୍ମକ ରାଜନୀତିରେ ବିଶ୍ୱାସ କରି ରାଷ୍ଟ୍ର ନିର୍ମାଣକୁ ଗୁରୁତ୍ୱ ଦିଏ। ଏନେଇ ରାଷ୍ଟ୍ର ନିର୍ମାଣର ଭାବନା ନେଇ ସମସ୍ତେ ଗୋଟିଏ ଦିଶାରେ କାର୍ଯ୍ୟକରି ଦଳକୁ ଅଧିକ ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଜନସେବାକୁ ସଂକଳ୍ପ ନେଇ ସେ ଏକ ନୂଆଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ, ରାଜ୍ୟସଭାପତି ମନମୋହନ ସାମଲଙ୍କ ଆର୍ଶୀବାଦ, ସାସଂଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ କାର୍ଯ୍ୟଶୈଳୀ ଓ ଚିନ୍ତାଧାରାରେ ଅନୁପାଣିତ ହୋଇ ସେ ବିଜେପିରେ ଯୋଗଦେଇଛନ୍ତି। ୨୦ ବର୍ଷ ହେବ ବିଭିନ୍ନ ସାମାଜିକ ସଂଗଠନ ମାଧ୍ୟମରେ ସେ ଲୋକଙ୍କ ସେବା କରିଆସୁଥିଲେ। ଲୋକଙ୍କ ଅଧିକ ସେବା କରିବା ପାଇଁ ଗତ ୨୦୧୯ରେ ବିଜେଡିରେ ଯୋଗଦେଇଥିଲେ। ମାତ୍ର ସେଠାରେ ଲୋକଙ୍କୁ ଠିକ୍ ଭାବେ ସେବା କରିବାକୁ ସୁଯୋଗ ମିଳୁ ନ ଥିଲା। ଉଚିତ୍ ନେତୃତ୍ୱ, ପ୍ରେରଣା ଓ ସକ୍ରିୟ ମାର୍ଗଦର୍ଶନ ମିଳିପାରୁ ନ ଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ଆଗକୁ ବଢ଼ୁଥିବା ଦେଖି ବିଜେପିରେ ଯୋଗଦେବାକୁ ସ୍ଥିର କରିଥିବା ଶ୍ରୀ ସାମନ୍ତରାୟ କହିଛନ୍ତି।

**ମହାନଦୀରେ ଉପଲବ୍ଧ ଜଳରାଶି ସଂକ୍ରାନ୍ତ ଚିନ୍ତନ ବୈଠକ**

# ଦିଲ୍ଲୀରେ ହେବ ଜାତୀୟ ସ୍ତରର ବିଶେଷଜ୍ଞ ସମ୍ମିଳନୀ



## ଭୁବନେଶ୍ୱରରେ ଆୟୋଜିତ ହେବ ମାନବ ଶୃଙ୍ଖଳ

ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଆଜି ମହାନଦୀରେ ଉପଲବ୍ଧ ଜଳରାଶି ପ୍ରସଙ୍ଗରେ ଏକ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଛି। ଶାସକ ବିଜେପିକୁ ଛାଡ଼ି ଓଡ଼ିଶାର ସମସ୍ତ ରାଜନୈତିକ ଦଳ, ବିଶେଷଜ୍ଞ, ପୂର୍ବତନ ଯନ୍ତ୍ରୀ, ପ୍ରଶାସକ, ବୁଦ୍ଧିଜୀବୀ ଏଥିରେ ଯୋଗ ଦେଇଥିଲେ। ପୂର୍ବତନ ଡିଜି ଅମୀୟ ଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି ଚିନ୍ତନ ଶିବିର ଅନୁଷ୍ଠିତ ହୋଇଥିଲା।

ମହାନଦୀ ଟ୍ରିବ୍ୟୁନାଲ ନିକଟରେ ଦାଖଲ ହୋଇଥିବା ତଥ୍ୟ ବା ଡାଟାକୁ ଜାତୀୟ ସ୍ତରରେ ପ୍ରତିଷ୍ଠିତ ଯନ୍ତ୍ରୀ ଓ ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି। ପୂର୍ବତନ ଜଳସେଚନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ହୀରାକୁଦ ତଳ ମୁଣ୍ଡରେ ମହାନଦୀ ଜଳ ସଂରକ୍ଷଣ ପାଇଁ ଓଡ଼ିଶା ସରକାର ଆନ୍ତରିକ ଭାବେ ଉଦ୍ୟମ କରିବା ଦରକାର। ବିଜେଡି ବିଧାୟକ ତଥା ମହାନଦୀ ଜଳ ବିବାଦର ସମାଧାନ ପାଇଁ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି ସଦସ୍ୟ ନିରଞ୍ଜନ ପୂଜାରୀ କହିଥିଲେ ଯେ ଆପୋଷ ଆଲୋଚନା ମାଧ୍ୟମରେ ଜଳ ବିବାଦର ସମାଧାନ କଥା ସରକାର କହିଥିଲେ। କିନ୍ତୁ ଏ ଦିଗରେ କମିଟି ସେମିତି କିଛି ବିଶେଷ ଅଗ୍ରଗତି କରିପାରିନାହିଁ। ଏପରିକି ଯେଉଁ ତଥ୍ୟ ଟ୍ରିବ୍ୟୁନାଲ ନିକଟରେ ଦାଖଲ ହେଉଛି, ସେନେଇ ମଧ୍ୟ କମିଟି ସଦସ୍ୟମାନଙ୍କୁ ଅବଗତ କରାଯାଇନାହିଁ।

ଏହି ଚିନ୍ତନ ଶିବିରରେ ସର୍ବସମ୍ମତି କ୍ରମେ ୩ଟି ପ୍ରସ୍ତାବ ପାରିତ ହୋଇଥିଲା। ମହାନଦୀରେ ପ୍ରକୃତରେ କେତେ ପାଣି ଉପଲବ୍ଧ, ତାକୁ ନେଇ ଦିଲ୍ଲୀରେ ଏକ ଜାତୀୟସ୍ତରୀୟ ବିଶେଷଜ୍ଞ ସମ୍ମିଳନୀ ଆୟୋଜିତ ହେବ। ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ମହାନଦୀର ସୁରକ୍ଷା ପାଇଁ ଭୁବନେଶ୍ୱରରେ ଏକ ମାନବ ଶୃଙ୍ଖଳ ଆୟୋଜିତ ହେବ। ତୃତୀୟରେ ନଦୀକୂଳିଆ ଜିଲ୍ଲାଗୁଡ଼ିକରେ ମହାନଦୀ ବଞ୍ଚାଅ ସମ୍ମିଳନୀ ଆୟୋଜନ ସହ ମହାନଦୀ ଯାତ୍ରା ଆୟୋଜିତ ହେବାକୁ ନିଷ୍ପତ୍ତି ହୋଇଛି।

# କ୍ରାନ୍ତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ




ବ୍ରହ୍ମପୁର,୩୧।୫(ସଂଚାର ବ୍ୟୁରୋ): ସ୍ଥାନୀୟ ବ୍ରହ୍ମନଗର ପ୍ରଥମ ସରଣୀସ୍ଥିତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ତରଫରୁ ରବିବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି। କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଏମ୍‌ସିର ମେୟର ସଂଘମିତ୍ରା ଦଳାଇ, ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବ୍ରହ୍ମପୁର ଡେଣ୍ଟାଲ କ୍ଲିନିକ୍‌ର ଡାକ୍ତର ଦେବ୍ୟାନି ଦେବ ଓ ଆଇଏସଆରଡିର ନିର୍ଦ୍ଦେଶକ ସୁଧୀର ସାବତ ଓ ସମାଜସେବୀ ବନମାଳୀ ପ୍ରଧାନଙ୍କ ସମେତ ବହୁ ଯୋଗଦେଇ ତମାଖୁ ସେବନର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ, ଯୁବସମାଜ ଓ ଜନସାଧାରଣଙ୍କୁ ବୁଝାଇଥିଲେ। ଉପସ୍ଥିତ ଥିବା ବ୍ୟକ୍ତିମାନେ ତମାଖୁ ମୁକ୍ତ ଭାରତ ଗଠନ ପାଇଁ ଶପଥ ନେଇଥିଲେ। ମୁଖକର୍କଟରେ ପୀଡ଼ିତ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାନନ୍ଦ ଦାଶ ନିଜର ଦୁଃଖଦାୟକ ଅନୁଭୂତି ବର୍ଣ୍ଣନା କରିବ ସହ ତମାଖୁଠାରୁ ଦୂରେଇ ରହିବାକୁ ନିବେଦନ କରିଥିଲେ। ପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟଠାରୁ ଏକ ସଚେତନତା ପଦଯାତ୍ରା ବାହାରିଥିଲା। ଏହି ପଦଯାତ୍ରାରେ ନିମନ୍ତ୍ରିତ ଅତିଥିଙ୍କ ସହିତ ସାମନ୍ତରାୟ ଏକାଡେମୀ, ରାମହରି ନଗର ଶିଶୁମନ୍ଦିରର ଏନ୍‌ସିସି ଓ ସ୍କାଉଟ ଛାତ୍ରଛାତ୍ରୀ, ଆଇଏସଆରଡି ଅନୁଷ୍ଠାନ, ଶକ୍ତି ସଦନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କ୍ରାନ୍ତି ଅନୁଷ୍ଠାନ ତରଫରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ରାଜାରାମ ପାଢ଼ୀ, ଚର୍ଚ୍ଚିକା ଦାଶ, ଶ୍ରୀମନ୍ତ ପଟ୍ଟନାୟକ, ଚିନ୍ମୟାନନ୍ଦ ଦାଶ, ପୂର୍ଣ୍ଣଚନ୍ଦ୍ର ସାହୁ, ଓଁ ପ୍ରସାଦ ଗୌଡ଼ ଓ ଆଇଏସଆରଡିର ଗୋପାଳ କୃଷ୍ଣ ଦଳବେହେରା, ଶକ୍ତି ସଦନର ଶୟନୀ ମଲ୍ଲିକ, ପାର୍ବତୀ ମଲ୍ଲିକ ଓ ରାମହରିନଗର ଶିଶୁ ମନ୍ଦିରର ଏନସିସି ଶିକ୍ଷକ ହରପ୍ରସାଦ ବକ୍ସି ସମେତ କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୱାନ ଷ୍ଟେପ୍ ସେଣ୍ଟର୍ ଓ ସମାନ୍ତରାୟ ଏକାଡେମୀର କର୍ମକର୍ତ୍ତାଗଣ ସହଯୋଗ କରିଥିଲେ।

# ସ୍ତ୍ରୀକୁ ମାରି ପୋତିଦେଲା ସ୍ୱାମୀ



କଟକ,୩୧।୫(ସଂଚାର ବ୍ୟୁରୋ): ପ୍ରେମ କରି ବିବାହ କରିଥିଲା। କିନ୍ତୁ ପ୍ରେମ ବେଶୀ ଦିନ ତିଷ୍ଠିପାରିଲାନି। ଶେଷରେ ତଣ୍ଟିଚିପି ସ୍ତ୍ରୀକୁ ମାରିବା ସହ ପୋତିଦେଲା ସ୍ୱାମୀ। ଏଭଳି ଘଟଣା ଘଟିଛି କଟକ ଜିଲ୍ଲା ଟାଙ୍ଗୀ ଥାନା ଭଟିମୁଣ୍ଡା ଗ୍ରାମରେ। ଭଟିମୁଣ୍ଡା ଗ୍ରାମର ମଳୟ ସାମଲ ୨୦୧୯ ମସିହାରେ ବାଲିକୁଦା ଥାନା ଅଞ୍ଚଳ ବରମା ଗ୍ରାମର ବନୀତା ସେଠୀଙ୍କୁ ଭଲପାଇ ବିବାହ କରିଥିଲା। ଦୁହେଁ ବାଲିକୁଦା ଅଞ୍ଚଳରେ ରହୁଥିବା ବେଳେ ଦୁଇବର୍ଷ ହେବ ସେମାନେ ଗାଁକୁ ଆସିଥିଲେ। ବନୀତା ଏକ ଘରୋଇ ଶିକ୍ଷା ଅନୁଷ୍ଠାନରେ କାମ କରୁଥିଲା ବେଳେ ମଳୟ ରାଜମିସ୍ତ୍ରୀ କାମ କରେ। ପାରିବାରିକ କଳହରୁ ଦୁହିଁଙ୍କ ମଧ୍ୟରେ କଳି ଝଗଡା ଲାଗି ରହିଥିଲା। ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବନୀତା ଘରକୁ ନ ଫେରିବାରୁ ବନୀତାର ସମ୍ପର୍କୀୟମାନେ ବାପଘର ଲୋକଙ୍କୁ ଜଣାଇଥିଲେ। ଏନେଇ ବାପଘର ଲୋକେ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଟାଙ୍ଗୀ ପୋଲିସ ବନୀତାର ସ୍ୱାମୀ ମଳୟକୁ ଡାକି ପଚରା ଉଚରା କରିବା ପରେ ସେ ବନୀତାକୁ ମାରି ବସ୍ତାରେ ଭର୍ତ୍ତି କରି ମେଣ୍ଟାଖାଇ ନଦୀ କୂଳରେ ପୋତି ଦେଇଥିବା ମାନି ଯାଇଥିଲା। ପୋଲିସ ମଳୟକୁ ଘଟଣାସ୍ଥଳକୁ ଆଣି ଜାଗା ଚିହ୍ନଟ କରିବା ପରେ ପରିବାର ଲୋକ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମହିଳାଙ୍କ ଶବ ଖୋଳି ଉଦ୍ଧାର କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡ଼ିକାଲକୁ ପଠାଇଛି। ଏନେଇ ପୋଲିସ ମଳୟକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

# ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ସ୍ୱରଚିତ ଗୁରୁ ଭାଗବତ ପଠନ କାର୍ଯ୍ୟକ୍ରମ



ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ): ସ୍ଥାନୀୟ ୟୁନିଟ-୯ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଥିବା ସଭାଗୃହରେ ଓଡ଼ିଆ ସାହିତ୍ୟର ଅସ୍ମିତା ଶ୍ରୀ ଗୁରୁ ଭାଗବତ, ପ୍ରଥପ୍ରାନ୍ତ ନାଟକ- ଆସ, ଗୁରୁ ଭାଗବତ ପଢ଼ିବା, ଗ୍ରନ୍ଥକାର ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ସ୍ୱରଚିତ ଗୁରୁ ଭାଗବତ ପଠନ ଓ ଆଲୋଚନା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଟକ ଗୋପାଳପୁରସ୍ଥିତ ଗୁରୁ ଭାଗବତ ଟୁଙ୍ଗୀର କର୍ମକର୍ତ୍ତାମାନେ ଗୁରୁ ଭାଗବତ ବିଷୟରେ ଆଲୋଚନା କରିବା ସହ ସଙ୍ଗୀତ ମାଧ୍ୟମରେ ପଠନ କରି ଉପସ୍ଥିତ ଥିବା ସହସ୍ର ଶ୍ରୋତାଙ୍କ ମନମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଶାସିକା ରେଣୁବାଳା ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ପ୍ରଶାସକପ୍ରଶାସିକା, ଶିକ୍ଷାବିତ, ବରିଷ୍ଠ ଇଞ୍ଜିନିୟର, ଚାର୍ଟର୍ଡ ଆକାଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରୀଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷିତ ବ୍ୟକ୍ତିବିଶେଷ, ସାମାଜିକ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସନ୍ତୋଷ କୁମାର ପ୍ରଧାନ, ଦୀପକ ବେହେରା ମଧ୍ୟ ଉପସ୍ଥିତ ଥିଲେ।

# ସାରା ରାଜ୍ୟକୁ ସମ୍ପ୍ରସାରିତ ହେବ ଓଏସ୍ଏଚ୍‌ବି ସୁଲଭ ଗୃହ ପ୍ରକଳ୍ପ



ଭୁବନେଶ୍ୱର, ୩୧।୫ (ସଂଚାର ବ୍ୟୁରୋ): ରାଜ୍ୟ ଗୃହ ନିର୍ମାଣ ବୋର୍ଡ (ଓଏସ୍‌ଏଚ୍‌ବି) ପକ୍ଷରୁ ସାରା ରାଜ୍ୟରେ ଶସ୍ତା ଓ ସୁଲଭ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ କରାଯିବ। ଏଥିପାଇଁ ବିଭିନ୍ନ ବୃହତ ଆବାସିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରିବାକୁ ଆଜି ନିଷ୍ପତ୍ତି ହୋଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଏସ୍‌ଏଚ୍‌ବିର ଚାଲୁ ରହିଥିବା ଏବଂ ଆଗାମୀ ପ୍ରକଳ୍ପଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବୋର୍ଡର ଅଗ୍ରଗତି ଏବଂ ଆଗାମୀ ରୋଡମ୍ୟାପ୍ ନେଇ ଏହାର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ ସୂଚନା ଦେଇଥିଲେ। ସେ କହିଥିଲେ ଯେ ବୋର୍ଡ ପକ୍ଷରୁ ଏପର୍ଯ୍ୟନ୍ତ ୨୧ଟି ଜିଲ୍ଲାରେ ୩୨,୩୪୩ଟି ଗୃହ, ଦୋକାନ ଗୃହ ଓ ପ୍ଲଟ୍ ବିକଶିତ କରାଯାଇଛି। ଏହା ଆର୍ଥିକ ଅନଗ୍ରସର, ନିମ୍ନ ଆୟ, ମଧ୍ୟମ ଆୟ ଓ ଉଚ୍ଚ ଆୟ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ କରୁଛି। ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରାୟ ୬,୮୭୭ଟି ଆବାସିକ ୟୁନିଟ୍ ନିର୍ମାଣ ପାଇଁ ୪ଟି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଓଏସ୍‌ଏଚ୍‌ବି ଯୋଜନା କରିଛି। ସୁଆଙ୍ଗୋ ପିପିପି ପ୍ରକଳ୍ପ, ଏମ୍ସ ଭୁବନେଶ୍ୱର ନିକଟରେ ୧୨.୯ ଏକର ଜମିରେ ୨,୮୬୭ଟି ଗୃହ ନିର୍ମାଣ କରାଯିବ। ଏଥିରେ ୧,୦୩୪ଟି ସୁଲଭ ଗୃହ ଅନ୍ତର୍ଭୁକ୍ତ। ରଣସିଂହପୁରରେ ଇପିସି ଗୃହ ନିର୍ମାଣ ପ୍ରକଳ୍ପ ଅଧୀନରେ ୫.୭୮ ଏକର ଜମିରେ ପ୍ରାୟ ୩୧୭ କୋଟି ଟଙ୍କାରେ ୧,୨୬୨ଟି ଗୃହ ନିର୍ମାଣ କରାଯିବ।

# ‘ମନ୍ କୀ ବାତ’ ଶୁଣିଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ): ରବିବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଭିନ୍ନ ବିଭାଗର ମନ୍ତ୍ରୀ, ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳରେ କୁଳପତି ସ୍ଥାନୀୟ ଲୋକ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ କୀ ବାତ’ କାର୍ଯ୍ୟକ୍ରମ ଶୁଣିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି, ଜଳ ସଂରକ୍ଷଣ, ଭାରତର କ୍ରୀଡ଼ା ସଫଳତା, ସାଂସ୍କୃତିକ ଐତିହ୍ୟ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ତଥା ବିଭିନ୍ନ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟର ରାଜନୈତିକ ନେତୃତ୍ୱ, ପ୍ରଶାସକ ଓ ଶିକ୍ଷାବିତଙ୍କୁ ଏକାଠି କରିଥିଲା। ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ଏବଂ ପଦକ୍ଷେପକୁ ପ୍ରତିଫଳିତ କରିଥିଲା।

# ଡାଲମିଆ ଭାରତ ଫାଉଣ୍ଡେସନ ପକ୍ଷରୁ କୃଷି ଉପକରଣ ବଣ୍ଟନ




କଟକ,୩୧।୫(ସଂଚାର ବ୍ୟୁରୋ): ଗ୍ରାମୀଣ ଅର୍ଥନୀତିର ବିକାଶ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଡାଲମିଆ ଭାରତ ଲିମିଟେଡ୍‌ର ସାମାଜିକ ଦାୟିତ୍ୱ (ସିଏସଆର୍) ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) ପକ୍ଷରୁ କଟକ ଜିଲ୍ଲାର ୨୩ ଜଣ ଚାଷୀଙ୍କୁ କୃଷି ଉପକରଣ ବଣ୍ଟନ କରାଯାଇଛି। ଏହି ପଦକ୍ଷେପ ଜରିଆରେ ଚାଷୀମାନଙ୍କର ଜଳସେଚନ ସୁବିଧା ଓ କୃଷି ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି।

ଫାଉଣ୍ଡେସନ ପକ୍ଷରୁ ୧୩ ଜଣ ଚାଷୀଙ୍କୁ ବ୍ୟାଟେରୀଚାଳିତ ସ୍ପ୍ରେୟର ଓ ୧୦ ଜଣ ଧାନଚାଷୀଙ୍କୁ ୨ ଏଚ୍‌ପି ପେଟ୍ରୋଲ ଚାଳିତ ମୋଟର ପମ୍ପ ପ୍ରଦାନ କରାଯାଇଛି। ‘ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ’ ଅଧୀନରେ ୨୦୨୩ରୁ ଡିବିଏଫ୍ ଚାଷୀଙ୍କୁ ମୋଟର ପମ୍ପ ଓ ସ୍ପ୍ରେୟର ଯୋଗାଇ ଆସୁଥିବା ବେଳେ ଏପର୍ଯ୍ୟନ୍ତ ୩୪୦ ଜଣ ଚାଷୀ ଏହାର ସୁବିଧା ପାଇସାରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ କପିଳାସ ସିମେଣ୍ଟ ୱାର୍କ୍ସ (କେସିଡବ୍ଲୁ)ର ୟୁନିଟ୍ ହେଡ୍ ଦେବୀପ୍ରସାଦ ଦାସ ଏବଂ ଟେକ୍ନିକାଲ୍ ହେଡ୍ ଜଗଦୀଶ ବାଲା ଯୋଗଦେଇ ଚାଷୀମାନଙ୍କୁ ଉନ୍ନତ କୃଷି ପଦ୍ଧତି ଆପଣାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମର ବରିଷ୍ଠ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଦେବୀପ୍ରସାଦ ଦାସ କହିଥିଲେ ଯେ ଗ୍ରାମାଞ୍ଚଳର ହଜାର ହଜାର ପରିବାର ପାଇଁ କୃଷି ହେଉଛି ପ୍ରମୁଖ ଜୀବିକାର ଉତ୍ସ। ସ୍ଥାୟୀ କୃଷି ବିକାଶ ପାଇଁ ମୌଳିକ କୃଷି ଭିତ୍ତିଭୂମିର ସୁବିଧା ଯୋଗାଇବା ଅତ୍ୟନ୍ତ ଜରୁରୀ। ଏହି ପଦକ୍ଷେପ ମାଧ୍ୟମରେ ଚାଷୀମାନଙ୍କର କୃଷି କାର୍ଯ୍ୟରେ ଦକ୍ଷତା ବୃଦ୍ଧି ସହ ସ୍ଥାୟୀ କୃଷି ପଦ୍ଧତିକୁ ତୃଣମୂଳ ସ୍ତରରେ ସୁଦୃଢ଼ କରାଯାଉଛି।

**ହିଡେନ କ୍ୟାମେରା ଜବତ ଘଟଣାରେ ଏସ୍‌ପିଙ୍କ ପ୍ରେସ୍ ମିଟ୍**

# ଏକତରଫା ପ୍ରେମ ଉପରେ ନଜର ରଖିବାକୁ ଲାଗିଥିଲା

- କନିଷ୍ଠ ରାଜସ୍ୱ ସହାୟକ ଗିରଫ
- କ୍ୟାମେରା, ପେନ ଡ୍ରାଇଭ, ମୋବାଇଲ ଓ ହାର୍ଡଡିସ୍କ ଜବତ




ଜଗତସିଂହପୁର,୩୧।୫(ସଂଚାର ବ୍ୟୁରୋ): ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମହିଳା ୱାଶ୍‌ରୁମରୁ ସ୍ପାଏ କ୍ୟାମେରା ଜବତ ଘଟଣାରେ ଆଜି ଜଗତସିଂହପୁର ଏସପି ସାମ୍ବାଦିକ ସମ୍ମିଳନୀ କରି ରୋଚକ ତଥ୍ୟ ଦେଇଛନ୍ତି। ଏହି ଘଟଣାରେ ଜଡ଼ିତ ଅଭିଯୁକ୍ତ କନିଷ୍ଠ ରାଜସ୍ୱ ସହାୟକ ସଞ୍ଜୟ ଅଦେଖା କାର୍ଯ୍ୟାଳୟର ଜନୈକା ମହିଳା କର୍ମଚାରୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ଏପରି ଏକ ପନ୍ଥା ଆପଣେଇଥିବା ପୁଲିସ ସମ୍ମୁଖରେ ସ୍ୱୀକାର କରିଛି। ସଞ୍ଜୟ ବୈଷୟିକ କ୍ଷେତ୍ରରେ କିଛିଟା ଅଭିଜ୍ଞତା ରଖିଥିବାରୁ ସମସ୍ତଙ୍କ ଆଦରର ପାତ୍ର ଥିଲା। ଏହାର ସୁଯୋଗ ନେଇ ସେ ଜନୈକା ମହିଳା କର୍ମଚାରୀଙ୍କୁ ଏକତରଫା ପ୍ରେମ କରି ବସିବା ସହ ପ୍ରେମ ଜାଲରେ ଫସାଇବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲା। ପ୍ରେମରେ ବିଫଳ ହେବା ପରେ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ବ୍ଲାକମେଲ କରି କଳବଳେ କୌଶଳେ ନିଜ ଜାଲରେ ଫସାଇବା ପାଇଁ ସେ ଆରମ୍ଭ କରିଥିଲା ଷଡ଼ଯନ୍ତ୍ର। ୟୁଟ୍ୟୁବରୁ ଦେଖି ଅନ୍‌ଲାଇନରୁ ଗତ ଜାନୁଆରୀରେ ହିଡେନ ୱାୟାରଲେସ କ୍ୟାମେରା ମଗାଇଥିଲା। ଏହି କ୍ୟାମେରା ମଗାଇବା ପରେ ଏହାର ଅପରେଟିଂ ସିଷ୍ଟମ ୟୁଟ୍ୟୁବ୍‌ରୁ ଶିଖିଥିଲା। ଗତ ମାର୍ଚ୍ଚରୁ ମହିଳା ୱାଶ୍‌ରୁମରେ ଥିବା ଏକ ବେସିନର ତଳ ଭାଗରେ ସେ ଏହି କ୍ୟାମେରା ଲଗାଇ ମୋବାଇଲ ୱାଇଫାଇ ମାଧ୍ୟମରେ ସବୁ ଦେଖୁଥିଲା। ସପ୍ତାହକୁ ଥରେ କ୍ୟାମେରା କାଢ଼ି ଆଣି ଚାର୍ଜ କରି ପୁନର୍ବାର ନେଇ ସେଇ ସ୍ଥାନରେ ଲଗାଇ ମୋବାଇଲ ମାଧ୍ୟମରେ ଦେଖୁଥିଲା ବୋଲି ପୁଲିସ ଆଗରେ ପ୍ରକାଶ କରିଛି ଅଭିଯୁକ୍ତ। ମାତ୍ର ଗତ ୨୫ ତାରିଖ ଦିନ ସଞ୍ଜୟ ଉକ୍ତ କ୍ୟାମେରାକୁ ଚାର୍ଜ କରି ଲଗାଇବା ସମୟରେ ଅଫିସରେ ଅନ୍ୟ କର୍ମଚାରୀଙ୍କ ଚଳପ୍ରଚଳ ଯୋଗୁ ହଡ଼ବଡେଇ ଯାଇଥିଲା ଓ କ୍ୟାମେରାକୁ ତରବରିଆ ଭାବେ ଲଗାଇଥିଲା। ଫଳରେ କ୍ୟାମେରାଟି କିଛି ସମୟ ପରେ ଖସି ପଡ଼ିଥିଲା। ପରେ ଜିଲ୍ଲା ପରିଷଦ ଅଫିସରେ ଅର୍ଥ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀ ମଧୁସ୍ମିତା ସାମନ୍ତରାୟ ୱାଶ୍‌ରୁମକୁ ଯିବା ସମୟରେ ଉକ୍ତ କ୍ୟାମେରାକୁ ଦେଖିଥିଲେ। ଏହାକୁ ନେଇ ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ କରିଥିଲା। ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସିସିଟିଭି ଯାଞ୍ଚ ସହ ସାଇବର ଏକ୍ସପର୍ଟଙ୍କ ସୂଚନା ଆଧାରରେ ପୁଲିସ ସଞ୍ଜୟକୁ ପଚରାଉଚରା କରିଥିଲା।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଦବିରୋଧୀ ଆନ୍ଦୋଳନ

ଜଗତସିଂହପୁର,୩୦।୫(ସଂଚାର ବ୍ୟୁରୋ): ମଦର ପ୍ରଚାର ପ୍ରସାର ଓ ଏହାର ବହୁଳ ବ୍ୟବହାର ଯୋଗୁଁ ସମାଜରେ ଅନେକ ପରିବାର ଉଜୁଡ଼ି ଯାଉଛି। ସେଥିପାଇଁ ମଦବିରୋଧୀ ଆନ୍ଦୋଳନରେ ମହିଳା ମାନେ ନେତୃତ୍ୱ ନେଇ ଦୋକାନ ବନ୍ଦ କରିବା ସହ ଅନଶନ ଓ ଧାରଣା ଆଦି ଦେବାର ନଜିର ରହିଛି। କିନ୍ତୁ ମହିଳାଙ୍କ ମଦବିରୋଧୀ ଆନ୍ଦୋଳନ ସତ୍ତ୍ୱେ ମହିଳାଙ୍କ ନାମରେ ମଦ ଦୋକାନ ଲାଇସେନ୍ସ ଦିଆଯାଉଛି। ବିଶେଷକରି ଜଗତସିଂହପୁର ଜିଲ୍ଲାରେ ଅନେକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ମହିଳାଙ୍କ ନାମରେ ରହିଛି। ୨୦୨୬ -୨୦୨୭ ବର୍ଷ ନିମନ୍ତେ ମଦଦୋକାନ ନିଲାମ ପ୍ରକ୍ରିୟା ଆସନ୍ତା ୨ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭା ଗୃହଠାରେ ଜଗତସିଂହପୁର ଜିଲ୍ଲା ନିମନ୍ତେ ଅନୁଷ୍ଠିତ ହେବ। ଜିଲ୍ଲାରେ ଦେଶୀ ଓ ବିଦେଶୀ ମଦ ଦୋକାନ ପାଇଁ ୮୦୩ ଜଣ ଆବେଦନକାରୀଙ୍କ ମଧ୍ୟରୁ ୬୩୫ ଜଣ ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଆବେଦନ କରିଛନ୍ତି। ସେହିପରି ୧୬୮ ଜଣ ଦେଶୀ ମଦ ଦୋକାନ ନିମନ୍ତେ ଆବେଦନପତ୍ର ଦାଖଲ କରିଥିବା ଜଣାପଡ଼ିଛି। ୨୦୨୬ -୨୦୨୭ ବର୍ଷ ନିମନ୍ତେ ମଦ ଦୋକାନ ନିଲାମ ପ୍ରକ୍ରିୟା ପୂର୍ବରୁ ଏହାକୁ ବିରୋଧ କରି ଜଗତସିଂହପୁର ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଜିଲ୍ଲା ଶାଖାର ଆବାହିକା ବିଜୟଲକ୍ଷ୍ମୀଙ୍କ ଆହ୍ୱାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ପୂର୍ବାହ୍ନ ୯ଟାଠାରୁ ୧୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ସଂଗ୍ରାମୀ ସାଥୀ ସ୍ନେହାଂଶୁ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦୁର୍ଗା ଚରଣ ସ୍ୱାଇଁ, ଅମ୍ବିକା ପ୍ରସାଦ ମହାନ୍ତି, ପ୍ରମୋଦ କୁମାର ଦାଶ, ରାଧାରାଣୀ ପ୍ରଧାନ, ସବିତା ସାମଲ, ସବିତା ସ୍ୱାଇଁ, ଲିଲି ପଡ଼ିଆରୀ ପ୍ରମୁଖ ଯୋଗଦେଇ ସରକାରଙ୍କ ମଦ ପ୍ରସାର ଯୋଜନାକୁ ବିରୋଧ କରିବା ସହ ଜିଲ୍ଲା ଓ ରାଜ୍ୟରେ ମଦ ଦୋକାନ ନବୀକରଣ ପ୍ରକ୍ରିୟା ବନ୍ଦ କରିବା ପାଇଁ ଦାବି କରିଥିଲେ। ପରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ଅନ୍ୟ ରାଜ୍ୟମୁହାଁ ବିଏଡ୍ ଆଶାୟୀ



ଭୁବନେଶ୍ୱର,୩୧।୫: ଶିକ୍ଷକଟିଏ ହେବା ପାଇଁ ଯେଉଁ ଆଗ୍ରହୀ ଛାତ୍ରଛାତ୍ରୀମାନେ ବିଏଡ୍ ପ୍ରବେଶିକା ପରୀକ୍ଷା ଦେଉଛନ୍ତି ସେମାନଙ୍କ ପାଇଁ ଏବେ ଆସନ କମ୍ ରହିଛି। ରାଜ୍ୟରେ ଉଭୟ ସରକାରୀ ଓ ସେଲ୍ଫ ଫାଇନାନ୍ସି ପାଠ୍ୟକ୍ରମରେ ୨ବର୍ଷିଆ ବି.ଏଡ୍‌ରେ ୨୪୫୦ ଟି ଆସନ ଥିବା ବେଳେ ଚଳିତ ବର୍ଷ ୧.୩୦ ଲକ୍ଷ ଛାତ୍ରଛାତ୍ରୀ ଏଥିପାଇଁ ପରୀକ୍ଷା ଦେଇଛନ୍ତି। ଓଡିଶାରେ ଆସନ ଅଭାବର ସୁଯୋଗ ନେଇ ପଡୋଶୀ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡିକ ଏବେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ରାଜ୍ୟରେ ପଢ଼ିବା ପାଇଁ ପ୍ରଲୋଭିତ କରିବାରେ ଲାଗିଛନ୍ତି।

ରାଜ୍ୟରେ ଦୁଇବର୍ଷିଆ ବି.ଏଡ୍ ପାଠ୍ୟକ୍ରମ ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଅଧିନରେ ୧୬ଟି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ରହିଛି। ଏଠାରେ ୧୭୦୦ ଛାତ୍ରଛାତ୍ରୀ ନାମଲେଖାଇ ପାରିବେ। ଏହାଛଡା ଆଉ କିଛି ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସେଲ୍ଫ ଫାଇନାନ୍ସି କୋର୍ସ ଜରିଆରେ ବିଏଡ୍ ପାଠ ପଢାଯାଉଛି। ଏଥିପାଇଁ ମୋଟ୍ ୭୫୦ ଆସନ ରହିଛି। ମୋଟାମୋଟି ଭାବେ ଦୁଇବର୍ଷିଆ ବିଏଡ୍ ପାଠ୍ୟକ୍ରମ ପାଇଁ ମୋଟ୍ ୨୪୫୦ଟି ଆସନ ରହିଛି। ଏଥିମଧ୍ୟରୁ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ଆସନ ବାଣ୍ଟି ଦିଆଯାଇଛି।

ବର୍ତ୍ତମାନ ଶିକ୍ଷକ ବୃତ୍ତି ପାଇଁ ଆଗ୍ରହ ପ୍ରକାଶ ପାଇବା ଫଳରେ ଲକ୍ଷାଧିକ ଛାତ୍ରଛାତ୍ରୀ ବିଏଡ୍‌ରେ ନାମ ଲେଖାଇବାକୁ ଆଗ୍ରହୀ। ଫଳରେ ଚଳିତ ବର୍ଷ ଏକ ଲକ୍ଷ ୩୦ ହଜାର ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଛନ୍ତି। ଏତେ ସଂଖ୍ୟାରେ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଉଥିବା ବେଳେ ସରକାରୀ ସ୍ତରରେ ଏହାକୁ ବିଚାରକୁ ନେଇ ଆସନ ସଂଖ୍ୟା ବୃଦ୍ଧି କରାଯାଉନାହିଁ। ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଯେଉଁମାନେ ବି.ଏଡ୍ ପାଠ ପଢିବେ ସେମାନେ ଦୁଇ ବର୍ଷରେ ପାଖାପାଖି ୧୦ହଜାର ଟଙ୍କା ଦେଉଥିବାବେଳେ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ଏଥିପାଇଁ ୯୦ ହଜାର ଟଙ୍କା ଦେବାକୁ ପଡୁଛି। ତଥାପି ଛାତ୍ରଛାତ୍ରୀମାନେ ଉଭୟ ସରକାରୀ ଓ ସେଲ୍ଫଫାଇନାନ୍ସିଂରେ ବିଏଡ୍ ପଢ଼ିବାକୁ ଆଗ୍ରହୀ ଅଛନ୍ତି।

ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ତୁଳନାରେ ବିଏଡ୍ ଆସନ କମ୍ ଥିବାରୁ ଏବେ ରାଜ୍ୟ ବାହାରର ବିଶେଷକରି ଆନ୍ଧ୍ରପ୍ରଦେଶର କେତେକ ଶିକ୍ଷାନୁଷ୍ଠାନ ସେମାନଙ୍କ ଅନୁଷ୍ଠାନରେ ବି.ଏଡ୍ ପଢିବାପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରଲୋଭିତ କରୁଛନ୍ତି। ପ୍ରବେଶିକା ପରୀକ୍ଷା କେନ୍ଦ୍ର ନିକଟରେ ସେମାନଙ୍କ ଏଜେଣ୍ଟମାନେ କାଗଜ ବାଣ୍ଟିବାରେ ଲାଗିଛନ୍ତି। ଅନ୍ୟ ରାଜ୍ୟରେ କିଭଳି ସହଜରେ ବିଏଡ୍ ପଢ଼ିହେବ, ତାହା ବୁଝାଉଛନ୍ତି। ତେବେ ରାଜ୍ୟ ବାହାରର ଶିକ୍ଷାନୁଷ୍ଠାନମାନେ ଏଥିପାଇଁ ଲକ୍ଷାଧିକ ଟଙ୍କା ନେଉଛନ୍ତି। ପିଲାମାନେ ଟଙ୍କା ଦେଇ ଘରେ ରହି ପାଠ ପଢୁଛନ୍ତି। ବିନା ପ୍ରାକ୍ଟିକାଲ ପରୀକ୍ଷାରେ ପିଲାମାନେ ସାର୍ଟିଫିକେଟ ପାଉଛନ୍ତି ଓ ତାହାରି ବଳରେ ସେମାନଙ୍କୁ ଓଡ଼ିଶାରେ ଶିକ୍ଷକ ଚାକିରି ପାଇଁ ପ୍ରବେଶିକା ପରୀକ୍ଷାରେ ବସିବାର ସୁଯୋଗ ମିଳୁଛି।

ଯେହେତୁ ଓଡ଼ିଶାରେ ଦୁଇବର୍ଷିଆ ବିଏଡ୍ ପଢ଼ିବା ପାଇଁ କମ୍ ଆସନ ରହିଛି, ତେଣୁ ଓଡ଼ିଶାର ଛାତ୍ରଛାତ୍ରୀମାନେ ଆନ୍ଧ୍ରମୁହାଁ ହେବାରେ ଲାଗିଛନ୍ତି। ରାଜ୍ୟ ସରକାର ତୁରନ୍ତ ଓଡ଼ିଶାରେ ଦୁଇବର୍ଷିଆ ବିଏଡ୍ ଆସନ ବୃଦ୍ଧି ନ କଲେ ଅନ୍ୟ ରାଜ୍ୟମାନେ ଏହାର ଫାଇଦା ନେବେ ବୋଲି ଶିକ୍ଷାବିତ୍‌ମାନେ ମତ ଦେଉଛନ୍ତି। (ତଥ୍ୟ)

# ସିଲିଣ୍ଡର ବୁକିଂରେ ବଡ଼ ପରିବର୍ତ୍ତନ ସମ୍ଭାବନା

ନୂଆଦିଲ୍ଲୀ ୩୧।୫ଃ ମଧ୍ୟପ୍ରାଚ୍ୟ ଅସ୍ଥିରତା କାରଣରୁ ବିଶ୍ୱ ତୈଳ ବଜାର ଅସ୍ଥିର ଓ ଅନିଶ୍ଚିତତା ମଧ୍ୟଦେଇ ଗତି କରୁଛି। ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ଭାବରେ ବୃଦ୍ଧି ପାଇବା ସହିତ କମ୍ପ୍ରେସଡ୍ ପ୍ରାକୃତିକ ଗ୍ୟାସ (ସିଏନ୍‌ଜି)

**ମହଙ୍ଗା ଜୁନ୍**

ର ଦରରେ ମଧ୍ୟ ବୃଦ୍ଧି ଘଟିଛି। ଏହାପରେ ପ୍ରତି ପରିବାର ପାଇଁ ସଞ୍ଜିବନି ସଦୃସ କାର୍ଯ୍ୟ କରୁଥିବା ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ ବା ଏଲ୍‌ପିଜି ଉପରେ ସମସ୍ତଙ୍କ ନଜର ରହିଛି। ଏଲପିଜି ମୂଲ୍ୟରେ ସମ୍ଭାବ୍ୟ ବୃଦ୍ଧି ନେଇ ଜନସାଧାରଣରେ ଭୟ ବଢ଼ିବାରେ ଲାଗିଛି। କାରଣ ବିଶ୍ୱ ଅଶୋଧିତ ତୈଳ ବଜାରରେ ବୃଦ୍ଧି ଯୋଗୁଁ ତୈଳ ବିପଣନ କମ୍ପାନୀଗୁଡ଼ିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି କୁହାଯାଉଛି। ଏହି ସବୁ କାରଣକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ବୁକିଂରେ ଏକ ବଡ଼ ପରିବର୍ତ୍ତନ ହୋଇପାରେ



ବୋଲି ଅନୁମାନ କରାଯାଉଛି। ଆଶା କରାଯାଉଛି ଯେ ତୈଳ ବିପଣନ କମ୍ପାନୀଗୁଡ଼ିକ ଏଲପିଜି ରିଫିଲ୍ ଲକ୍-ଇନ୍ ଅବଧି ଏବଂ ଇଣ୍ଡେନ ଗ୍ୟାସ୍, ଭାରତ ଗ୍ୟାସ୍ ଏବଂ ଏଚ୍‌ପି ଗ୍ୟାସ୍ ସଂଯୋଗ ସମର୍ପଣ ପ୍ରକ୍ରିୟାରେ ସଂଶୋଧନ କରିପାରନ୍ତି।

ପ୍ରତି ମାସର ପ୍ରଥମ ତାରିଖରେ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଏଲପିଜି ସିଲିଣ୍ଡରର ନୂଆ ମୂଲ୍ୟ ଧାର୍ଯ୍ୟ କରିଥାନ୍ତି। ଜୁନ୍ ପହିଲାରେ ମଧ୍ୟ ଗ୍ୟାସ ଦରରେ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଅସ୍ଥିରତା ଯୋଗୁଁ ବିଗତ କିଛି ମାସ ହେବ ସିଲିଣ୍ଡର ଦର ବୃଦ୍ଧି ପାଉଛି। ଏଲପିଜି ପରି ବିମାନ ଇନ୍ଧନ ବା ଏୟାର ଟର୍ବାଇନ୍ ଫ୍ୟୁଏଲ୍ ମୂଲ୍ୟରେ ମଧ୍ୟ ମାସର ପହିଲାରେ ପରିବର୍ତ୍ତନ କରାଯାଏ। ଯଦି ଏଟିଏଫ୍ ଦର ବଢ଼େ, ତେବେ ବିମାନ ଯାତ୍ରା ମହଙ୍ଗା ହେବାର ସମ୍ଭାବନା ରହିଛି।

ଏଚଡିଏଫସି ବ୍ୟାଙ୍କ ଜୁନ୍ ପହିଲାଠାରୁ ଏହାର କରେଣ୍ଟ ଆକାଉଣ୍ଟ ଏବଂ ଅନ୍ୟାନ୍ୟ ଜମା ଖାତା ସହିତ ସମ୍ପର୍କୀତ କିଛି ନିୟମରେ ପରିବର୍ତ୍ତନ ଆଣିବାର ସମ୍ଭାବନା ରହିଛି। ନୂଆ ନିୟମ ଅନୁଯାୟୀ, ୨୦ ଟଙ୍କା କିମ୍ବା ତା'ଠାରୁ କମ୍ ମୂଲ୍ୟର ନୋଟ୍ ଜମା କରିବା ପାଇଁ ମାସିକ ସୀମା ୧୦,୦୦୦ ଟଙ୍କା ଏବଂ ମୁଦ୍ରା ପାଇଁ ୫,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ସୀମା ଅତିକ୍ରମ କଲେ ଅତିରିକ୍ତ ଜମା ରାଶି ଉପରେ ୨ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ।

ଜୁନ୍ ମାସ ଆରମ୍ଭରୁ ସୋଲାର ପ୍ୟାନେଲ୍ ପାଇଁ ଅନୁମୋଦିତ ମଡେଲ୍ ଏବଂ ନିର୍ମାତା ତାଲିକା ଅନିବାର୍ଯ୍ୟ ହେବ। ଏହା ଲାଗୁ ହେବା ପରେ ସମସ୍ତ ସରକାରୀ ଯୋଜନା ଏବଂ ସବସିଡି ପ୍ରକଳ୍ପରେ କେବଳ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ତାଲିକାଭୁକ୍ତ ସୋଲାର ମଡ୍ୟୁଲ୍ ବ୍ୟବହାର କରାଯିବ। ଏହି କାରଣରୁ ସୋଲାର ପ୍ୟାନେଲର ମୂଲ୍ୟ ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି।

# ରାଜା ସୁବ୍ରମଣି ନୂଆ ସିଡିଏସ୍



ନୂଆଦିଲ୍ଲୀ, ୩୧।୫ଃ ଦେଶର ନୂଆ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଲେଫ୍ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣି। ଶନିବାର ସିଡିଏସ୍ ଜେନେରାଲ ଅନିଲ ଚୌହାନ ଅବସର ଗ୍ରହଣ କରିଥିଲେ। ରବିବାର ତାଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଛନ୍ତି ଲେଫ୍ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣି। ଜେନେରାଲ ଚୌହାନ ଶୀର୍ଷ ସାମରିକ ପଦବୀରେ ତିନି ବର୍ଷ ଆଠ ମାସର କାର୍ଯ୍ୟକାଳ ମଧ୍ୟରେ ତିନି ସେନା ମଧ୍ୟରେ ସମନ୍ୱୟ ଆଣିବା ଉପରେ ଧ୍ୟାନ ଦେଇଥିଲେ। ଆଜି ଜେନେରାଲ ଏନଏସ ରାଜା ସୁବ୍ରମଣି ସିଡିଏସ୍ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆନୁଷ୍ଠାନିକ ଭବେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି।

୧ ସେପ୍ଟେମ୍ବର ୨୦୨୫ରୁ ସେ ନ୍ୟାସନାଲ ସିକ୍ୟୁରିଟି କାଉନସିଲ୍ ସଚିବାଳୟର ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। ଏହାପୂର୍ବରୁ ୧ ଜୁଲାଇ ୨୦୨୪ରୁ ୩୧ ଜୁଲାଇ ୨୦୨୫ ଯାଏ ସେ ସେନାର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

୨୦୨୩ ମାର୍ଚ୍ଚରୁ ୨୦୨୪ ଜୁନ ଯାଏ ସେ ସେଣ୍ଟ୍ରାଲ କମାଣ୍ଡର ଜେନରାଲ ଅଫିସର କମାଣ୍ଡିଂ ଇନ-ଚିଫ୍ ଭାବେ କାର୍ଯ୍ୟ କରିଥିଲେ। ନ୍ୟାସନାଲ ଡିଫେନ୍ସ ଏକାଡେମୀରେ ଗ୍ରାଜୁଏସନ୍ ପରେ ୧୪ ଡିସେମ୍ବର ୧୯୮୫ ରେ ଅଷ୍ଟମ ବଟାଲିଅନ ଗଢ଼ୱାଲି ରାଇଫଲ୍ସ ରେ କାର୍ଯ୍ୟ ଆରମ୍ଭ କରିଥିଲେ।

## ୫୦୦ ଫୁଟ ଘାଟିରୁ ଖସିଲା କାର, ୮ ମୃତ



ନୂଆଦିଲ୍ଲୀ ୩୧।୫ଃ ଶୁକ୍ରବାର ଚମ୍ବା ଜିଲ୍ଲାରେ ବିଳମ୍ବିତ ରାତିରେ ୫୦୦ ମିଟର ଗଭୀର ଘାଟିରେ କାର ଖସି ପଡ଼ିବାରୁ ଆଠ ଜଣଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନରେ କାରଟି ବୈରାଗଡ଼ ଚେକ୍ ପୋଷ୍ଟରୁ ସାଚ୍ ପାସ୍ ଅଭିମୁଖେ ବାହାରିଥିଲା। ଗାଡ଼ିରେ ମୋଟ ଆଠ ଜଣ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ସାତ ଜଣ ପର୍ଯ୍ୟଟକ ବୋଲି ଜଣାପଡ଼ିଛି। ସନ୍ଧ୍ୟା ସୁଦ୍ଧା କାରଟି ଫେରି ନ ପାରିବାରୁ ପରିବାର ସଦସ୍ୟ ପ୍ରଶାସନକୁ ଖବର ଦେଇଥିଲେ। ନିଖୋଜ କାର ସମ୍ପର୍କରେ ରିପୋର୍ଟ ପାଇବା ପରେ, ବୈରାଗଡ଼ ପୋଲିସ ଶନିବାର ଏକ ସନ୍ଧାନ ଅଭିଯାନ ଆରମ୍ଭ କରିଥିଲା। ଯାଞ୍ଚ ସମୟରେ ରାସ୍ତା କଡ଼ରେ କାରର ଭଗ୍ନାବଶେଷ ଦେଖିବାକୁ ମିଳିଥିଲା। ଅଧିକ ତଦନ୍ତ ପରେ ପୋଲିସ ପ୍ରାୟ ୫୦୦ ମିଟର ଗଭୀର ଘାଟିର ତଳ ଭାଗରେ କାରଟିକୁ ଗୁରୁତର ଭାବରେ କ୍ଷତିଗ୍ରସ୍ତ ଅବସ୍ଥାରେ ପାଇଲା। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, କାରରେ ଥିବା ସମସ୍ତ ଆଠ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମଧ୍ୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ।

## ଭାରତ-ଭିଏତ୍‌ନାମ ବ୍ରହ୍ମୋସ୍ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୩୧।୫ଃ ଭାରତ ଏବଂ ଭିଏତନାମ ମଧ୍ୟରେ ଅତ୍ୟାଧୁନିକ ସୁପରସୋନିକ କ୍ରୁଜ୍ ମିସାଇଲ୍ 'ବ୍ରହ୍ମୋସ' ଯୋଗାଣ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ସହିତ ଇଣ୍ଡୋନେସିଆ ସହ ମଧ୍ୟ ଏହି ମିସାଇଲ୍ ଚୁକ୍ତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସିଙ୍ଗାପୁରରେ ଆୟୋଜିତ 'ସାଙ୍ଗ୍ରି-ଲା ଡାଏଲଗ୍' ଅବସରରେ ଭାରତର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ଏହି ସୂଚନା ଦେଇଛନ୍ତି। ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭିଏତନାମ




ସହ ହୋଇଥିବା ଏହି ଚୁକ୍ତି ପ୍ରାୟ ୬,୦୦୦ କୋଟି ଟଙ୍କା (୬୨୯ ମିଲିୟନ ଡଲାର)ର ହୋଇପାରେ। ଏଥିରେ ମିସାଇଲ୍ ଯୋଗାଣ ସହ ସେନାକୁ ତାଲିମ ଏବଂ ଲଜିଷ୍ଟିକ ମଧ୍ୟ ସାମିଲ ରହିଛି। ସେହିପରି ଇଣ୍ଡୋନେସିଆ ସହ ଚାଲିଥିବା ଆଲୋଚନା ମଧ୍ୟ ଖୁବଶୀଘ୍ର ଶେଷ ହେବାକୁ ଯାଉଛି। ସୂଚନାଯୋଗ୍ୟ ଯେ, ଭାରତ ଓ ଋଷିଆର ମିଳିତ ସହଯୋଗରେ ନିର୍ମିତ ଏହି ବ୍ରହ୍ମୋସ ମିସାଇଲ୍‌କୁ କିଣିବାରେ ଫିଲିପାଇନ୍ସ ପ୍ରଥମ ଦେଶ ଥିଲା। ଭାରତ ୨୦୨୪ ଏବଂ ୨୦୨୫ ଏପ୍ରିଲରେ ଫିଲିପାଇନ୍ସକୁ ଏହାର ସଫଳ ଯୋଗାଣ କରିସାରିଛି। ଚଳିତ ମାସ ଆରମ୍ଭରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭିଏତନାମ ଗସ୍ତ କରି ସେଠାକାର ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଫାନ ଭାନ ଗିଆଙ୍ଗଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିଥିଲେ।

## ଶରଣାର୍ଥୀ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ୨୨ ମୃତ

ଇସଲାମାବାଦ,୩୧।୫ଃ ଶନିବାର ପୂର୍ବ ଆଫଗାନିସ୍ତାନର ଏକ ରାଜପଥରେ ପଡ଼ୋଶୀ ଦେଶ ପାକିସ୍ତାନରୁ ଫେରୁଥିବା ଆଫଗାନ ଶରଣାର୍ଥୀ ଭର୍ତ୍ତି ଏକ ଟ୍ରକ୍ ଓଲଟି ପଡ଼ିବାରୁ ଅତି କମରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି ଓ ୩୬ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ମହିଳା ଏବଂ ଶିଶୁ ଅଛନ୍ତି। ପ୍ରଦେଶ ରାଜ୍ୟପାଳଙ୍କ ମୁଖପାତ୍ର କହିଛନ୍ତି ଯେ ଆଫଗାନିସ୍ତାନର



ରାଜଧାନୀ କାବୁଲକୁ ନଙ୍ଗରହାର ପ୍ରଦେଶ ସହିତ ସଂଯୋଗ କରୁଥିବା ମୁଖ୍ୟ ରାଜପଥରେ ଲାଘମାନ ପ୍ରଦେଶରେ ଏହି ଦୁର୍ଘଟଣା ଘଟିଛି। ସେ ଉଲ୍ଲେଖ କରିଛନ୍ତି ଯେ ମୃତକଙ୍କ ମଧ୍ୟରେ ୧୦ ଜଣ ଶିଶୁ ଏବଂ ପାଞ୍ଚ ଜଣ ମହିଳା ଅଛନ୍ତି, ଏବଂ ଆହତମାନଙ୍କୁ ଚିକିତ୍ସା ପାଇଁ ନଙ୍ଗରହାରର ଡାକ୍ତରଖାନାକୁ ପଠାଯାଇଛି। ତାଲିବାନ ସରକାରଙ୍କ ମୁଖପାତ୍ର ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ପୀଡିତଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ଚାମ୍ପିଅନ୍ସ ଲିଗ୍, ଫାଇନାଲ୍ ପରେ ହିଂସାଃ ୭୮୦ ଗିରଫ

ବୁଦାପେଷ୍ଟ, ୩୧।୫ଃ ପ୍ୟାରିସ୍ ସେଣ୍ଟ-ଜର୍ମାନ ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ମ୍ୟାଚ୍ ପରେ ସହରରେ ହିଂସା ଦେଖିବାକୁ ମିଳିଛି। ଶନିବାର ରାତିରେ ପ୍ୟାରିସରେ କିଛି ବିଶୃଙ୍ଖଳାକାରୀ ବ୍ୟାପକ ଭଙ୍ଗାରୁଜା, ଢେଲାପଥର ମାଡ଼ କରିଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପ୍ୟାରିସ୍ ପୋଲିସ ଦୃଢ଼ ଆଭିମୁଖ୍ୟ ଗ୍ରହଣ



କରିବା ସହ ରିପୋର୍ଟ ଲେଖାଯିବା ସୁଦ୍ଧା ୭୮୦ ଜଣଙ୍କୁ ଗିରଫ କରିଛି। ହଙ୍ଗେରୀର ବୁଦାପେଷ୍ଟରେ ଖେଳାଯାଇଥିବା ରୋମାଞ୍ଚକର ଚାମ୍ପିଅନ୍ସ ମ୍ୟାଚ୍‌ରେ ଶେଷ ହ୍ୱିସିଲ୍ ବାଜିବା ମାତ୍ରେ ପ୍ୟାରିସ୍ ପ୍ରଶଂସକମାନେ ଆନନ୍ଦରେ ସେଲିବ୍ରେସନ କରିଥିଲେ। ପ୍ୟାରିସ୍ ସେଣ୍ଟ-ଜର୍ମାନ ପେନାଲ୍ଟି ସୁଟଆଉଟରେ ଆର୍ସେନାଲକୁ ପରାସ୍ତ କରି ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ହାସଲ କରିଥିଲା। ବିଜୟ ପରେ ପ୍ରଶଂସକ ରାସ୍ତାକୁ ଓହ୍ଲାଇ ଆସିଥିଲେ। ଅଳ୍ପ କିଛି ସମୟ ମଧ୍ୟରେ ୨୦ ହଜାରରୁ ଅଧିକ ଲୋକ ଚାମ୍ପ୍ସ-ଏଲିସିସ୍‌ରେ ଏକାଠି ହୋଇଥିଲେ। ଭିଡ଼କୁ ନିୟନ୍ତ୍ରଣ କରିବାରେ ପୁଲିସ ବିଫଳ ହୋଇଥିଲା। ହିଂସାରେ ଗୋଟିଏ ବେକେରୀ ଏବଂ ରେଷ୍ଟୁରାଣ୍ଟ ଭଙ୍ଗାରୁଜା ହୋଇଛି। ପିଏସଜି ବିଜୟ ପରେ ପ୍ୟାରିସରେ ଅରାଜକତା ସୃଷ୍ଟି ହେବା ଏହା ପ୍ରଥମ ଥର ନୁହେଁ। ଗତ ମେ ମାସରେ ଫ୍ରାନ୍ସରେ ୨୦୧ ଜଣ ଆହତ ହୋଇଥିଲେ। ପୋଲିସ ୫୦୦ରୁ ଅଧିକ ଲୋକଙ୍କୁ ଗିରଫ କରିଥିଲା।

**ସର୍ବୋଚ୍ଚ ଅଦାଲତଙ୍କ ପ୍ରଶ୍ନ**

## ଭିଆଇପି ଦର୍ଶନର ଆବଶ୍ୟକତା କ'ଣ ?

ଚେନ୍ନାଇ, ୩୧।୫ଃ ହିନ୍ଦୁ ମନ୍ଦିରରେ ଟଙ୍କା ନେଇ ଭିଆଇପି ଦର୍ଶନ କରାଯିବା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଲ ଓ ଭେଦଭାବପୂର୍ଣ୍ଣ। ମସ୍‌ଜିଦ କିମ୍ବା ଚର୍ଚ୍ଚରେ ଏଭଳି କୌଣସି ପ୍ରଥା ପ୍ରଚଳିତ ହୁଏ ନାହିଁ ବୋଲି ମାଡ୍ରାସ ହାଇକୋର୍ଟ ଟିପ୍ପଣୀ କରିଛନ୍ତି। ତାମିଲନାଡୁର ସୁବ୍ରମଣିୟ ସ୍ୱାମୀ ମନ୍ଦିରରେ ଭିଆଇପି ଦର୍ଶନ ଓ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାକୁ ରଦ୍ଦ କରିବା



ଲାଗି ଆଗତ ଏକ ପିଟିସନ ଉପରେ ଶୁଣାଣି କରିବା ଅବସରରେ ବିଚାରପତି ଜି.ଆର ସ୍ୱାମୀନାଥନ ଓ ବିଚାରପତି ଭି. ଲକ୍ଷ୍ମୀନାରାୟଣନଙ୍କୁ ନେଇ ଗଠିତ ଖଣ୍ଡପୀଠ ମୌଖିକ ଭାବେ ଏଭଳି ମନ୍ତବ୍ୟ ଦେଇଛନ୍ତି।

ହାଇକୋର୍ଟ କହିଛନ୍ତି ଯେ ଭଗବାନଙ୍କ ପାଖରେ ସମସ୍ତେ ସମାନ। ମନ୍ତ୍ରୀ ଓ ଅନ୍ୟ ଭିଆଇପିଙ୍କ ଦର୍ଶନ ଯୋଗୁ ସାଧାରଣ ଲୋକମାନେ ହଇରାଣ ହେବା ଉଚିତ ନୁହେଁ। ମନ୍ତ୍ରୀ ଓ ବିଧାୟକମାନେ ଏକଥା ଭାବିବା ଉଚିତ ନୁହେଁ ଯେ ସେମାନେ ଯେତେବେଳେ ଚାହିଁବେ ମନ୍ଦିରକୁ ଯାଇ ଦର୍ଶନ କରିବେ ଏବଂ ଭଗବାନ ସେମାନଙ୍କ ପାଇଁ ଅପେକ୍ଷା କରିଥିବେ। ଭିଆଇପି ଦର୍ଶନର ଆବଶ୍ୟକତା କ'ଣ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଭଗବାନଙ୍କ ନିକଟରେ ସମସ୍ତେ ସମାନ। ଅତିରିକ୍ତ ଆଡଭୋକେଟ ଜେନେରାଲ ଜଣାଇଥିଲେ ଯେ ଧାଡିରେ ଭିଡ କମାଇବା ସହ ମନ୍ଦିର ନିମନ୍ତେ କିଛି ଅର୍ଥ ଉପାର୍ଜନ ଲାଗି ଭିଆଇପି ଓ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି। କିଛିଦିନ ତଳେ ମନ୍ତ୍ରୀ ସିଟିଆର ନିର୍ମଳ କୁମାର ସୁବ୍ରମଣିୟ ସ୍ୱାମୀ ମନ୍ଦିରକୁ ଦର୍ଶନ ପାଇଁ ଯିବା ବେଳେ ସାଧାରଣ ଲୋକଙ୍କୁ ଅଟକାଇ ଦିଆଯାଇଥିଲା। ଏହାକୁ ବିରୋଧ କରି ଏହି ପିଟିସନ ଫାଇଲ କରାଯାଇଛି। ଭିଏଚ୍‌ପି ଉତ୍ତର ତାମିଲନାଡୁ ସଭାପତି ପି. ଚୋକାଲିଙ୍ଗମ ଏହି ପିଟିସନ ଦାଖଲ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ ଜାତି, ସାମାଜିକ ପ୍ରତିଷ୍ଠା ଓ ଧନ ଆଧାରରେ ଭେଦଭାବକୁ ସନାତନ ଧର୍ମ ଅନୁମତି ଦିଏ ନାହିଁ। ମନ୍ଦିରକୁ ଦର୍ଶନ ନିମନ୍ତେ ଆସୁଥିବା ସବୁ ଶ୍ରଦ୍ଧାଳୁଙ୍କୁ ସମାନ ଭାବେ ବ୍ୟବହାର କରାଯିବା ଉଚିତ।

# ସମୃଦ୍ଧ ହେବ ଭାରତ-କାନାଡ଼ା ବାଣିଜ୍ୟିକ ସମ୍ପର୍କ

ଓଟ୍ଟାୱା, ୩୧।୫ଃ ଭାରତ ଏବଂ କାନାଡା ଉଭୟ ମିଳିତ ଭାବରେ ବ୍ୟାବସାୟିକ ସମ୍ପର୍କକୁ ସମୃଦ୍ଧ କରିବା ପାଇଁ ଏକ ବାଣିଜ୍ୟ ଓ ନିବେଶ ମଞ୍ଚ ଗଠିତ ହୋଇଛି। ଏହା ଉଭୟ ଦେଶର ବାଣିଜ୍ୟିକ ସମ୍ପର୍କକୁ ଆଗକୁ ବଢ଼ାଇବାରେ ସହାୟକ ହେବ ବୋଲି କୁହାଯାଉଛି। ଏଥିସହିତ ଏକ ବ୍ୟାପକ ବାଣିଜ୍ୟ ଓ ନିବେଶ ସମ୍ପର୍କ ଲାଗି ଆବଶ୍ୟକ ଲୋକ-ଜନ ସମ୍ପର୍କ, ବ୍ୟବସାୟିକ ଗତିଶୀଳତା ଏବଂ ସିଧାସଳଖ ବାଣିଜ୍ୟିକ ସଂଯୋଗ ବୃଦ୍ଧି କରିବାକୁ ଦୁଇ ଦେଶ ମଧ୍ୟ ସହମତ ହୋଇଛନ୍ତି। ମେ' ୨୫ରୁ ମେ' ୨୭ ତାରିଖ ତିନିଦିନିଆ ସରକାରୀ ଗସ୍ତ ଶେଷ କରି ବାଣିଜ୍ୟ ଏବଂ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲଙ୍କ



ଫେରିବା ପରେ ଏହି ବିବୃତ୍ତି ଜାରି କରାଯାଇଛି।

ତିନିଦିନିଆ ଗସ୍ତ ଅବସରରେ ସେ କାନାଡାର ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟମନ୍ତ୍ରୀ ମନିନ୍ଦର ସିଦ୍ଧୁଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଅଂଶଗ୍ରହଣ କରିବା ସହିତ ଅନ୍ୟ ବ୍ୟାବସାୟିକ ନେତାମାନଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି। ମନ୍ତ୍ରୀମାନେ

**ଦ୍ୱି-ରାଷ୍ଟ୍ରୀୟ ବାଣିଜ୍ୟ ଫୋରମ୍ ଗଠିତ**

କାନାଡା-ଭାରତ ବାଣିଜ୍ୟ ଏବଂ ନିବେଶ ଫୋରମ ଗଠନ କରିଛନ୍ତି। ଏହା ଉଭୟ କାନାଡା ଓ ଭାରତର ବ୍ୟବସାୟ ନେତାମାନଙ୍କୁ ଏକତ୍ରିତ କରିବା ସହିତ ନୂତନ ବାଣିଜ୍ୟିକ ସହଭାଗୀତା ଏବଂ ବର୍ଦ୍ଧିତ ବ୍ୟାବସାୟିକ ସମ୍ପର୍କକୁ ପ୍ରୋତ୍ସାହିତ କରିବ ବୋଲି ବିବୃତ୍ତିରେ କୁହାଯାଇଛି।

**ପଶ୍ଚିମବଙ୍ଗରେ ଥମୁନି ଟିଏମ୍‌ସି ନେତାଙ୍କୁ ଆକ୍ରମଣ**

# କଲ୍ୟାଣ ବାନାର୍ଜୀଙ୍କ ମୁଣ୍ଡ ଫାଟିଲା

କୋଲକାତା,୩୧।୫ଃ ପଶ୍ଚିମବଙ୍ଗରେ ଦୁଇଦିନରେ ଦୁଇଜଣ ଟିଏମସି ନେତାଙ୍କ ଉପରକୁ ଆକ୍ରମଣ ହୋଇଛି। ଟିଏମସି ସାଂସଦ ତଥା ମମତା ବାନାର୍ଜୀଙ୍କୁ ପୁତୁରା ଅଭିଷେକ ବାନାର୍ଜୀଙ୍କ ପରେ ଟିଏମସ ନେତା ତଥା ମୁଖ୍ୟ ସଚେତକ କଲ୍ୟାଣ ବାନାର୍ଜୀଙ୍କ ଉପରକୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କ ମୁଣ୍ଡ ଫାଟିଯାଇଛି। ହୁଗୁଳି ଜିଲ୍ଲା ଚଣ୍ଡିତଲା ପୁଲିସ ଷ୍ଟେସନ ବାହାରେ ଘଟିଥିବା ହିଂସାତ୍ମକ ସଂଘର୍ଷରେ ଟିଏମ୍‌ସି କଲ୍ୟାଣ ବାନାର୍ଜୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଘଟଣା ସମୟରେ ଟିଏମସି ସମର୍ଥକମାନେ ଗିରଫ ଦଳୀୟ ନେତା ଏବଂ କର୍ମୀଙ୍କୁ ଛାଡିବାକୁ ଦାବିକରି ଏକ ସ୍ମାରକପତ୍ର ଦାଖଲ କରିବାରୁ ପୁଲିସ ଷ୍ଟେସନରେ ପହଞ୍ଚିଥିଲେ। ସେଠାରେ ବିଜେପି କର୍ମୀଙ୍କ ସହ



ମୁହାଁମୁହିଁ ହୋଇଥିଲେ। କୌଣସି ଅପ୍ରୀତିକର ଘଟଣା ଏଡାଇବା ପାଇଁ ଘଟଣାସ୍ଥଳରେ ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ କରାଯାଇଥିଲା। ପଥମ ମାଡ଼ରେ ଟିଏମସି ସାଂସଦ କଲ୍ୟାଣ୍ଡ ବାନାର୍ଜୀଙ୍କ ମୁଣ୍ଡରେ ଆଘାତ ଲାଗିଛି।

ଅପରପକ୍ଷରେ, ତୃଣମୂଳ କଂଗ୍ରେସ (ଟିଏମସି)ର ଜାତୀୟ ସାଧାରଣ ସମ୍ପାଦକ ଏବଂ ଏମପି ଅଭିଷେକ ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ପୋଲିସ ପାଞ୍ଚଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ତପନ ମାଇତି ଏବଂ ଆକାଶ ଅଛନ୍ତି, ଯେଉଁମାନେ ଘଟଣା ସହିତ ଜଡିତ ଭିଡ଼ିଓରେ ଦେଖାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ମାମଲାର ତଦନ୍ତକୁ ଜୋରଦାର କରିଛି ଏବଂ ସମସ୍ତ ପାଞ୍ଚ ଅଭିଯୁକ୍ତଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି। ଶନିବାର ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଗତକାଲି ପଶ୍ଚିମବଙ୍ଗର ସୋନାରପୁର ଗସ୍ତ ସମୟରେ ତୃଣମୂଳ କଂଗ୍ରେସ (ଟିଏମ୍ସି) ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ଆକ୍ରମଣ ହୋଇଥିଲା। ସେଠାରେ ପହଞ୍ଚିବା ପରେ କିଛି ଲୋକ ତାଙ୍କ ଉପରକୁ ପଥର, ଅଣ୍ଡା ଏବଂ ଜୋତା ଫିଙ୍ଗିଥିଲେ।

# ଧୂମପାନ ନ କଲେ ମିଳିବ ୬ ଦିନର ଅତିରିକ୍ତ ଛୁଟି

ଟୋକିଓ, ୩୧।୫ଃ ବିଶ୍ୱରେ ଅନେକ କମ୍ପାନି ନିଜ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଶୈଳୀକୁ ଉତ୍ତମ କରିବା ପାଇଁ ଲଗାତାର ନୂଆ ନୂଆ ତରିକା ଅପଣେଇଥାନ୍ତି। ଜାପାନର ଏକ କମ୍ପାନି ଏଭଳି ଏକ ଅଭିନବ ନିଷ୍ପତ୍ତି ନେଇଛି, ଯାହାକୁ ନେଇ ବିଶ୍ୱରେ ଚର୍ଚ୍ଚା ହୋଇଛି। ଧୂମପାନ କରୁନଥିବା କର୍ମଚାରୀଙ୍କୁ କମ୍ପାନି ଉପହାର ଦେବାକୁ ଘୋଷଣା କରିଛି। ଏହି କର୍ମଚାରୀଙ୍କୁ ପ୍ରତି ବର୍ଷ ୬ ଅତିରିକ୍ତ ଛୁଟି ମିଳୁଛି। ପିଆଲା ଆଇଏନ୍‌ସି ଡଟ୍ କମ୍ ନାମକ କମ୍ପାନି ୨୦୧୭ରେ ଏହି ପ୍ରୟାସ ଆରମ୍ଭ କରିଥିଲା। କମ୍ପାନିର କିଛି କର୍ମଚାରୀ ଅଭିଯୋଗ କରିଥିଲେ, ଧୂମପାନ କରୁଥିବା କର୍ମଚାରୀ ଦିନରେ




ଅନେକଥର ବ୍ରେକ୍ ନେଉଛନ୍ତି। ଏହାଦ୍ୱାରା ସେମାନଙ୍କ କାମ ପ୍ରଭାବିତ ହେଉଛି ଓ ଅନ୍ୟ କର୍ମଚାରୀଙ୍କ ଉପରେ ଅତିରିକ୍ତ କାମ ବୋଝ ପଡୁଛି।

ଅନ୍ୟପକ୍ଷେ, ଯେଉଁମାନେ ଧୂମପାନ କରୁନାହାନ୍ତି, ସେମାନଙ୍କୁ କୌଣସି ଅତିରିକ୍ତ ବ୍ରେକ୍ ମିଳୁନାହିଁ। କମ୍ପାନି ପ୍ରବନ୍ଧନ ଏହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରି କର୍ମଚାରୀଙ୍କର ସର୍ଭେ କଲା। ଏହା ପରେ କମ୍ପାନିର ସିଇଓ ନିଷ୍ପତ୍ତି ନେଲେ ଧୂମପାନ କରୁ ନଥିବା କର୍ମଚାରୀଙ୍କୁ ବର୍ଷରେ ୬ ଅତିରିକ୍ତ ଛୁଟି ମିଳିବ। ଏହା ଦ୍ୱାରା କର୍ମଚାରୀଙ୍କ ମଧ୍ୟରେ ସନ୍ତୁଳନ ବଜାୟ ରହିବ ଏବଂ ଅଣ-ଧୂମପାନକାରୀଙ୍କୁ ଉଚିତ୍ ଲାଭ ମିଳିବ। ଏହି ନିଷ୍ପତ୍ତି ପଛରେ କେବଳ ସମାନତାର ବିଚାର ନ ଥିଲା, ଅଧିକନ୍ତୁ ଧୂମପାନ ଛାଡ଼ିବା ପାଇଁ କର୍ମଚାରୀଙ୍କୁ ପ୍ରେରିତ କରିବା କମ୍ପାନିର ଉଦ୍ଦେଶ୍ୟ ଥିଲା। ଏହି ନିୟମ ବିଷୟରେ ଜାଣିବା ପରେ ଅନେକ କର୍ମଚାରୀ ନିଜ ଅଭ୍ୟାସ ବଦଳାଇବା ଆରମ୍ଭ କଲେ। ରିପୋର୍ଟ ଅନୁସାରେ, ଏହି ନିୟମ ଲାଗୁ ହେବା ପରେ କିଛି କର୍ମଚାରୀ ଧୂମପାନ ଛାଡ଼ିଦେଲେ।

## କେଦାରନାଥରେ ୩ ତୀର୍ଥଯାତ୍ରୀ ମୃତ

ଡେରାଡୁନ୍, ୩୧।୫ଃ ରବିବାର ଉତ୍ତରାଖଣ୍ଡରେ ପାଗରେ ପରିବର୍ତ୍ତନ ହୋଇଛି। ହଠାତ୍ ସେଠାରେ ଦେଖାଯାଇଥିବା ପାଗ ପରିସ୍ଥିତି ପର୍ବତଠାରୁ ସମତଳ ଅଞ୍ଚଳ ପର୍ଯ୍ୟନ୍ତ ସବୁକିଛି ଥରାଇ ଦେଇଥିଲା। କେଦାରନାଥ ଧାମରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତିନି ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏବେ ତୀର୍ଥଯାତ୍ରା ପଥକୁ ସ୍ଥଗିତ ରଖାଯାଇଛି ଏବଂ ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟର ଅନୁଯାୟୀ, ସାରା ରାଜ୍ୟରେ ବିପର୍ଯ୍ୟୟ ପରି ପରିସ୍ଥିତି ଜାରି ରହିଛି।



ରୁଦ୍ରପ୍ରୟାଗ ଜିଲ୍ଲାରୁ ସବୁଠାରୁ ଦୁଃଖଦ ଖବର ଆସିଛି। ମେ ୩୦ ତାରିଖରେ ଗୋଟିଏ ଦିନରେ ତିନି ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ପ୍ରଥମ ଘଟଣାରେ, ମଧ୍ୟପ୍ରଦେଶର ପାନ୍ନାର ରାମନାଥପୁରର ବାସିନ୍ଦା ଗୋପାଳ ମିଶ୍ର (ବୟସ ୭୬) କେଦାରନାଥରେ ପ୍ରାର୍ଥନା କରି ଫେରୁଥିବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ; ପରେ ଫାଟାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦ୍ୱିତୀୟ ଘଟଣାରେ, ଗୁଜରାଟର ଅହମ୍ମଦାବାଦର ବାସିନ୍ଦା ନବଘନଜୀ ଲକ୍ଷ୍ମଣଜୀ ଠାକୁର (ବୟସ ୫୨) ମଧ୍ୟ ପ୍ରାର୍ଥନା କରିବାକୁ ଯାଉଥିବା ସମୟରେ ଫାଟାରେ ମୃତ୍ୟୁବରଣ କରିଥିଲେ। ତୃତୀୟ ତୀର୍ଥଯାତ୍ରୀ - ତେଲେଙ୍ଗାନାର ହାଇଦ୍ରାବାଦର ବାସିନ୍ଦା ବାଲାଗାନି ବାଲାରାଜୁ (ବୟସ ୪୯)ଙ୍କ ମଧ୍ୟ କେଦାରନାଥ ଧାମରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ଫାଟାରେ ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି।

# ଦେଶରେ ୬୦ ପ୍ରତିଶତ ମରୁଡ଼ି ଆଶଙ୍କା

ନୂଆଦିଲ୍ଲୀ,୩୧।୫ଃ ଭାରତୀୟ କୃଷିକ୍ଷେତ୍ର ଏବଂ ସାଧାରଣ ଜନଜୀବନ ପାଇଁ ସାମ୍ନାକୁ ଆସିଛି ଏକ ଚିନ୍ତାଜନକ ଖବର। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସଦ୍ୟତମ ପୂର୍ବାନୁମାନ ଅନୁଯାୟୀ, ଚଳିତବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ବର୍ଷା ହେବ। ଦେଶରେ ମୋଟ ସ୍ୱାଭାବିକ ବର୍ଷାର ୯୦ ପ୍ରତିଶତ ବୃଷ୍ଟିପାତ ଆକଳନ କରାଯାଇଛି। ଯଦି ଏହି ପୂର୍ବାନୁମାନ ସତ୍ୟ ହୁଏ, ତେବେ ୨୦୨୬ ମସିହା ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତର ସବୁଠାରୁ କମ୍ ବର୍ଷାଜନିତ ବର୍ଷ ସାବ୍ୟସ୍ତ ହେବ। ପୂର୍ବରୁ ୨୦୧୫ ମସିହାରେ ଦେଶ ଏଭଳି ସ୍ଥିତିର ସାମନା କରିଥିଲା, ଯେତେବେଳେ ମୌସୁମୀ ବର୍ଷା ୯୦ ପ୍ରତିଶତରୁ କମ୍ ରହିଥିଲା।

ପାଣିପାଗ ବିଜ୍ଞାନୀମାନଙ୍କ ଅନୁଯାୟୀ, ଚଳିତ ବର୍ଷ ମୌସୁମୀ ଦୁର୍ବଳ ହେବା ପଛରେ ପ୍ରଶାନ୍ତ ମହାସାଗରରେ ସକ୍ରିୟ ହେଉଥିବା 'ଏଲ୍ ନିନୋ' ମୁଖ୍ୟ କାରଣ ସାଜିଛି। ସାଧାରଣତଃ ଏଲ୍ ନିନୋ



ପ୍ରଭାବ ଯୋଗୁଁ ଦକ୍ଷିଣ ଏସିଆରେ ବୃଷ୍ଟିପାତ ବାଧାପ୍ରାପ୍ତ ହୋଇଥାଏ। ଚଳିତ ବର୍ଷ ଏହି ପ୍ରଭାବକୁ ସନ୍ତୁଳିତ କରିବା ପାଇଁ ଭାରତ ମହାସାଗରରେ କୌଣସି ପାଣିପାଗ ଅନୁକୂଳ ସ୍ଥିତି ସୃଷ୍ଟି ହେଉନାହିଁ। ଆଇଏମ୍‌ଡି ଅନୁଯାୟୀ, ଦେଶରେ ମରୁଡ଼ି ସଦୃଶ ସ୍ଥିତି ଉପୁଜିବା ନେଇ ପ୍ରାୟ ୬୦ ପ୍ରତିଶତ ଆଶଙ୍କା ରହିଛି। ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ହେଉଥିବା ଏହି ଦକ୍ଷିଣ-ପଶ୍ଚିମ ମୌସୁମୀ ବୃଷ୍ଟିପାତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଦେଶର ବାର୍ଷିକ ବର୍ଷାର ପ୍ରାୟ ୭୦ ପ୍ରତିଶତ ଏହି ସମୟରେ ହିଁ ହୋଇଥାଏ। ବିଗତ ଦୁଇ ବର୍ଷ (୨୦୨୪ ଏବଂ ୨୦୨୫)ରେ ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଥିଲା। ଯାହାଫଳରେ ଜଳାଶୟଗୁଡ଼ିକ ସମ୍ପୂର୍ଣ୍ଣ ଭରପୂର ଥିଲା ଏବଂ କୃଷି ଉତ୍ପାଦନ ବହୁତ ଭଲ ହୋଇଥିଲା। ୨୦୨୬ରେ ଏହି ସ୍ଥିତିରେ ବଡ଼ ବାଧା ସୃଷ୍ଟି ହେବାକୁ ଯାଉଛି।

ମୌସୁମୀ ବର୍ଷା ଅଭାବରୁ ସବୁଠାରୁ ବଡ଼ ପ୍ରଭାବ କୃଷି କ୍ଷେତ୍ର ଉପରେ ପଡ଼ିବ। ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଫସଲହାନି ଭୟ ରହିଛି। ବିଶେଷ କରି ମରୁଡ଼ିପ୍ରବଣ ଅଞ୍ଚଳରେ ରହୁଥିବା ଚାଷୀମାନେ ଗମ୍ଭୀର ଆର୍ଥିକ ସଙ୍କଟର ସାମନା କରିବେ। ଫଳରେ ଗ୍ରାମୀଣ ଅଞ୍ଚଳରେ ଋଣଭାର ଓ ଭିଟାମାଟିରୁ ପଳାୟନ ଭଳି ସମସ୍ୟା ବୃଦ୍ଧି ପାଇବ। ଫସଲ ଉତ୍ପାଦନ ହ୍ରାସ ପାଇଲେ ସାରା ଦେଶରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ ଏବଂ ଏହା ମୁଦ୍ରାସ୍ଫୀତିକୁ ବଢ଼ାଇବ। ଏହାଦ୍ୱାରା ଦେଶର ସାମଗ୍ରିକ ଜିଡିପି ବିକାଶ ହାର ପ୍ରଭାବିତ ହେବା ନିଶ୍ଚିତ ବୋଲି କୁହାଯାଉଛି। ବର୍ଷା ଅଭାବରୁ ଦେଶର ପ୍ରମୁଖ ଜଳଭଣ୍ଡାର ଓ ଡ୍ୟାମ୍‌ଗୁଡ଼ିକର ଜଳସ୍ତର ହ୍ରାସ ପାଇବ।

# ଦୋ'ଛକିରେ ମଣ୍ଡଳ ଦମ୍ପତି ଓ ପ୍ରଭାତ ବିଶ୍ୱାଳ

- ବିଜେଡି ଛାଡ଼ିବା ପରେ ପଦ୍ମ ଧରିବା ଚର୍ଚ୍ଚା ହେଉଥିଲା
- ମାସେ ପରେ ବି ମିଳୁନି କି ସବୁଜ ସଙ୍କେତ ?





ଭୁବନେଶ୍ୱର, ୩୧।୫(ସଂଚାର ବ୍ୟୁରୋ)ଃ ବିଜେଡି ଛାଡ଼ିବା ପରେ ଭଦ୍ରକର ମୁକ୍ତିକାନ୍ତ ମଣ୍ଡଳ, ତାଙ୍କ ପତ୍ନୀ ଓ ସାହୁ ଦମ୍ପତି ବିଜେପିରେ ସାମିଲ ହେବା ନେଇ ଜୋରଦାର ଆଲୋଚନା ହେଲା। ଦଳ ଛାଡ଼ିବାର ମାସେରୁ ଅଧିକ ସମୟ ହେଲାଣି ଏଯାଏଁ ପଦ୍ମ ଶିବିରରୁ ମିଳୁନି ସବୁଜ ସଂକେତ। ଏଭଳି ଦୋଦୁଲ୍ୟମାନ ସ୍ଥିତିରେ ଜିଲ୍ଲାର ଏହି ଦୁଇ ନେତାଙ୍କ ରାଜନୈତିକ ଭବିଷ୍ୟତ କ'ଣ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦେବାଶିଷ ସାମନ୍ତରାୟ ବିଜେଡିରୁ ଯାଇ ଗୋଟିଏ ଦିନରେ ବିଜେପିରେ ମିଶିଥିବା ବେଳେ ମଣ୍ଡଳ ଦମ୍ପତି ପଦ୍ମ ପୋଖରୀରେ ପଶି ପାରୁନାହାଁନ୍ତି। ସେହିଭଳି ପ୍ରଭାତ ବିଶ୍ୱାଳ ଓ ତାଙ୍କ ପୁଅ ବିଧାୟକ ସୌଭିକ ବିଶ୍ୱାଳ ବିଜେଡିରୁ ବିଦା ହେବା ପରେ ବିଜେପିରେ ମିଶିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ସେ ମଧ୍ୟ ପଦ୍ମ ଶିବିରକୁ ଯାଇପାରୁନାହାଁନ୍ତି। ଭଦ୍ରକ ଓ କଟକ ଏହି ପ୍ରଭାବଶାଳୀ ନେତାମାନେ କାହିଁକି ବିଜେପିରେ ସାମିଲ ହୋଇପାରୁନାହାଁନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୨୬ ଏପ୍ରିଲ ୨୫ ତାରିଖରେ ଭଦ୍ରକର ଟାଣୁଆ ରାଜନୈତିକ ଦମ୍ପତି ବିଜେଡିକୁ ବାଏ ବାଏ କଲେ। ମୁକ୍ତିକାନ୍ତ ମଣ୍ଡଳ, ମଞ୍ଜୁଲତା ମଣ୍ଡଳ, ଶଶୀ ସାହୁ, ସୁବାସିନୀ ସାହୁଙ୍କ ସହ ଜଗନ୍ନାଥ ସାହୁ ନବୀନଙ୍କ ହାତ ଛାଡ଼ିଥିଲେ। ଚର୍ଚ୍ଚା ହେଉଥିଲା, ଖୁବଶୀଘ୍ର ସେମାନେ ବିଜେପିରେ ମିଶିବେ। ଚର୍ଚ୍ଚା ହେଉଥିଲା ଯେ ମେ' ପ୍ରଥମ ସପ୍ତାହରେ ମଣ୍ଡଳ ଓ ସାହୁ ଦମ୍ପତି ପଦ୍ମ ଧରିବେ। ହେଲେ ସମୟ ଗଡ଼ିବା ସହ ଏହି ହେଭିୱେଟ ଦମ୍ପତିଙ୍କ ପାଇଁ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ଚର୍ଚ୍ଚା ହେଉଛି, ଗ୍ରୀନ୍ ସିଗନାଲ ମିଳୁ ନ ଥିବାରୁ ଅଟକିଛି ମିଶ୍ରଣ ପର୍ବ। ମଣ୍ଡଳ ଦମ୍ପତିଙ୍କୁ ଭଦ୍ରକ ବିଜେପିର କିଛି ପୁରୁଣା ନେତା ବିରୋଧ କରୁଛନ୍ତି। ବିଶେଷକରି ଧାମନଗର ଓ ଭଦ୍ରକ ନିର୍ବାଚନମଣ୍ଡଳୀରେ ଭିତିରିଆ ବିରୋଧ ତୀବ୍ର ହୋଇଛି। ସେହିଭଳି ବିଜେପିରେ ଶଶୀ ସାହୁଙ୍କ ଏଣ୍ଟ୍ରିକୁ ସିମୁଳିଆର ବିଧାୟକ ଚାହୁଁ ନ ଥିବା ଚର୍ଚ୍ଚା ହେଉଛି। ତେଣୁ ଦଳର ପୁରୁଣା ନେତାଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁନାହାନ୍ତି ବିଜେପିର ଶୀର୍ଷ ନେତୃତ୍ୱ। ଭଦ୍ରକ ରାଜନୀତିରେ ପଡିଆରା ଓ ଦବ୍‌ଦବାର ଲଢ଼େଇ ଭିତରେ ମିଶ୍ରଣ ପର୍ବ ବିଳମ୍ବିତ ହେଉଥିବା କୁହାଯାଉଛି। ସେହିଭଳି କଟକ ରାଜନୀତିରେ ଦବଦବା ରଖିଥିବା ପ୍ରଭାତ ବିଶ୍ୱାଳ ବିଜେପିରେ ମିଶିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଦେବାଶିଷ ପଦ୍ମ ଧରିବା ପରେ ଏହି ଚର୍ଚ୍ଚାରେ ଏବେ ସାମୟିକ ବିରାମ ଲାଗିଛି।

## ଐତିହାସିକ ବ୍ୟୁଫୋର୍ଟ ଦୁର୍ଗକୁ କବ୍‌ଜା କଲା ଇସ୍ରାଏଲ୍



ବିରୁଟ୍,୩୧।୫ଃ ଦକ୍ଷିଣ ଲେବାନନର ରଣନୈତିକ ବ୍ୟୁଫୋର୍ଟ ଦୁର୍ଗକୁ ଇସ୍ରାଏଲୀ ସୈନ୍ୟମାନେ ନିଜ କବଜାକୁ ନେଇଛନ୍ତି। ଦୀର୍ଘ ୨୬ ବର୍ଷ ମଧ୍ୟରେ ଏହା ଇସ୍ରାଏଲ ସେନାର ସବୁଠୁ ବଡ଼ ସଫଳତା ବୋଲି କୁହାଯାଉଛି। ଭୌଗୋଳିକ ଦୃଷ୍ଟିକୋଣରୁ ବ୍ୟୁପୋର୍ଟ ଦୁର୍ଗକୁ ଲେବାନନର ଏକ ରଣନୈତିକ କେନ୍ଦ୍ର ବୋଲି ବିଚାର କରାଯାଏ। ଏହି ଦୁର୍ଗରୁ ଏକସଙ୍ଗରେ ଦକ୍ଷିଣ ଲେବାନନ ଏବଂ ଉତ୍ତର ଇସ୍ରାଏଲ ଉପରେ ନଜର ରଖାଯାଇଥାଏ। ଇସ୍ରାଏଲୀ ସେନା ଓ ହିଜବୋଲା ଯୋଦ୍ଧାମାନଙ୍କ ମଧ୍ୟରେ ତୀବ୍ର ସଂଘର୍ଷ ପରେ ପର୍ବତ ଉପରିସ୍ଥ ଏହି ଐତିହାସିକ ଦୁର୍ଗକୁ ଇସ୍ରାଏଲ ନିଜ ଆୟତ୍ତକୁ ନେଇଛି।

## ପୁଲିସର ସ୍ୱତନ୍ତ୍ର ଅଭିଯାନରେ ଚୋର ଗିରଫ



କୋଲକାତା,୩୧।୫(ସଂଚାର ବ୍ୟୁରୋ)ଃ ଚୋରର ଶେଖରକ୍ଷା ହେଲାନାହିଁ। ଜଳକାକା ନଦୀ କୂଳରେ ଅବସ୍ଥିତ ଏକ ପରିତ୍ୟକ୍ତ ଘରୁ ବହୁ ଚୋରି ଯୋଜନା ରଚାଯାଉଥିଲା, ଏହି ଯୋଜନାକୁ ପୁଲିସ ସଫଳତାର ସହ ପଣ୍ଡ କରିଦେଇଛି। ଏକ ସ୍ୱତନ୍ତ୍ର ଅଭିଯାନ ପରେ, ମୟନାଗୁଡ଼ି ଥାନାର ପୁଲିସ ଦ୍ୱାରା ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ସମୟରେ ପୁଲିସ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, କାରଣ ସେମାନେ ଚୋରକୁ ସେତେବେଳେ ଗଞ୍ଜେଇ ଧୂମପାନ କରିବାରେ ମଗ୍ନ ଥିବା ଦେଖିଥିଲେ। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ଜଲପାଇଗୁଡ଼ି ଜିଲ୍ଲାର ଧୂପଗୁଡ଼ିର ସ୍ଥାନୀୟ ବାସିନ୍ଦା ଶ୍ରୀବାସ ମଜୁମଦାର। ଜାଣିବାକୁ ମିଳିଛି ଯେ ଗତ ମଙ୍ଗଳବାର ଦିନ, ଅଭିଯୁକ୍ତ ଜଣକ ଚାର ଚୁରାଭଣ୍ଡାର ଅଞ୍ଚଳର ଏକ ଘରେ ଚୋରି କରିଥିଲେ। ଘରମାଲିକ ସେତେବେଳେ ଉପସ୍ଥିତ ନଥିଲେ। ଏହି ସୁଯୋଗକୁ ନେଇ ଚୋର ଘର ଛାଡ଼ି ପଳାଇବା ପୂର୍ବରୁ ନଗଦ ଟଙ୍କା ଏବଂ ସୁନା ଅଳଙ୍କାର ଚୋରି କରି ନେଇଥିଲା। ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ, ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ତଦନ୍ତକୁ ଆଧାର କରି, ଏକ ପୁଲିସ ଦଳ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା। ଶେଷରେ, ଅଭିଯୁକ୍ତକୁ ଜଳକାକା ନଦୀ କୂଳ ସଂଲଗ୍ନ ଏକ ଅଞ୍ଚଳରେ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବା ପରେ କୋର୍ଟ ତାଙ୍କୁ ପାଞ୍ଚ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଛି। ଅନ୍ୟପକ୍ଷରେ, ଅଭିଯୁକ୍ତଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି, ପୁଲିସ ଜଣାଉଛି ଯେ ପୂର୍ବରୁ ମଧ୍ୟ ବିଭିନ୍ନ ଚୋରି ଘଟଣାରେ ତାଙ୍କର ଲିଙ୍କ ଥିବା ସନ୍ଦେହ କରାଯାଉଛି।

## କାମାରହାଟୀରେ ମଦନଙ୍କ 'ଡେରା'ରେ ପୁଲିସ

କୋଲକାତା, ୩୧।୫(ସଂଚାର ବ୍ୟୁରୋ)ଃ ଉଦୟ ଭିଲା ମହିଳା ସମବାୟ ସମିତି। ଠିକଣାଃ ୩୦ ବି.ଟି. ରୋଡ୍, କାମାରହାଟି। ରବିବାର, ବେଲଘରିଆ ଥାନାର ପୁଲିସ ଏବଂ ବାରାକପୁର ପୁଲିସ କମିଶନରେଟ୍ ମିଳିତ ଭାବରେ ଏହି ସଂସ୍ଥା ଉପରେ ଚଢ଼ାଉ କରିଥିଲେ। ଅଭିଯୋଗ ହୋଇଛି ଯେ ୨୦୧୧ ମସିହାରେ ତୃଣମୂଳ କଂଗ୍ରେସ କ୍ଷମତାକୁ ଆସିବା ପରଠାରୁ, ଏହି ପରିସର ମଦନ ମିତ୍ର ଏବଂ ତାଙ୍କ ସହଯୋଗୀଙ୍କ ନିୟନ୍ତ୍ରଣରେ ରହିଛି। ଏହା ବ୍ୟତୀତ, ତୃଣମୂଳର କ୍ଷମତା ବୃଦ୍ଧି ପରେ, ଏହି ପରିସରରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ହେଉଥିବାର ଅଭିଯୋଗ ମଧ୍ୟ ଆସିଛି।

## ପୂର୍ବତନ ତୃଣମୂଳ ବିଧାୟକ ଅସିତ ମଜୁମଦାର ଗିରଫ

କୋଲକାତା,୩୧।୫(ସଂଚାର ବ୍ୟୁରୋ)ଃ ସୋନାରପୁରରେ ତୃଣମୂଳ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିବା ପାଇଁ ଚୁଞ୍ଚୁଡାରେ ଏକ ପ୍ରତିବାଦ ରାଲିର ଆୟୋଜନ କରାଯାଇଥିଲା। ରାଲିରେ ପୂର୍ବତନ ତୃଣମୂଳ ବିଧାୟକ ଅସିତ ମଜୁମଦାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ପ୍ରଦର୍ଶନକାରୀ ଏବଂ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣାରେ ଅସିତ ମଜୁମଦାରଙ୍କ ସମେତ ଦଶ ଜଣଙ୍କୁ ଗିରଫ କରାଯାଇଛି। ଚୁଞ୍ଚୁଡା ପୌରସଭାର ଉପାଧ୍ୟକ୍ଷ ପାର୍ଥ ସାହାଙ୍କୁ ମଧ୍ୟ ଗିରଫ କରାଯାଇଛି।

## ମନାଲୀରେ ୧୦ କି.ମି. ଟ୍ରାଫିକ୍ ଜାମ୍

ମନାଲୀ,୩୧।୫ଃ ହିମାଚଳ ପ୍ରଦେଶର ମନାଲୀରୁ ଏକ ଉଦବେଗଜନକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ୍ ହୋଇଛି, ଯେଉଁଥିରେ ପ୍ରାୟ ୧୦ କିଲୋମିଟର ଯାଏ ରାସ୍ତାରେ କାର୍‌ସବୁ ଲମ୍ବାଲାଇନ୍ ଲଗାଇ ଠିଆ ହୋଇଥିବା ଦେଖିବାକୁ ମିଳୁଛି। ଏହି ଭିଡ଼ିଓକୁ ପ୍ରଥମେ ନିଜର 'ଏକ୍ସ' ଆକାଉଣ୍ଟରେ ନିଖିଲ୍ ସାଇନି ପୋଷ୍ଟକରିବା ସହ ଏହା ଅବସର (ଛୁଟିକାଟିବା ବେଳ) ନା ଦଣ୍ଡ ବୋଲି ଲେଖିଥିଲେ। ତୁମେ ଯଦି ଛୁଟି ମନାଇବାକୁ ଆସି ୧୦ କିଲୋମିଟର ଯାଏ ବ୍ୟାପିଥିବା ଟ୍ରାଫିକ୍‌ରେ ଫସି ରହିବ ତା'ହେଲେ ଏହା କିପରି ଭେକେସନ୍ ବୋଲି ସେ ପ୍ରଶ୍ନ କରିଥିଲେ। ଏହିସହ ସେ ଏହାକୁ 'ହଲିଡେ' ନୁହେଁ 'ଟର୍ଚ୍ଚର' ବୋଲି ଲେଖି ତାଙ୍କ ସହ 'ଏକ୍ସ'ରେ ସାମିଲଥିବା ଲୋକମାନଙ୍କୁ ତୁରନ୍ତ ହିମାଚଳ ଯାତ୍ରା ସ୍ଥଗିତ ରଖିବାକୁ ପରାମର୍ଶ ଦେଇଛନ୍ତି। ତାତିଲା ତାପରୁ ତ୍ରାହି ପାଇବା ଲାଗି ହଜାର ହଜାର ପର୍ଯ୍ୟଟକ କାସୋଲ, ମଣିକରଣ ଓ ସମୀପବର୍ତ୍ତୀ ହିଲ୍ ଷ୍ଟେସନକୁ ଆସିବା କାରଣରୁ ଟ୍ରାଫିକ୍ ଜାମ୍ ହେଉଥିବା ଖବର ପ୍ରକାଶିତ ହୋଇଛି।

## ଉତ୍କଳ କରାଟେ ସ୍କୁଲର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର, ୩୧।୫ (ସଂଚାର ବ୍ୟୁରୋ)ଃ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଆୟୋଜିତ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ରବିବାର ସ୍କୁଲ ପରିସରରେ ଉଦଯାପିତ ହୋଇଯାଇଛି। ମେ' ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବୟସବର୍ଗର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କୁ ବନ୍ଧୁକ ଚାଳନା ଓ ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ଆତ୍ମରକ୍ଷା କୌଶଳ ବିଶାରଦ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରତିଯୋଗୀମାନଙ୍କୁ ଆତ୍ମରକ୍ଷା କୌଶଳ, ଫିଟନେସ ଓ ମାନସିକତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅଭିଜ୍ଞ ବନ୍ଧୁକ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ବନ୍ଧୁକ ଚାଳନରେ ଅଂଶଗ୍ରହଣ କରିଥିବା ଶିବିରାର୍ଥୀଙ୍କୁ ରାଇଫଲ ଓ ପିସ୍ତଲ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ବନ୍ଧୁକ ପ୍ରଶିକ୍ଷଣ ଅବସରରେ ଶିବିରାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୦ ମିଟର ରାଇଫଲ ବିଭାଗରେ ସସ୍ମିତା ମିଶ୍ର ପ୍ରଥମ ହୋଇଥିବା ବେଳେ ଆଲ୍ୟା ଦାଶ ଦ୍ୱିତୀୟ ଓ ଆର୍ଯ୍ୟ ଜଗନ୍ନାଥ ମିଶ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। ୧୦ ମିଟର ପିସ୍ତଲ ଚାଳନା ବିଭାଗରେ ଆଦିତ୍ୟ ପ୍ରଧାନ ପ୍ରଥମ ହୋଇଥିବା ବେଳେ ଦୀପଶିତା ନାଥ ଦ୍ୱିତୀୟ ଓ ମନୋଜ କୁମାର ଷଡ଼ଙ୍ଗୀ ତୃତୀୟ ସ୍ଥାନ ହାସଲ କରିଥିଲେ।

## ଆଠଗଡ ସେଣ୍ଟ ଜାଭିୟର୍ସ ବିବାଦ | ଅଭିଭାବକଙ୍କ ଧାରଣା ପରେ ହସ୍ତକ୍ଷେପ କଲେ ଉପଜିଲ୍ଲାପାଳ



### ଉଭୟ ଟ୍ରଷ୍ଟକୁ କାଗଜ ପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ

କଟକ,୩୧।୫(ସଂଚାର ବ୍ୟୁରୋ)ଃ ଆଠଗଡ ସେଣ୍ଟ ଜାଭିର୍ୟସ ସ୍କୁଲର ମାଲିକାନା ସ୍ୱତ୍ୱକୁ ନେଇ ଚାଲିଥିବା ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ବିବାଦକୁ ନେଇ ବିଦ୍ୟାଳୟ ପରିବେଶରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ତଥା ହାତାହାତିକୁ ନେଇ ପୃଥକ ଭାବେ ଆଠଗଡ ଥାନାରେ ଏକାଧିକ ଏତଲା ରୁଜୁ କରାଯାଇଛି। ଏହାକୁ ନେଇ ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାର ସମାଧାନ ନିମନ୍ତେ ଶୁକ୍ରବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଭାବକଙ୍କ ଅଭିଯୋଗ ଆଧାରରେ ବିବାଦର ସମାଧାନ ପାଇଁ ଉପଜିଲ୍ଲାପାଳ ରବିବାର ଦୁଇଗୋଷ୍ଠୀଙ୍କୁ ଆଲୋଚନା ପାଇଁ ଡାକିଥିଲେ।

ବିବାଦ ସମାଧାନ ଲାଗି ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ପୁରୁଣା ଟ୍ରଷ୍ଟ ପକ୍ଷରୁ ନିର୍ଦ୍ଦେଶକ ପ୍ରିୟଦର୍ଶୀ ନାୟକ, ସ୍କୁଲର ପ୍ରିନ୍ସପାଲ ପ୍ରେମରାଜ ପାତ୍ର ଓ ସୁପ୍ରିୟା ଯୋଗ ଦେଇଥିବା ବେଳେ ବିପକ୍ଷ ଗୋଷ୍ଠୀ ପକ୍ଷରୁ ସମ୍ୟକ ମହାନ୍ତି, ଅନୀଲ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଟ୍ରଷ୍ଟବୋର୍ଡ ଗଠନକୁ ନିର୍ଦ୍ଦେଶକ ପ୍ରିୟଦର୍ଶୀ ନାୟକ ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି କହିଥିଲେ। ସେହିପରି ସ୍କୁଲର ମେଲ୍ ଆଇଡି ଓ ପାସୱାର୍ଡ ବଦଳା ଯାଇଥିବା ନେଇ ସେଣ୍ଟ୍ରାଲ ବୋର୍ଡ ପକ୍ଷରୁ ମାଧ୍ୟମିକ ଶିକ୍ଷା ବୋର୍ଡର ଅଣ୍ଡର ସେକେଟାରୀ ଲଳିତ କୁମାର ହିମାଂଶୁ ଦେଇଥିବା ଏକ ପତ୍ରକୁ ଦେଖାଇଥିଲେ।

ତେବେ ନୂତନ ଟ୍ରଷ୍ଟ ପକ୍ଷରୁ ଏ ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି। ମାଲିକନା ସ୍ୱତ୍ୱକୁ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାରୁ ଏହାର ରାୟ ଆସିବା ପରେ ସମସ୍ତ ଘଟଣା ପଦାକୁ ଆସିବ ବୋଲି ସେମାନେ କହିଛନ୍ତି। ଅପରପକ୍ଷରେ, ଅଭିଭାବକଙ୍କ ଅନୁରୋଧ କ୍ରମେ ବିବାଦର ଆଶୁ ସମାଧାନ ପାଇଁ ସ୍କୁଲ ପରିଚାଳନାକୁ ନେଇ ଉଭୟ ଟ୍ରଷ୍ଟର ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ଉପଜିଲ୍ଲାପାଳ ଦୁଇଗୋଷ୍ଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କାଗଜ ପତ୍ରର ଯାଞ୍ଚ କରାଯାଇ ବିବାଦର ସମାଧାନ କରାଯିବ ବୋଲି ଅଭିଭାବକଙ୍କୁ ଆଶ୍ୱାସନା ଦେଇଛନ୍ତି।

## ଯୁକ୍ତ ଦୁଇ ବିଜ୍ଞାନରେ ଅମ୍ରିତାଙ୍କ ସଫଳତା



ଟାଙ୍ଗୀ,୩୧।୫ (ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୋଟସାହି ପଞ୍ଚାୟତ କଦରକଣା ଗ୍ରାମର ଅମ୍ରିତା ଭୂଇଁଆ ଚଳିତ ଶିକ୍ଷାବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୯୧.୬ ପ୍ରତିଶତ ମାର୍କ ରଖିଥିବା ବେଳେ ଏହାକୁ ନେଇ ପରିବାରଠାରୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଉକ୍ତ ସଫଳତା ପାଇଁ ଅମ୍ରିତା ଉଚ୍ଚ ମାଧ୍ୟମିକ ଟ୍ରେଟ୍ରାହେଡ୍ରନ୍ ଶିକ୍ଷାନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ ଓ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସେ ବାପା-ମା', ଟେଟ୍ରାହେଡ୍ରନ୍ ଅନୁଷ୍ଠାନର ଆଶୀର୍ବାଦ ପାଇଁ ସେ ୫୫୦ ମାର୍କ ରଖିପାରିଛନ୍ତି ବୋଲି ଅମ୍ରିତା କହିବା ସହ ପିତା ଡାକ୍ତର ପ୍ରକାଶ କୁମାର ଭୂଇଁଆ ଓ ମା' ସ୍ୱପ୍ନଲତା ଭୂଇଁଆ ଝିଅର ସଫଳତା ପାଇଁ ଗୌରବାନ୍ୱିତ ହୋଇଛନ୍ତି। ଜିବନୀ ଜଣେ ଡାକ୍ତର ହୋଇ ରୋଗୀଙ୍କ ସେବା କରିବା ତାଙ୍କର ସ୍ୱପ୍ନ ବୋଲି ଅମ୍ରିତା କହିଛନ୍ତି।

## ମୁଣ୍ଡମାଳ ଗଡଡ଼ ସାହି ଯୁବକଙ୍କ ସର୍ବତ ବଣ୍ଟନ

କଟକ,୩୧।୫(ସଂଚାର ବ୍ୟୁରୋ)ଃ ପ୍ରଚଣ୍ଡ ଖରା ସହ ନିଆ ବର୍ଷା କୁ ଆଖି ଆଗରେ ରଖି ଚୌଦ୍ୱାର ମୁଣ୍ଡମାଳସ୍ଥିତ ଗଡଡ଼ ସାହି ଯୁବକମାନେ ଦହି ସର୍ବତ ବଣ୍ଟନ କରିଛନ୍ତି। ଯୁବକମାନେ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ପ୍ରତ୍ୟେକ ରବିବାର ମୁଣ୍ଡମାଳ ଛକରେ ସେବା କାର୍ଯ୍ୟ ଜାରି ରଖିବା ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଖରାରେ ଯାଉଥିବା ପଥଚାରୀଙ୍କୁ କେତେବେଳେ ଦହି ସର୍ବତ ଦେଉଥିବାବେଳେ ଆଉ କେତେବେଳେ ନଣ୍ଡା ବଗୁଲି ସର୍ବତ ବିତରଣ କରୁଛନ୍ତି, ଯାହା ଆଖପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଯୁବକମାନଙ୍କ ଏହିଭଳି ନିଃସ୍ୱାର୍ଥ ସେବାକୁ ପଥଚାରୀମାନେ ପ୍ରଶଂସା କରିଛନ୍ତି।

# କ୍ଷମତା ଅଛି, ବିଜୁଳି ମିଳୁନି



ଭୁବନେଶ୍ୱର,୩୧।୦୫ଃ ରାଜ୍ୟରେ ଏବେ ପିକ୍ ସମୟରେ ଯେତିକି ବିଜୁଳି ଆବଶ୍ୟକ ହେଉଛି ତାହାଠାରୁ ଅଧିକ ବିଜୁଳି ଉତ୍ପାଦନର କ୍ଷମତା ରାଜ୍ୟରେ ରହିଛି। ତେବେ ଅକ୍ଷୟଶକ୍ତି କ୍ଷେତ୍ରରୁ କମ୍ ବିଜୁଳି ଉତ୍ପାଦନ ହେଉଥିବାବେଳେ ଘରୋଇ ତାପଜ ବିଦ୍ୟୁତ୍ ଉତ୍ପାଦନକାରୀମାନେ ଠିକଣା ସମୟରେ ହାତଛାଡ଼ି ଦେଉଥିବାରୁ ବିଜୁଳି ପାଇଁ କର୍ତ୍ତୃପକ୍ଷ ନାକେଦମ ହେଉଛନ୍ତି। ସହରଠାରୁ ଗାଁଗହଳି ପର୍ଯ୍ୟନ୍ତ ବିଦ୍ୟୁତ୍ କାଟର ଏହା ପ୍ରମୁଖ କାରଣ ବୋଲି କୁହାଯାଉଛି।

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଏଥିଯୋଗୁଁ ପ୍ରବଳ ଗୁଳୁଗୁଳି ଯୋଗୁଁ ବିଜୁଳି ଚାହିଦା ବଢ଼ିବାରେ ଲାଗିଛି। ପିକ୍ ସମୟରେ ଏହା ୮ ହଜାର ମେଗାୱାଟକୁ ଟପିଯାଉଛି। ତେବେ ରାଜ୍ୟରେ ବିଭିନ୍ନ ସୂତ୍ରରୁ ମିଳିବାକୁ ଥିବା ବିଜୁଳି ପରିମାଣ ୯ ହଜାର ୟୁନିଟ୍‌ରୁ ଅଧିକ ବୋଲି ଜଣାଯାଇଛି। ଏଥିମଧ୍ୟରେ ରାଷ୍ଟ୍ରାୟତ୍ତ ସଂସ୍ଥା, ରାଜ୍ୟ ସଂସ୍ଥା, ଅକ୍ଷୟଶକ୍ତି ସଂସ୍ଥା ଓ ଘରୋଇ ତାପଜ ବିଦ୍ୟୁତ୍ ଉତ୍ପାନକାରୀମାନେ ରହିଛନ୍ତି। ଏହି ସମସ୍ତ ସୂତ୍ରରୁ ଯଦି ଠିକଣା ଭାବେ ବିଜୁଳି ମିଳନ୍ତା, ତା'ହେଲେ ପିକ୍ ସମୟରେ ଗ୍ରାହକଙ୍କୁ ବିଜୁଳି ଯୋଗାଣରେ କୌଣସି ସମସ୍ୟା ଦେଖା ଦିଅନ୍ତା ନାହିଁ।

ଏହି ସୂଚନାନୁଯାୟୀ, କେନ୍ଦ୍ରୀୟ ସଂସ୍ଥାଗୁଡ଼ିକରୁ ମୋଟ୍ ୪୦୩୮ ମେଗାୱାଟ ବିଜୁଳି ମିଳିବାକୁ ଥିବା ବେଳେ ସେମାନଙ୍କ ପାଖରୁ ମିଳୁଛି ପାଖାପାଖି ୨ ହଜାର ମେଗାୱାଟ। କେନ୍ଦ୍ରୀୟ ଉତ୍ସ ମଧ୍ୟରେ ସର୍ବାଧିକ ବିଜୁଳି ତାପଜ କେନ୍ଦ୍ରରୁ ମିଳିବାକୁ ଥିବା ବେଳେ ଜଳବିଦ୍ୟୁତ୍, ପବନ ଶକ୍ତି ଓ ସୌରଶକ୍ତି ଆଦି ରହିଛି। ହେଲେ ଏହିସବୁ ସୂତ୍ରରୁ ମିଳୁଥିବା ବିଜୁଳି ପରିମାଣ ୨ ହଜାର ମେଗାୱାଟ ଟପିପାରୁନାହିଁ। ସୌରଶକ୍ତି କ୍ଷେତ୍ରରୁ ୯୭୫ ମେଗାୱାଟ ବିଜୁଳି ସ୍ଥାନରେ ମିଳୁଛି ୧୮୩ ମେଗାୱାଟ। ବିଭିନ୍ନ କେନ୍ଦ୍ରୀୟ ତାପଜ କେନ୍ଦ୍ରରୁ ୨୪୨ ମେଗାୱାଟ ବିଜୁଳି ମିଳିବାକୁ ଥିବାବେଳେ ମିଳୁଛି ଦେଢ଼ ହଜାର ମେଗାୱାଟରୁ ସାମାନ୍ୟ ଅଧିକ।

ସେହିଭଳି ରାଜ୍ୟସ୍ତରୀୟ ଉତ୍ସରୁ ୫୮୬୮ ମେଗାୱାଟ ବିଜୁଳି ମିଳିବାକୁ ଥିବା ବେଳେ ମିଳୁଥିବା ବିଜୁଳି ପରିମାଣ ଏହାର ଅଧାରୁ ସାମାନ୍ୟ ଅଧିକ ରହିଛି। ତେବେ ରାଜ୍ୟର ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ସରକାରଙ୍କ ସଂସ୍ଥା ଓପିଜିସି ଓ ଜଳବିଦ୍ୟୁତ୍ ଆଦି ଉତ୍ପାଦନ କ୍ଷମତାରୁ ୯୫ ପ୍ରତିଶତରୁ ଅଧିକ ଶକ୍ତି ଉତ୍ପାଦନ କରି ସ୍ଥିତି ସମ୍ଭାଳି ନେଉଛନ୍ତି। ରାଜ୍ୟରେ ସୌରଶକ୍ତି ପ୍ରକଳ୍ପଗୁଡ଼ିକରୁ ୮୦ ମେଗାୱାଟ ବିଜୁଳି ମିଳୁଥିବା ବେଳେ ଅନ୍ୟାନ୍ୟ ଅକ୍ଷୟଶକ୍ତି ଉତ୍ସରୁ ବି ଅନୁରୂପ ପରିମାଣର ଶକ୍ତି ମିଳୁଛି।

ତେବେ ସବୁଠାରୁ ବଡ଼ କଥା ହେଉଛି, ରାଜ୍ୟରେ ଥିବା ସ୍ୱାଧୀନ ଶକ୍ତି ଉତ୍ପାଦକ (ଆଇପିପି)ମାନେ ଓଡ଼ିଶା ସରକାରଙ୍କୁ ଠିକଣା ସମୟରେ ବିଜୁଳି ଦେଉନାହାନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ୬୦୦ ମେଗାୱାଟ ବିଜୁଳି ଯୋଗାଇବାକୁ ଥିବା ବେଦାନ୍ତ ଓ ୨୦୦ ମେଗାୱାଟ ବିଜୁଳି ଯୋଗାଇବାକୁ ଥିବା ଜେଏସଡବ୍ଲ୍ୟୁ। ବେଦାନ୍ତ ଚୁକ୍ତିର ଅଧା ବିଜୁଳି ଦେଉଥିବା ବେଳେ ଜେଏସଡବ୍ଲ୍ୟୁ ଆଦୌ ବିଜୁଳି ଦେଉନାହିଁ। ଫଳରେ ପିକ୍ ସମୟରେ ରାଜ୍ୟ ସରକାର ବିଜୁଳି ପାଇଁ ନାକେଦମ ହେଉଛନ୍ତି।

ରାଜ୍ୟରେ ବିଜୁଳିର ଅଭାବ ନ ଥିବା ବେଳେ ଓ ଉତ୍ପାଦନ କ୍ଷମତା ଚାହିଦାଠାରୁ ଢେର ଅଧିକ ରହିଥିବା ବେଳେ ପିକ୍ ସମୟ ସହିତ ଅନ୍ୟ ସମୟରେ ବି ବିଜୁଳି କାଟ ହେଉଛି। ତେଣୁ ରାଷ୍ଟ୍ରାୟତ ସଂସ୍ଥା ସହିତ ଘରୋଇ ଆଇପିପିମାନେ କଭଳି ଚୁକ୍ତି ଅନୁଯାୟୀ ବିଜୁଳି ଯୋଗାଣ କରିବେ ତାହା ଉପରେ ଗୁରୁତ୍ୱ ଦେବା ସହିତ ଅକ୍ଷୟ ଶକ୍ତି ଉତ୍ସରୁ ଅଧିକ ବିଜୁଳି ପାଇବା ପାଇଁ ପଦକ୍ଷେପ ନେବା ଲାଗି ମତପ୍ରକାଶ ପାଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରସିବିର ଟାଇଟଲ୍...

ସକାଶେ ଉଦ୍ୟମ କରିଥିଲେ ହେଁ ଏହା ମାତ୍ର ୨୯ ରନ୍ ମଧ୍ୟରେ ସୀମିତ ରହିଥିଲା। ସିନ୍ଧୁ ବ୍ୟକ୍ତିଗତ ଭାବେ ୩ଟି ଚୌକା ସହ ୨୦ ରନ୍‌ରେ ଆଉଟ୍ ହେବା ପରେ ବଟଲର୍ ମଧ୍ୟ ୧୯ ରନ୍‌ର ଯୋଗଦାନ ଦେଇଥିଲେ। ଏହାପରେ ଯଦିଓ ଜଣଙ୍କ ପରେ ଜଣେ ବ୍ୟାଟ୍ସମ୍ୟାନ୍ ପ୍ୟାଭିଲିଅନ୍ ଫେରିଥିଲେ, କିନ୍ତୁ ୱାଶିଂଟନ୍ ସୁନ୍ଦର ଗୋଟିଏ ପଟେ ଦୃଢ଼ ଭାବେ ଦଣ୍ଡାୟମାନ ରହିଥିଲେ। ସେ ଇନିଂସ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ୩୭ ବଲ୍‌ରେ ୫ଟି ଚୌକା ସହ ୫୦ ରନ୍ କରିଥିଲେ। ସପ୍ତମ ୱିକେଟ୍‌ରେ ସେ ଜେସନ୍ ହୋଲ୍‌ଡରଙ୍କ ସାଥୀରେ ୨୭ ରନ୍ ଯୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଶଦ୍ ଖାନ୍ ୧୫, ରାହୁଲ୍ ଟେୱଟିଆ, ହୋଲ୍‌ଡର୍ ଓ ରଶିଦ୍ ଖାନ୍ ୭ ରନ୍ ଲେଖାଏଁ କରିଥିଲେ। ଦଳ ଧାର୍ଯ୍ୟ ୧୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୫୫ ରନ୍ କରିଥିଲା। ଆର୍‌ସିବି ପକ୍ଷରୁ ସଫଳତମ ବୋଲର୍ ଭାବେ ରଶିଖ୍ ସଲାମ୍ ଦର୍ ୩ଟି ଏବଂ ଭୁବନେଶ୍ୱର କୁମାର ଓ ଜୋଶ୍ ହେଜଲଉଡ୍ ୨ଟି ଲେଖାଏଁ ଓ କୃଣାଲ୍ ପାଣ୍ଡ୍ୟା ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ। ବ୍ୟାଟିଂରେ ଦଳ ପକ୍ଷରୁ ପ୍ରାରମ୍ଭରୁ ଦାୟିତ୍ୱର ସହ ପ୍ରଦର୍ଶନ କରିଥିଲେ ଦୁଇ ଓପନର କୋହଲି ଓ ଭେଙ୍କଟେଶ ଆୟର୍। ଉଭୟ ୬୨ ରନ୍ ଯୋଡ଼ି ଦଳ ପାଇଁ ଏକ ସଶକ୍ତ ମୂଳଦୁଆ ପକାଇଥିଲେ। ମାତ୍ର ୧୬ଟି ବଲ୍ ଖେଳି ଭେଙ୍କଟେଶ ୪ଟି ଚୌକା ଓ ୨ଟି ଛକା ଜରିଆରେ ୩୨ ରନ୍ କରି ବିଦାୟ ନେଇଥିଲେ। ଚଳିତ ପ୍ରତିଯୋଗିତାରେ ଭଲ ଫର୍ମରେ ଥିବା ଦେବଦତ୍ତ ପାଡିକଲ୍ କିନ୍ତୁ ଫାଇନାଲ୍‌ରେ ନିରାଶ କରିଥିଲେ। ସେ ଦଳୀୟ ସ୍କୋର୍‌ରେ ମାତ୍ର ୧ ରନ୍‌ର ଯୋଗଦାନ ଦେଇପାରିଥିଲେ। ପରେ ଅଧିନାୟକ ରଜତ ପାଟିଦାର ଓ କୃଣାଲ୍ ଗୁଜରାଟର ତାରକା ସ୍ପିନର୍ ରଶିଦ୍ ଖାନ୍‌ଙ୍କ ଗୋଟିଏ ଓଭର୍‌ରେ ପ୍ୟାଭିଲିଅନ୍ ଫେରିଥିଲେ। ସେତେବେଳକୁ ପାଟିଦାର ଗୋଟିଏ ଲେଖାଏଁ ଚୌକା ଓ ଛକା ଜରିଆରେ ୧୫ ଏବଂ କୃଣାଲ୍ ମାତ୍ର ୧ ରନ୍ କରିଥିଲେ। ଟିମ୍ ଡେଭିଡ୍ କିଛି ସମୟ ପାଇଁ କୋହଲିଙ୍କ ସାଥ୍ ଦେଇ ପଞ୍ଚମ ୱିକେଟ୍‌ରେ ୪୧ ରନ୍‌ର ଭାଗୀଦାରୀ କରିଥିଲେ। କିନ୍ତୁ ସେ ଗୋଟିଏ ଛକା ଓ ୩ଟି ଚୌକା ମାଧ୍ୟମରେ ୨୪ ରନ୍ କରି ବିଦାୟ ନେଇଥିଲେ। ତେବେ କୋହଲି ଓ ଜିତେଶ ଶାହ (୧୧*) ଅଷ୍ଟାଦଶ ଓଭର୍‌ର ଅନ୍ତିମ ବଲ୍‌ରେ ଦଳୀୟ ସ୍କୋର୍‌କୁ ୧୬୧ରେ ପହଞ୍ଚାଇବା ଫଳରେ ତୃତୀୟ ଦଳ ଭାବେ ଆର୍‌ସିବି କ୍ରମାଗତ ଟାଇଟଲ୍ ହାସଲ କରିଥିଲା। ଗୁଜରାଟ ପକ୍ଷରୁ ରଶିଦ୍ ୨ଟି ଏବଂ ମହମ୍ମଦ ସିରାଜ୍, କାଗିସୋ ରବାଡା ଓ ଅର୍ଶଦ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

### ରାଜ୍ୟରେ ମହିଳା...

ସାମଗ୍ରିକ ଭାବେ ୧୮.୬ ପ୍ରତିଶତ ମହିଳା ୧୮ ବର୍ଷରୁ କମ ବୟସରେ ବିବାହ କରୁଛନ୍ତି। ସେହିଭଳି ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ୨୯.୭ ପ୍ରତିଶତ ମହିଳା ଓ ୨୭.୮ ପ୍ରତିଶତ ପୁରୁଷ ମୋଟାପା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଦେଇ ସହରାଞ୍ଚଳର ମହିଳା ଓ ପୁରୁଷମାନେ ଅଧିକ ସଂଖ୍ୟାରେ ଗତି କରୁଛନ୍ତି। ଅନ୍ୟପକ୍ଷରେ ସାରା ଦେଶରେ ଡିଜିଟାଲ ବିପ୍ଳବ ଚାଲିଥିବା ବେଳେ ରାଜ୍ୟର ମାତ୍ର ୫୧.୮ ପ୍ରତିଶତ ମହିଳା ଓ ୭୩.୨ ପ୍ରତିଶତ ପୁରୁଷ ଇଣ୍ଟରନେଟ୍‌ର ବ୍ୟବହାର କରୁଛନ୍ତି। ରାଜ୍ୟର ୬୩.୬ ପ୍ରତିଶତ ମହିଳା ମୋବାଇଲ ବ୍ୟବହାର କରୁଛନ୍ତି। ଏଥିସହ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ମଧୁମେହ ଓ ଉଚ୍ଚ ରକ୍ତଚାପ ପରି ଲାଇଫଷ୍ଟାଇଲ ରୋଗରେ ପୀଡ଼ିତ। ରାଜ୍ୟର ୨୧.୭ ପ୍ରତିଶତ ମହିଳା ଉଚ୍ଚ ମଧୁମେହରେ ଆକ୍ରାନ୍ତ ହୋଇ ଔଷଧ ସେବନ କରୁଛନ୍ତି। ଆହୁରି ୨୬.୬ ପ୍ରତିଶତ ପୁରୁଷ ମଧୁମେହ ନିୟନ୍ତ୍ରଣ ପାଇଁ ମେଡିସିନ ନେଉଛନ୍ତି। ୨୨.୩ ପ୍ରତିଶତ ମହିଳା ଓ ୨୪.୯ ପ୍ରତିଶତ ପୁରୁଷ ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ ପାଇଁ ଦୈନିକ ଔଷଧ ଖାଉଛନ୍ତି ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

### ପ୍ରତିଯୋଗିତାମୂଳକ...

ବରିଷ୍ଠ ଅଧିକାରୀ ଓ ଶିକ୍ଷାବିତ୍‌ମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ବିଶ୍ୱବିଦ୍ୟାଳୟଗୁଡ଼ିକ ଜ୍ଞାନ, ନବସୃଜନ ଏବଂ ନେତୃତ୍ୱର କେନ୍ଦ୍ର ଏବଂ ରାଷ୍ଟ୍ର ନିର୍ମାଣରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଦ୍ରୁତ ବୈଷୟିକ ପ୍ରଗତି ଓ ବିଭିନ୍ନ ଆହ୍ୱାନ ମଧ୍ୟରେ ବିଶ୍ୱ ଅଭୂତପୂର୍ବ ପରିବର୍ତ୍ତନ ଦେଇ ଗତି କରୁଛି। ତେଣୁ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକ ଜ୍ଞାନ, ଦକ୍ଷତା ଏବଂ ମୂଲ୍ୟବୋଧ ସହ ଏକ ଜଟିଳ ଭବିଷ୍ୟତକୁ ସମ୍ମୁଖୀନ କରିବା ପାଇଁ ଗଢ଼ିତୋଳିବା ଉଚିତ। ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ଅର୍ଥନୈତିକ ସ୍ୱାବଲମ୍ବନଠାରୁ ଅଧିକ ଓ ନବସୃଜନ, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ସ୍ୱାସ୍ଥ୍ୟସେବା, ଶକ୍ତି ଓ ଶିକ୍ଷା ସହିତ ଅନ୍ତର୍ଭୁକ୍ତ। ଏ ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଉଦ୍ୟମିତା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା, ସମାଜରେ ଅଭିବୃଦ୍ଧି ଓ ବିକାଶ ପାଇଁ ଯୁବପିଢ଼ିକୁ ସଶକ୍ତ କରିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଡିଗ୍ରୀ ପ୍ରଦାନକାରୀ ପ୍ରତିଷ୍ଠାନ ନୁହେଁ, ବରଂ ଜ୍ଞାନ ସୃଷ୍ଟି, ନବସୃଜନ ଓ ଗବେଷଣାର କେନ୍ଦ୍ର। ଶିକ୍ଷା କ୍ଷେତ୍ର ପାଇଁ ରାଜ୍ୟ ସରକାରଙ୍କ ବର୍ଦ୍ଧିତ ବଜେଟ୍ ଆବଣ୍ଟନ ଉପରେ ଆଲୋକପାତ କରିବା ସହ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ରୂପରେଖ ବିଷୟରେ ମୁଖ୍ୟମନ୍ତ୍ରୀ କହିଥିଲେ। ଶିକ୍ଷା ଏକ ପ୍ରଗତିଶୀଳ ଏବଂ ସମୃଦ୍ଧ ସମାଜର ମୂଳଦୁଆ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଓଡ଼ିଶା ୨୦୩୬ ସୁଦ୍ଧା ବିକଶିତ ରାଜ୍ୟ ହୋଇ ବିକଶିତ ଭାରତର ଜାତୀୟ ଦୃଷ୍ଟିକୋଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାର ମହତ ଆକାଂକ୍ଷା ରଖିଛି। ଏହି ଅବସରରେ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଇଂରାଜୀ ଓ ଓଡ଼ିଆ ବିତର୍କ ପାଇଁ ଚାନ୍ସେଲର୍ସ କପ୍ ଘୋଷଣା କରାଯିବା ସହ ଉନ୍ମୋଚିତ ହୋଇଥିଲା।

### ରପ୍ତାନୀ ଶୁଳ୍କ...

ଲିଟରରେ ୯ ଟଙ୍କା ୫୦ ପଇସା କମ୍ କରାଯିବ। ଏହି ସଂଶୋଧିତ ଶୁଳ୍କହାର ଜୁନ୍ ପହିଲାରୁ ଲାଗୁହେବ ଓ ଏହା ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ କାଏମ୍ ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏହି ସଂଶୋଧନ ହେଉଛି ସରକାରଙ୍କର ଏକ ନିୟମିତ ପ୍ରକ୍ରିୟା। ଅନ୍ତର୍ଜାତୀୟ ତୈଳ ବଜାରରେ ପ୍ରଚଳିତ ବ୍ରେଣ୍ଟ କ୍ରୁଡ୍ ତୈଳ (ଅଶୋଧିତ) ଓ ବିଶୋଧିତ ପେଟ୍ରୋଲିଅମ୍ ଜାତ ଉତ୍ପାଦର ମୂଲ୍ୟ ଆଧାରରେ ସରକାରଙ୍କ ପକ୍ଷରୁ ପ୍ରତି ଦୁଇସପ୍ତାହରେ ଥରେ ଏଭଳି ଶୁଳ୍କ ସମୀକ୍ଷା କରାଯାଇଥାଏ। ପଶ୍ଚିମ ଏସିଆରେ କ୍ରମବର୍ଦ୍ଧିଷ୍ଣୁ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ (ଏସଏଇଡି) ଏବଂ ରାସ୍ତା ଓ ଭିତ୍ତିଭୂମି ସେସ୍ (ଆରଆଇସି)କୁ ବିଚାରକୁ ନେଇ ଗତ ମାର୍ଚ୍ଚ ୨୭ ତାରିଖରେ ଶେଷ ଥର ପାଇଁ ପେଟ୍ରୋଲିଅମ୍‌ଜାତ ଉତ୍ପାଦଗୁଡ଼ିକ ଉପରେ ରପ୍ତାନୀ ଶୁଳ୍କ (ଏକ୍ସପୋର୍ଟ ଲେଭି) ପ୍ରଚଳନ କରାଯାଇଥିଲା। ବିଶ୍ୱ ଶକ୍ତି ବଜାରରେ ବୃଦ୍ଧି ପାଉଥିବା ଅନିଶ୍ଚିତତା ସମୟରେ ରପ୍ତାନୀ ଯେପରି ବାଧାପ୍ରାପ୍ତ ନ ହୁଏ ତଥା ଘରୋଇ ବଜାରରେ ପେଟ୍ରୋଲିୟମ ଉତ୍ପାଦର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା।

### ସଫ୍ଟୱେର ପାଇଁ...

ଥିବାରୁ ଭତ୍ତା ପାଇପାରୁନାହାନ୍ତି। ପୂରା ରାଜ୍ୟରେ ଏବେ ଏଭଳି ସ୍ଥିତି ହୋଇଛି। ସେପଟେ ବିଭାଗୀୟ ମନ୍ତ୍ରୀ କହିଛନ୍ତି ଯେ ବ୍ୟାଙ୍କର ସଫ୍ଟୱେର୍‌ଜନିତ ସମସ୍ୟା ପାଇଁ ଭତ୍ତା ପ୍ରଦାନରେ ଅସୁବିଧା ହୋଇଛି। ଖୁବ୍‌ଶୀଘ୍ର ସମାଧାନ ହେବ। ତେବେ ବିରୋଧୀ ଯେଉଁ ଅଭିଯୋଗ କରୁଛନ୍ତି, ତାହା ଭିତ୍ତିହୀନ। ବିଜେଡି ସରକାର ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ବୃଦ୍ଧି କରି ନ ଥିଲେ। ହେଲେ ବିଜେପି ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ସାଢ଼େ ୩ ହଜାର ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ଗଣ୍ଡ କହିଛନ୍ତି।

### ବେଲପଣା ଓ ସୁବର୍ଣ୍ଣରେଖା...

ସ୍ଥାନରେ କଞ୍ଚା ଆମ୍ବ ଫୁଟିବାକୁ ଲାଗେ ଓ ତା'ପରେ ସ୍ଥାନୀୟ ପାନୀୟର ଯୁଗ ଆରମ୍ଭ ହୁଏ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟର ଦେଶୀ ପାନୀୟ ବିଷୟରେ କହିଛନ୍ତି, ଆପଣମାନେ ସ୍ଥାନୀୟ ପାନୀୟ ସହ ମଧ୍ୟ ପରିଚିତ। ଯଦି ଆପଣ ଉତ୍ତର ଭାରତ ଯିବେ, ତା'ହେଲେ ସେଠାରେ ଆପଣଙ୍କୁ ଅନେକ ସ୍ଥାନରେ ଆମ୍ ପଣା, କଞ୍ଚା ଆମ୍ବ ସ୍ୱାଦ ଓ ଗରମରୁ ମୁକ୍ତି ମିଳିବ। ଯଦି ଆପଣ ପଞ୍ଜାବ-ହରିଆଣା ଯାଆନ୍ତି, ତେବେ ଆପଣଙ୍କୁ ଲସି ମିଳିବ। ରାଜସ୍ଥାନ ଓ ଗୁଜରାଟରେ ବଟରମିଲ୍କ ପ୍ରତ୍ୟେକ ଖାଦ୍ୟର ସାଥୀ ହୋଇଯାଏ ଏବଂ ବିହାର, ଝାଡ଼ଖଣ୍ଡ, ପୂର୍ବ ଉତ୍ତର ପ୍ରଦେଶରେ ସତୁ ଶରବତ। ଏହା ବିଷୟରେ କଣ କହିବା, ଏହା ପେଟ ପୂରା କରିବା ସହ ଶକ୍ତି ପ୍ରଦାନ କରିଥାଏ। କୋଙ୍କଣ ଓ ଗୋଆରେ କୋକୁମ ଶରବତ, ସୋଲ କଢ଼ି ମିଳିଥାଏ।

### ଖୁବ୍‌ଶୀଘ୍ର ବିଜେଡି...

ବିଜେଡି ମହଲରେ ହେଉଥିବା ଆଲୋଚନା ଅନୁଯାୟୀ, ସୁଜାତା ବିଜେଡି ଦାୟିତ୍ୱ ନେଲେ ଦଳକୁ ଏକାଧିକ ଫାଇଦା ମିଳିବ। ଗୋଟିଏ ପଟେ ସୁଜାତା ଓଡ଼ିଆ ଝିଅ ହୋଇଥିବା ବେଳେ ତାଙ୍କୁ ଆଗରେ ରଖି ବିଜେଡି ମହିଳା କାର୍ଡ ଖେଳିବ। ସେହିଭଳି ଜଣେ ଓଡ଼ିଆ ବିଜେଡିର ଅଗ୍ରଭାଗରେ ରହିଲେ ବିରୋଧୀମାନେ ଆଉ ଓଡ଼ିଆ ଅସ୍ମିତା କାର୍ଡ ଖେଳି ବିଜେଡିକୁ କାଠଗଡ଼ାରେ ଛିଡ଼ା କରିପାରିବେ ନାହିଁ। ଅନ୍ୟ ପକ୍ଷରେ ସୁଜାତାଙ୍କର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ରହିଥିବା ବେଳେ ରାଜ୍ୟ ପ୍ରଶାସନରେ ଏବେ ବି ତାଙ୍କର ଅନେକ ଶୁଭଚିନ୍ତକ ଓ ସମର୍ଥକ ରହିଛନ୍ତି। ବିଜେଡିର ଏବେ ଅଧିକାଂଶ ନିଷ୍ପତ୍ତି ଯଦିଓ ନବୀନଙ୍କ ନାମରେ ଜାରି ହେଉଛି, କିନ୍ତୁ ଏହା ପଛରେ ପାଣ୍ଡିଆନଙ୍କ ମୁଣ୍ଡ ରହିଛି ବୋଲି ଦଳୀୟ ନେତାମାନେ ସ୍ୱୀକାର କରୁଛନ୍ତି। ତେଣୁ ସୁଜାତା ବିଜେଡି ଦାୟିତ୍ୱ ନେଲେ ଉଭୟ ନବୀନଙ୍କ ମାର୍ଗଦର୍ଶନ ଓ ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ଦଳ ଆଗକୁ ବଢ଼ିବ ବୋଲି ଚର୍ଚ୍ଚା ଜୋର୍ ଧରିଥିବା ବେଳେ ନବୀନଙ୍କ ଦିଲ୍ଲୀ ଫେରନ୍ତା ନିଷ୍ପତ୍ତି ଉପରେ ଏବେ ବିଜେଡି ନେତାମାନେ ନଜର ରଖିଛନ୍ତି। ରଥଯାତ୍ରା ଭଳି ଶୁଭ ମୁହୂର୍ତ୍ତରେ ନବୀନ ସୁଜାତାଙ୍କ ନାମ ଘୋଷଣା କରିପାରନ୍ତି ବୋଲି ବିଜେଡିର କିଛି ବରିଷ୍ଠ ନେତା ଆକଳନ କରୁଛନ୍ତି।

## ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋମାମାଡ ଘଟଣାକୁ ନିନ୍ଦା, ଦୋଷୀଙ୍କୁ ତୁରନ୍ତ ଧରିବାକୁ ଦାବି



ପାରାଦୀପ,୩୧।୫ (ସଂଚାର ବ୍ୟୁରୋ): ପାରାଦୀପ ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋତଲ ବୋମା ମାଡ ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି ପୁଲିସ। ଗତକାଲି ଘଟଣା ଘଟିବାର ମାତ୍ର କିଛି ସମୟ ମଧ୍ୟରେ ଜିଲ୍ଲା ଏସ୍ପି ଅର୍ଜିତ କୁମାର ବର୍ମା ଜଗତସିଂହପୁର ସଦର ମହକୁମାରୁ ଆସି ପାରାଦୀପରେ ଘଟଣାସ୍ଥଳରେ ପହଁଚିଥିବା ଦେଖିବାକୁ ମିଳିଥିବା ବେଳେ ରାତି ତମାମ ବିଭିନ୍ନ ଜାଗାରେ ଚଢ଼ାଉ କରି ପ୍ରାୟ ୬ ଜଣଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଜଣାପଡିଛି । ଘଟଣା କଣ ପାଇଁ ଘଟିଲା ଓ ଏହି ଘଟଣା ପଛରେ କିଏ ଅଛି, ତାହାର ମୂଳ ଏବେ ଖୋଜୁଛି ପୁଲିସ । ଏସ୍ପି ବିଭିନ୍ନ ଟିମ ଗଠନ କରି ଭିନ୍ନ ଭିନ୍ନ ଦୃଷ୍ଟିରୁ ତଦନ୍ତ ଜାରି ରଖିଥିବା ବେଳେ ଆଜି ଦିନ ତମାମ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ମାଣେ ଘଟଣା ସ୍ଥଳରେ ପହଂଚି ମଧ୍ୟ ଛାନଭିନ କରିଛନ୍ତି। ଏପଟେ ଘଟଣାକୁ ନେଇ ପାରାଦୀପ ବିଜେଡି ପକ୍ଷରୁ ଆଜି ସ୍ଥାନୀୟ ବିଜୁ ଟ୍ରଷ୍ଟରେ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ପୂର୍ବତନ ସାଂସଦ ଡ କୁଳମଣି ସାମଲ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଦୋଷୀଙ୍କୁ ତୁରନ୍ତ ଧରିବାକୁ ଦାବି କରିଛନ୍ତି । ଯଦି ପୌରାଧ୍ୟକ୍ଷଙ୍କ ଘର ଉପରେ ବୋମା ମାଡ କରାଯିବ ତେବେ ପାରାଦୀପବାସୀ କେତେ ସୁରକ୍ଷିତ ବୋଲି ସମ୍ବିତ ପ୍ରଶ୍ନ କରିଛନ୍ତି। ସେହିପରି ଏହି ଘଟଣାକୁ ନେଇ ଆଜି ପାରାଦୀପରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ମଧ୍ୟ ଦୋଷୀ ମାନଙ୍କୁ ଧରାଯିବା ସହ ଘଟଣାକୁ ଦୃଢ଼ ନିନ୍ଦା କରାଯାଇ ମଧ୍ୟ ସମ୍ବାଦିକ ସମ୍ମିଳନୀ କରାଯାଇଛି।

## ଶ୍ୱଶୁର ହତ୍ୟାକାରୀ ଜ୍ୱାଇଁ ଗିରଫ



କାକଟପୁର/ଅସ୍ତରଙ୍ଗ,୩୧।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମୁଦୁଲିଆ ଖୋଳପଡିଆ ନିକଟରେ ଶନିବାର ପୂର୍ବାହ୍ନରେ ସିଦ୍ଧିପୁର ଗ୍ରାମର ଭ୍ରମରବର ନାୟକ (୮୦) ଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଏ ନେଇ ପୁଲିସକୁ ଖବର ଦେବା ପରେ ପୋଲିସ ପହଂଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ଭ୍ରମରଙ୍କ ଝିଅ ରୀନା ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ ଅସ୍ତରଙ୍ଗ ଥାନା ପକ୍ଷରୁ କେଶ ନମ୍ବର ୧୪୭/୨୬ରେ ମାମଲା ରୁଜୁ କରିଥିବା ବେଳେ ମାତ୍ର ୫ଘଣ୍ଟା ମଧ୍ୟରେ ଫେରାର ଥିବା ଅଭିଯୁକ୍ତ ସୁକିନ୍ଦର ଚୌଧୁରୀ ଓରଫ ସୁଫିଙ୍କୁ ଉକୁଳେଇ ନିକଟରୁ ପୁଲିସ ଧରିଥିଲା। ଯାହା କି ପୁଲିସ ସାମ୍ନାରେ ଅଭିଯୁକ୍ତ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲା। ଶ୍ୱଶୁର ଘର କାମ ପାଇଁ ରଖିଥିବା ଟଙ୍କାକୁ ଜ୍ୱାଇଁ ନେଇ ଫେରାର ହୋଇଥିବା ବେଳେ ପୁଲିସ ହତ୍ୟାକାରୀ ଜ୍ୱାଇଁ ଠାରୁ ୧ଲକ୍ଷ ୨୦ହଜାର ୩ଶହ ଟଙ୍କା ଜବତ କରିବା ସହ ଘଟଣା ଦିନ ଜ୍ୱାଇଁ ପିନ୍ଧିଥିବା ରକ୍ତଭିଜା ପ୍ୟାଣ୍ଟ ଓ ସାର୍ଟକୁ ଜବତ କରି ପୁଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛନ୍ତି । ଅନ୍ୟ ପଟେ ରବିବାର ଅସ୍ତରଙ୍ଗ ଥାନା ପୋଲିସ ଅଭିଯୁକ୍ତ ସୁକିନ୍ଦର ଚୌଧୁରୀ ଙ୍କୁ କେଶ ନମ୍ବର ୧୪୭/୨୬ରେ ବିଏନଏସ ୧୦୩(୧), ୨୩୮ରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଜ୍ୱାଇଁଙ୍କୁ ହାଜତକୁ ପଠାଯାଇଛି । ଯାହାକି ସୂଚନା ଦେଇଛନ୍ତି ଅସ୍ତରଙ୍ଗ ଥାନାଅଧିକାରିଣୀ ବିଦିତା ନାୟକ ।

## ଦେଢ଼ଶୁର ମାଡ଼ରେ ଭାଇବୋହୂର ହାତ ଭାଙ୍ଗିଲା, କାର୍ଯ୍ୟାନୁଷ୍ଠାନ ଦାବି



ବାଲିଆପାଳ,୩୧।୫ (ସଂଚାର ବ୍ୟୁରୋ): ବାଲିଆପାଳ ଥାନା ଅନ୍ତର୍ଗତ ଅସ୍ତି ପଞ୍ଚାୟତ ପାରଦୀପା ଗ୍ରାମର ଜମିଜମା ବିବାଦକୁ କେନ୍ଦ୍ର କରି ଉପୁଜୁଥିବା ବିବାଦରେ ନୂଆ ମୋଡ଼ ଦେଖାଦେଇଛି। ଶନିବାର ଦିନ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ମଧୁସୂଦନ ଜେନା ଏବଂ ସ୍ତ୍ରୀ ଜୟନ୍ତୀ ଜେନାଙ୍କ ଦ୍ୱାରା ଆୟୋଜିତ ଖବରଦାତା ସମ୍ମିଳନୀରେ ସେମାନଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ ଗୁଡିକ ଭିତ୍ତିହୀନ ଏବଂ ମିଥ୍ୟା ବୋଲି କହିଛନ୍ତି। ସୂଚନାରୁ ପ୍ରକାଶ ମଧୁସୂଦନ ଜେନା ଏବଂ ପଦ୍ମଲୋଚନ ଜେନାଙ୍କ ଜମି ଜମା ଭାଗବଖରାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା। ସେହି ସମୟରେ ପଦ୍ମଲୋଚନ ପାଖରେ ଥିବା ପୁତୁରା କାର୍ତ୍ତିକ ଜେନା, କାଳିଚରଣ ଜେନା ତାଙ୍କ ସ୍ତ୍ରୀ ଏବଂ ପୁଅ ତପନ ଜେନାଙ୍କୁ ଡାକି ଆଣି ସଂଘ ବଦ୍ଧ ଭାବେରେ ଆସି ମାରଣାସ୍ତ୍ର ସହ ଆକ୍ରମଣ କରିଥିଲେ। ସେହି ଆକ୍ରମଣରେ ମଧୁସୂଦନଙ୍କ ପୁଅ ଶୁଭେନ୍ଦୁ ଜେନା ଆହତ ହେବା ସହ ପୁତ୍ର ବୋଧୁ ଶିକ୍ଷୟିତ୍ରୀ ବସୁମତୀ ମହାଲିକଙ୍କ ହାତ ଭାଙ୍ଗି ଯିବା କଥା ଖବରଦାତା ସମ୍ମିଳନୀରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଦେଢ଼ଶୁର ଭାଇ ବୋହୁଙ୍କୁ ମାଡ ମିରିଥିବା ଏବଂ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରିଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ତେବେ ଏହି ଦୁଇ ପକ୍ଷଙ୍କ ମଧ୍ୟରେ ପୂର୍ବରୁ ବାଲିଆପାଳ ଥାନାରେ ଚାରି ଥର ସମାଧାନ ହୋଇଛି ବୋଲି ଜଣାପଡିଛି। ତେଣୁ ଏ ଘଟଣାର ସଠିକ ତଦନ୍ତ କରି ଭାଇ ବୋହୁର ହାତ ଭାଙ୍ଗି ଥିବା ଦେଢ଼ଶୁରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି ସମ୍ପର୍କୀୟ ପ୍ରଭାକର ଜେନା, ବିନୋଦ ଜେନା। ଏନେଇ ବାଲିଆପାଳ ଥାନାରେ ପୃଥକ ପୃଥକ ଭାବେ ୨୬୧/୨୬ ଏବଂ ୨୬୨/୨୬ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ କହିଛନ୍ତି।

# ରବିବାର ଖୋଲୁନି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

### ଚିକିତ୍ସା ନ ପାଇ କଲବଲ ରୋଗୀ




କାକଟପୁର/ଅସ୍ତରଙ୍ଗ,୩୧।୫ (ସଂଚାର ବ୍ୟୁରୋ): ରବିବାର ଆସିଲେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଘୋଷିତ ଛୁଟି। ଚଳିତ ଗ୍ରୀଷ୍ମରେ ଜରୁରୀକାଳୀନ ଚିକିତ୍ସା ମାଟିରେ ମିଶିଥିବା ବେଳେ କଲବଲ ହେଉଛନ୍ତି ଗ୍ରାମାଞ୍ଚଳ ବାସିନ୍ଦା। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଖଣ୍ଡାସାହି ଓ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କିଛି ଦିନ ହେବ ରବିବାର ତାଲା ପଡ଼ିଥିବା ଦେଖାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଯଥା ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଲକ୍ଷାଧିକ ଲୋକଙ୍କ ଜୀବନରେଖା। ମାତ୍ର ଚିକିତ୍ସା ସୁବିଧା ମିଳୁ ନଥିବା ନେଇ ଗତ କିଛି ବର୍ଷ ହେବ ଅଭିଯୋଗ ହୋଇଆସୁଛି। ଡକ୍ଟରଙ୍କ ସମସ୍ୟା, ଆମ୍ବୁଲାନ୍ସ ମିଳୁ ନଥିବା ନେଇ ଗତ କିଛି ମାସ ହେବ ଚର୍ଚ୍ଚାରେ ଥିବା ଅସ୍ତରଙ୍ଗ ଅଞ୍ଚଳରେ ଏବେ ଚିକିତ୍ସା ସେବା ଭୁଶୁଡ଼ିପଡ଼ିଥିବା ନେଇ ଅଭିଯୋଗ ହୋଇଛି।

ରାଜ୍ୟ ସରକାର ଚଳିତ ବର୍ଷର ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ସପ୍ତାହର ସବୁଦିନ ଖୋଲା ରଖିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲା ରହୁଥିଲେ ମଧ୍ୟ ବ୍ଲକର ଉପାନ୍ତ କି ଉପକୂଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ଝୁଲୁଛି। ଫଳରେ ରବିବାର ଆସିଲେ ଜରୁରୀ ଚିକିତ୍ସା ନିମନ୍ତେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। କିନ୍ତୁ ଅସ୍ତରଙ୍ଗ ମୁଖ୍ୟ ମେଡିକାଲରେ ମଧ୍ୟ ଦୀର୍ଘ ବର୍ଷ ଦାବୀ ହେଉଥିଲେ ମଧ୍ୟ ଭଲ ବିଶେଷଜ୍ଞ ଡକ୍ଟର ନାହାନ୍ତି। ଯାହା ଫଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରବିବାର ବନ୍ଦ ହୋଇଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁହାଁ ହେଉଛନ୍ତି ରୋଗୀ ଏବଂ ସମ୍ପର୍କୀୟ।

ଏପରିକି ସାମାନ୍ୟ ଆଶୁ ଚିକିତ୍ସା ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ ଥିଲେ ହେଁ ତାଲା ପଡ଼ିଥିବା ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରୀଷ୍ମରେ ଅଂଶୁଘାତ କିମ୍ବା ଅନ୍ୟ ରୋଗର ଚିକିତ୍ସା ପାଇଁ ରୋଗୀ କଲବଲ ହେଉଥିବା ଦେଖିବାକୁ ମିଳିଛି। ପୁରୀ ଜିଲ୍ଲା ପ୍ରଶାସନ ସମସ୍ୟାକୁ ଗୁରୁତ୍ୱ ସହ ନେଇ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହୋଇଛି।

## ବ୍ୟାସ କବିଙ୍କ ବାବଦରେ ଅପମାନ ସୂଚକ ମନ୍ତବ୍ୟର ପ୍ରତିବାଦ ଓ ଧାରଣା

ହିଞ୍ଜିଳିକାଟୁ,୩୧।୫ (ସଂଚାର ବ୍ୟୁରୋ): ବ୍ୟାସକବି ଫକୀରମୋହନ ସେନାପତିଙ୍କ ବାବଦରେ ଜନୈକ ଯୁବକଙ୍କ ଅପ୍ରୀତିକର ଏବଂ ଅପମାନ ସୂଚକ ମନ୍ତବ୍ୟ ବିରୋଧରେ ଓଡ଼ିଆ ଭାଷା ସାହିତ୍ୟ ସମିତି, ଓଡ଼ିଶା ପକ୍ଷରୁ ହିଞ୍ଜିଳିକାଟୁସ୍ଥିତ ଆର.ଏମ୍. ସି ଛକ ଠାରେ ଉତ୍କଳର ବରେଣ୍ୟ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀ ସାମ୍ନାରେ ମୌନ ପ୍ରତିବାଦ ଏବଂ ଧାରଣା ପ୍ରଦର୍ଶନ କରାଯାଇଥିଲା।

ସମିତିର ପ୍ରତିଷ୍ଠାତା ସଭାପତି ଆକାଶ ପଟ୍ଟନାୟକ, ଉପ-ସଭାପତି ବ୍ରହ୍ମକୁମାର ନିତ୍ୟାନନ୍ଦ ସାହୁ, ସମ୍ପାଦକ ଚିନ୍ମୟ ପୋଲାଇ, ବର୍ଷିୟାନ୍ ସଙ୍ଗୀତ ନିର୍ଦ୍ଦେଶକ ରବୀନ୍ଦ୍ରନାଥ ସାହୁ, ବର୍ଷିୟାନ୍ ସାହିତ୍ୟିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, କଣ୍ଠଶିଳ୍ପୀ ସଚ୍ଚିକାନ୍ତ ମିଶ୍ର ପ୍ରମୁଖଙ୍କ ସହ ବହୁ ଯୁବ, ଛାତ୍ର ଏହି ମୌନ ପ୍ରତିବାଦ ଓ ଉପସ୍ଥିତ ରହି ମୁହଁରେ କଳାପଟି ବାନ୍ଧି ଧାରଣା ପ୍ରଦର୍ଶନ କରିଥିଲେ। ମତିଭ୍ରଷ୍ଟ ଯୁବକଙ୍କ ବୁଦ୍ଧି ଶୁଦ୍ଧି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ସହ ଏହି ପରି ଅସୌଜନ୍ୟ ଆଚରଣ ନିମନ୍ତେ ପୂର୍ବସୂରୀ ମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ।

## ଥାନା ଭିତରକୁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ନିଷେଧ

ନିମାପଡା,୩୧।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ନିମାପଡ଼ା ଥାନା ମଧ୍ୟକୁ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ପ୍ରବେଶ ନିଷେଧ। ସୂଚନା ଅନୁଯାୟୀ ନିମାପଡ଼ା ଥାନାରେ ନୂତନ ଥାନା ଅଧିକାରୀ ଯୋଗଦେବା ପରେ ବିଭିନ୍ନ ସମୟରେ ଥାନାର ମୁଖ୍ୟ ଫାଟକ ବନ୍ଦ କରି ଦିଆଯାଉଛି। ମାଳ ମାଳ ଅଭିଯୋଗ ହେଉଥିଲେ ମଧ୍ୟ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗଣମାଧ୍ୟମକୁ କୌଣସି ସୂଚନା ପ୍ରଦାନ କରା ଯାଉନଥିବା ଶୁଣିବାକୁ ମିଳୁଛି। ଅଧିକାଂଶ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରାନଯାଇ ମାମଲାକୁ ରଫା ଦଫା କରିଦିଆ ଯାଉଥିବା ବେଳେ ଅନେକ ନିର୍ଦ୍ଦୋଷ ଲୋକ ଯେଉଁ ମାନଙ୍କର ମାମଲା ସହିତ ସାମାନ୍ୟତମ ସଂପୃକ୍ତି ନାହିଁ ସେମାନଙ୍କ ବିରୁଦ୍ଧରେ ଥାନା ଅଧିକାରୀ ଆକ୍ରୋଶ ମୂଳକ ଭାବେ ସଙ୍ଗୀନ ଦଫା ଲଗାଇ ମାମଲା ରୁଜୁ କରୁଛନ୍ତି। ଯଦି କୌଣସି ଗଣମାଧ୍ୟମ ପ୍ରତିନିଧି ଥାନାକୁ ପ୍ରବେଶ କରି ମାମଲା ବିଷୟରେ ପଚାରୁଛନ୍ତି ସିଧା ସଳଖ ଉତ୍ତର ମିଳୁନି ବୋଲି ସେ ସାର୍, ମନା କରିଛନ୍ତି କିଛି ସୂଚନା ଦେବା ପାଇଁ ସିଧା ସଳଖ ଭାବେ ନିମାପଡ଼ା ଅଞ୍ଚଳରେ ଗଣମାଧ୍ୟମର କଣ୍ଠରୋଧ କରାଯିବା ସହ ମିଥ୍ୟା ମକଦ୍ଦମା ରୁଜୁ କରାଯାଇ ସେମାନଙ୍କର ମାନବାଧିକାର କ୍ଷୁର୍ଣ୍ଣ କରାଯାଉଛି। ଅପର ପକ୍ଷରେ ଦିନକୁ ଦିନ ଏହି ଅଞ୍ଚଳରେ ଚୋରି, ରାହାଜାନି ସହିତ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ଏ ନେଇ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଉତ୍କର୍ଷ ନିମାପଡ଼ା ୨.୦ ଅଧିନରେ ଗଣଦୌଡ଼

### କ୍ରୀଡାବିତମାନଙ୍କୁ ଉତ୍ସାହିତ କଲେ ଉପମୁଖ୍ୟମନ୍ତ୍ରୀ



ଗୋପ,୩୧।୫ (ସଂଚାର ବ୍ୟୁରୋ): ଉତ୍କର୍ଷ ନିମାପଡ଼ା ୨.୦ ଅଧିନରେ ଗୋପ ଠାରେ ଉତ୍କର୍ଷ ମେଗା ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମେଗା ଗଣଦୌଡ଼ କାର୍ଯ୍ୟକ୍ରମକୁ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଗୋପ ବ୍ଲକ ଅଧିନସ୍ଥ କୁଶୁପୁର ଠାରୁ ଏହି ଗଣଦୌଡ଼ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଗୋପ ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଯୁବପିଢ଼ି ମାନଙ୍କ କ୍ରୀଡ଼ାର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କୁ କ୍ରୀଡ଼ାର ବିକାଶ ପାଇଁ ଅନୁପ୍ରାଣିତ କରିବା ଏହି ଗଣଦୌଡ଼ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲେ ସିନେ ଜଗତର ଦୁଇ ଜଣାଶୁଣା ଅଭିନେତା କୋଲେଇ ବିଧାୟକ ଆକାଶ ଦାସ ନାୟକ ଓ ଲୋକପ୍ରିୟ ଅଭିନେତା ଅରିନ୍ଦମ ରାୟ। ଏହି ଗଣଦୌଡ଼ରେ ସାମିଲ ହୋଇ ସ୍ଥାନୀୟ ଲୋକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲେ। ବ୍ୟାପକ ସହଯୋଗ ଓ ଜନଭାଗୀଦାରି 'ଉତ୍କର୍ଷ ନିମାପଡ଼ା-ଗୋପ' ଅଭିଯାନର ଏହି ପ୍ରୟାସରେ କେବଳ ରାଜନେତା କିମ୍ବା ସେଲିବ୍ରିଟି ନୁହନ୍ତି, ବରଂ ସ୍ଥାନୀୟ ବିଭିନ୍ନ ସ୍କୁଲ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଏବଂ ଜନସାଧାରଣ ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ଭାଗ ନେଇଥିଲେ। ବିକାଶର ଏହି ଯାତ୍ରାରେ ସମସ୍ତଙ୍କ ସହଯୋଗ ଅଞ୍ଚଳକୁ ଏକ ନୂଆ ଦିଗ ଦେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି 'ଉତ୍କର୍ଷ ଗଣଦୌଡ଼' ଆଗାମୀ ଦିନରେ ନିମାପଡ଼ା-ଗୋପର ବିକାଶ ଯାତ୍ରାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।

# ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଆଳି ଗସ୍ତ

### ମନ୍ କୀ ବାତ କାର୍ଯ୍ୟକ୍ରମରେ ଯୋଗଦେବା ସହ ପ୍ରକଳ୍ପ ପରିଦର୍ଶନ କଲେ



ଆଳି,୩୧।୫ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଆଳି ଗସ୍ତରେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସାଦ ବୈଜନ୍ତ ପଣ୍ଡା ଆସିଥିଲେ। ପ୍ରଥମେ ସାଂସଦ ଶ୍ରୀ ପଣ୍ଡା ହେଲିକପ୍ଟର ଯୋଗେ ଆସି ଆଳି ଜାଭିୟର ସ୍କୁଲ ଖେଳ ପଡିଆରେ ପହଁଚିବା ପରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଜେପି ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠିଙ୍କ ସହ କର୍ମୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଶ୍ରୀ ପଣ୍ଡା ଆଳିର ଆରାଧ୍ୟ ଶ୍ରୀଲକ୍ଷ୍ମୀବରାହଜୀଉଙ୍କ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିବା ସହ ମନ୍ଦିରର ଉନ୍ନତିକରଣ ପ୍ରକଳ୍ପ ବୁଲି ଦେଖିଥିଲେ। ଏହାପରେ ନିଆଳ ମଣ୍ଡଳର ସଭାପତି କଳ୍ପତରୁ ଦାସଙ୍କ ନେତୃତ୍ୱରେ ନିଆଳ ବୁଥ ନମ୍ବର-୧୯୧ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୪ତମ ମନ କି ବାତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଏହି ଅବସରରେ ଆଳି ନିର୍ବାଚନ ମଣ୍ଡଳୀର ପ୍ରତିଭାବାନ ବ୍ୟକ୍ତିବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଆଳି ବ୍ଲକର ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଏ ସ୍ଥାନ ରଖିଥିବା ସୁଧାଂଶୁ ଶେଖର ରାଉତ, ଚଳିତ ଓଏସ ପରୀକ୍ଷା ଫଳାଫଳରେ କୃତକାର୍ଯ୍ୟ ପାଇଥିବା ବିଶ୍ୱଜିତ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ପରମେଶ୍ୱର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ମିଶ୍ର, ଆଦର୍ଶ ଚାଷୀ ପଦ୍ମନାଭ ପରିଡା, ଆଦର୍ଶ ସାମ୍ବାଦିକ ଅଲେଖନାଥ ଶର୍ମା, କଳା ଓ ସଂସ୍କୃତି ରେ ଦଶରଥ ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଭକ୍ତ ବନ୍ଧୁ ମିଶ୍ର, ଆଳି ବିଧାନସଭା ସଂଯୋଜକ ଅନନ୍ତ ରଥଙ୍କ ସହ ବିଜେପିର ବରିଷ୍ଠ କର୍ମକର୍ତ୍ତା, ସମସ୍ତ ମଣ୍ଡଳ ସଭାପତିଙ୍କ ସହ ଶତାଧିକ କାର୍ଯ୍ୟକତା ଯୋଗଦେଇ ଥିଲେ।

## ଜମ୍ମୁ ମଣ୍ଡଳରେ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' କାର୍ଯ୍ୟକ୍ରମରେ ସାମିଲ ହେଲେ ବିଧାୟକ



ମହାକାଳପଡ଼ା,୩୧।୫(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଜମ୍ମୁ ଶକ୍ତିକେନ୍ଦ୍ର ଜମ୍ମୁ ଗ୍ରାମ ପଂଚାୟତ ର ୨୬୯ ନଂ ବୁଥ୍‌ରେ ଆଜି ପ୍ରଧାନମନ୍ତ୍ରୀଙ୍କ ୧୩୪ ତମ "ମନ କି ବାଥ "କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି "ମନ କି ବାତ "କାର୍ଯ୍ୟକ୍ରମକୁ ଦେଖିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଗୁଡିକର ଟେଲିଭିଜନ ମାଧ୍ୟମରେ ଦେଖିଥିଲେ। ଏହି ଅବସରରେ ଦଳୀୟ କାର୍ଯ୍ୟକର୍ତ୍ତା ଉଦୟ ନାଥ ଘଡେଇଙ୍କ ବାସଭବନରେ ଏକ ସଭା ଆୟୋଜିତ ହୋଇଥିଲା। ଜମ୍ମୁ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ଡ଼ ନାୟକ ଯୋଗ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ବର୍ତ୍ତମାନ ଆରମ୍ଭ ହୋଇଥିବା ଏସଆଇଆର କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ପ୍ରଧାନମନ୍ତ୍ରୀଙ୍କ ପ୍ରେରଣା ଦାୟୀ ଉପଦେଶ ଗୁଡିକୁ ସମସ୍ତ କାର୍ଯ୍ୟକର୍ତ୍ତା ଗୁରୁତର ସହ ପାଳନ କରିବା ଉଚିତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ବହୁ ଜନସାଧାରଣ, ମହିଳା, ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇ ଥିଲେ ।

## ପଟ୍ଟାମୁଣ୍ଡାଇ କଲେଜର ଅଧ୍ୟକ୍ଷ ହେଲେ ପ୍ରଫେସର ମନୋଜ ପରିଡା



ପଟ୍ଟାମୁଣ୍ଡାଇ, ୩୧।୫(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧକ୍ଷ ଭାବେ ସମାଜବିଜ୍ଞାନ ବିଭାଗ ବରିଷ୍ଠ ପ୍ରଫେସର କ୍ୟାପଟେନ ମନୋଜ ପରିଡା ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ବିଦାୟୀ ଅଧକ୍ଷ ସର୍ବେଶ୍ୱର ସାହୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ଶ୍ରୀ ପରିଡା ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ଦାୟିତ୍ୱରେ ଥିଲେ । ନୂତନ ଅଧକ୍ଷ ଦାୟିତ୍ୱ ଗ୍ରହଣ ସମୟରେ କଲେଜର ଅଧ୍ୟାପକ ଅଧ୍ୟାପିକା ଓ ଉପସ୍ଥିତ ରହି ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧକ୍ଷ ଭାବେ ପ୍ରଫେସର ଶ୍ରୀ ପରିଡାଙ୍କ ଯୋଗ ଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

### ଦ୍ୱାରଶୁଣୀ ଘାଟିରାସ୍ତା କଟକଣା ଅବଧି ବୃଦ୍ଧି

## ୧୫ ପର୍ଯ୍ୟନ୍ତ ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ୫ ଘଣ୍ଟା ଲେଖାଏଁ ଯାତାୟାତ ବନ୍ଦ ରହିବ

ବାରିପଦା, ୩୧।୫(ସଂଚାର ବ୍ୟୁରୋ): ଦ୍ୱାରଶୁଣୀ ଘାଟି ମଧ୍ୟ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଅବଧିକୁ ଚଳିତ ମାସ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୁପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି । ପ୍ରତ୍ୟେକ ସପ୍ତାହରେ ବୁଧବାରରୁ ଶନିବାର ପର୍ଯ୍ୟନ୍ତ ଦିନ ୧୧ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ଏହି ରାସ୍ତା ମଧ୍ୟ ଦେଇ ଯିବାଆସିବା ବନ୍ଦ ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ । ଯେକୌଣସି ଯାନବାହାନ(ଦୁଇ ଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ) ଓ ପଥଚାରୀମାନେ ଏହି ସମୟରେ ଯାତାୟାତ କରି ପାରିବେ ନାହିଁ । ଏହାସହ ଘାଟୀ ଆଖପାଖରେ ଗାଈଛେଳି ଚାରଣ କରାଇବା ମଧ୍ୟ ବାରଣ କରାଯାଇଛି । ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ। କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡିବ । ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବ୍ୟବସ୍ଥା ଅନୁଯାୟୀ ବିଶୋଇ-ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକକୁ ବିକଳ୍ପ ରାସ୍ତା ଭାବରେ ବ୍ୟବହାର କରିପାରିବେ। ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୁଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ତରଫରୁ ଅବଗତ କରାଯାଇଛି ।

## ବ୍ୟାସନଗରରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ




ଯାଜପୁର ରୋଡ଼, ୩୧।୫(ସଂଚାର ବ୍ୟୁରୋ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଶାନ୍ତିକୁଞ୍ଜ, ହରିଦ୍ୱାର ପକ୍ଷରୁ ବ୍ୟାସନଗର ପୌରାଂଚଳ ସହରରେ ବ୍ୟସନ ମୁକ୍ତ ଭାରତ ଅଭିଯାନ, ବିଶ୍ୱ ତମାଖୁ ନିଷେଧ ଦିବସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି ପରିପ୍ରେକ୍ଷୀରେ ଏଠାକାର ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ସଦସ୍ୟ ମାନେ ସହରର ଜନସାଧାରଣ ଓ ସମସ୍ତ ପରିଜନ ମାନଙ୍କୁ ଆଜିର ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ସହର ପରିକ୍ରମା କରି ଯୁଗ ନିର୍ମାଣ ଯୋଜନା, ବ୍ୟକ୍ତି ନିର୍ମଳ, ସମାଜରୁ କୁସଂସ୍କୃତି, କୁପବୃତିକୁ ନିବାରଣ କରିବା, ସଂସାରକୁ ସଂସ୍କୃତି ପ୍ରଦାନ କରିବା ଭଳି ସୁବାର୍ତ୍ତା ଏହି ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ପ୍ରଚାର କରାଯାଇଥିଲା। ଶେଷରେ ସ୍ଥାନୀୟ ଓ୍ୱାର୍ଡ ନଂ -୧୬ ସ୍ଥିତ ମଙ୍ଗଳା ବିହାର ଅଂଚଳରେ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଦିପ ମହାଯଜ୍ଞ ଅନୁଷ୍ଠିତ ହୋଇ ଏହି କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା। ଏଥିରେ ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

## ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଆନନ୍ଦପୁର, ୩୧।୫ (ସଂଚାର ବ୍ୟୁରୋ): ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ଆଜି ସରକାରୀ କାର୍ଯ୍ୟ ରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଅଧକ୍ଷଙ୍କ କାର୍ଯ୍ୟାଳୟରେ ଏକ ଅବସର କାଳୀନ ସଭା ଅନୁଷ୍ଠିତ ହୋଇଥିଲା। ସଭାର ଆରମ୍ଭରେ ଅବସର ପ୍ରାପ୍ତ ପାଠାଗାର ସହାୟକ ଶତ୍ରୁଘ୍ନ ରାଉଳ, ପଦାର୍ଥ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ବିଜ୍ଞାନ ଗାର ପ୍ରଦର୍ଶକ ପ୍ରଫୁଲ୍ଲ କୁମାର ବେହେରା ଇହଲୀଳା ସମ୍ବରଣ କରିଥିବାରୁ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର, ଦୁର୍ଗା ଶଙ୍କର ପରିଡ଼ା, ଶ୍ରୀଲେଖା ସାହୁ, ରଘୁଡିପ୍ତି ନାୟକ, ସୁବ୍ରତ ପରିଡା, ପୁଷ୍ପଲତା ରାମ, ଶିବ ଚରଣ ବେହେରା, ମାୟାଧର ନାୟକ, ଡକ୍ଟର ଜଗବନ୍ଧୁ ସାହୁ, ହେମନ୍ତ କୁମାର ପଣ୍ଡା, ଡକ୍ଟର ନିମାଇଁ ଚାରଣ ରାଉତ, ପତିତପାବନ ମିଶ୍ର ପ୍ରମୁଖ ଅଧକ୍ଷଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ। ଅଧ୍ୟକ୍ଷଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ଡକ୍ଟର ମିଶ୍ର ପ୍ରାଧ୍ୟାପକ ଡକ୍ଟର ନିମାଇଁ ଚାରଣ ରାଉତଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବୋରିଗୁମ୍ମା, ୩୧।୫ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କଷାଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରଞ୍ଜନ କୁମାର ଦାସଙ୍କୁ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସର କାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ମିଳିତ ଆନୁକୂଲ୍ୟରେ ରଞ୍ଜନ କୁମାର ଦାସଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରକାଳୀନ ଉତ୍ସବରେ ଶ୍ରୀଦାସଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା । ଏଥିରେ କଣ୍ଟ୍ରୋଲ ଅଫ ଆକାଉଣ୍ଟ, ଓଡିଶା ପକ୍ଷରୁ ମଞ୍ଜୁର ହୋଇ ଆସିଥିବା ପୂର୍ଣ୍ଣାଙ୍ଗ ପେନସନ ବୋରିଗୁମ୍ମା ଉପ -ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ରଞ୍ଜନ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଥିଲେ।

## ବେଆଇନ ଜବରଦଖଲ ନେଇ ପ୍ରଶାସନିକ ତତ୍ପରତା



'ସଂଚାର' ପ୍ରଭାବ

ଛତ୍ରପୁର, ୩୧।୫(ସଂଚାର ବ୍ୟୁରୋ): ଗଞ୍ଜାମ ଏନଏସି ଅନ୍ତର୍ଗତ ବ୍ରାହ୍ମଣ ଡମଣା ସାହି ଛକ ନିକଟରେ ସରକାରୀ ଜମି ଜବରଦଖଲ ଘଟଣାକୁ ନେଇ ଦୈନିକ 'ସଂଚାର'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଛି। ବେଆଇନ ଭାବେ ନିର୍ମିତ ଘରର ବିଦ୍ୟୁତ ଓ ପାଣି ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ଗଞ୍ଜାମ ଏନଏସି ପକ୍ଷରୁ ସମ୍ପୃକ୍ତ ବିଭାଗକୁ ଚିଠି ଲେଖାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ପଣା ଡାଙ୍ଗୁଆ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ସରକାରୀ ଜାଗାରେ ଦୀର୍ଘ ଦିନ ଧରି ସୁପ୍ରିୟା ଶତପଥୀ ବସବାସ କରୁଥିଲେ। ତାଙ୍କ ମୃତ୍ୟୁ ପରେ ଜାଗାଟିକୁ ବେଆଇନ ଭାବେ ଦଖଲ କରି ଘର ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘରକୁ ବିଦ୍ୟୁତ ସଂଯୋଗ ପାଇଁ ୬ ନମ୍ବର ଓ୍ୱାର୍ଡ କାଉନ୍ସିଲର ଅରୁଣ କୁମାର ପଣ୍ଡା ସୁପାରିଶ କରିଥିବା ଜଣାପଡ଼ିଛି। ତେବେ ସରକାରୀ ଜମିରେ ଥିବା ଏହି ନିର୍ମାଣ ପାଇଁ କେଉଁ ଆଧାରରେ ସୁପାରିଶ କରାଯାଇଥିଲା, ତାହା ସ୍ପଷ୍ଟ ହୋଇନାହିଁ।

ଏନେଇ ଅର୍ପଣା ଡାଙ୍ଗୁଆ କହିଛନ୍ତି ଯେ, ଉକ୍ତ ଜମି ସମ୍ପର୍କରେ ତହସିଲ ପ୍ରଶାସନଙ୍କଠାରୁ ରିପୋର୍ଟ ମଗାଯିବ। ଜବରଦଖଲ ବେଆଇନ ବୋଲି ପ୍ରମାଣିତ ହେଲେ ଆଇନ ଅନୁଯାୟୀ ଖୁବ୍ ଶୀଘ୍ର ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଗଞ୍ଜାମ ଏନଏସିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଜାଗାର ଅଭାବ ଥିବା ବେଳେ ଏଭଳି ଜବରଦଖଲ ବିକାଶରେ ବାଧକ ସାଜିଛି। କେବଳ ଏହି ଘଟଣା ନୁହେଁ, ଏନଏସି ଅଞ୍ଚଳର ବିଭିନ୍ନ ସରକାରୀ ଜମି ଜବରଦଖଲ ହୋଇ ରହିଥିବା ଅଭିଯୋଗ ରହିଛି।

ଖବର ପ୍ରକାଶ ପରେ ପ୍ରଶାସନର ଏହି ତତ୍ପରତାକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଥିବା ବେଳେ ଏନଏସି ଅଞ୍ଚଳର ସମସ୍ତ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ଦାବି ଜୋର ଧରିଛି।




## ସଂଧ୍ୟାରାଣୀଙ୍କର ଲମ୍ବା ହାତ



କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆ ଧାରା ଅଧିକାରିଣୀ ମା' ପୁଅଙ୍କୁ ଥାନା ଭିତରେ ନିର୍ମମ ଭାବେ ମାଡ ମାରି ନିଲମ୍ବିତ ହେବାପରେ ତାଙ୍କର କାରନାମା ଏବେ ପଦାକୁ ଆସିବାରେ ଲାଗିଛି। ଏହି ମହିଳା ପୁଲିସ୍ ଜଣଙ୍କର ଏହା କୁଆଡେ ଥାନା ଭିତରେ ତୃତୀୟ ମାଡମରା ଓ ତଦଜନିତ ନିଲମ୍ବନ ଘଟଣା। ପୂର୍ବରୁ କେନ୍ଦୁଝର ଓ ଝାରସୁଗୁଡା ଜିଲ୍ଲାରେ ଥିବାବେଳେ ଏଭଳି କାଣ୍ଡ କରି ନିଲମ୍ବନ ହୋଇଥିଲେ। ଝାରସୁଗୁଡା ଜିଲ୍ଲାରେ ଅବଶ୍ୟ ଗାଡି ଧକ୍କାରେ ମୃତ୍ୟୁବରଣ କରିଥିବା ତିନି ତିନିଟି ମୃତଦେହକୁ ମାମଲା ରୁଜୁ ନକରି ଅନ୍ୟ ଥାନା ଅଞ୍ଚଳରେ ନେଇ ଫୋପାଡି ଦେଇଥିଲେ। ତେବେ ଦୁଇ ଦୁଇଟି ଜିଲ୍ଲାରେ ଏଭଳି ନାରକୀୟ କାଣ୍ଡ କରି ନିଲମ୍ବିତ ହେବାପରେ ସଂଧ୍ୟାରାଣୀଙ୍କୁ କିଏ ପୁଣିଥାନାରେ ଆଇଆଇସି ପଦବୀରେ ନିଯୁକ୍ତି ଦେଇଥିଲା ତାହା ଏବେ ଖୋଦ୍ ପୁଲିସ୍ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। କିଛି ଖାକି ବାବୁଙ୍କ କହିବାକଥା ହେଉଛି ସଂଧ୍ୟାରାଣୀ ଭାରି କରିତ୍ କର୍ମା। ତାଙ୍କ ହାତ ବହୁତ ଲମ୍ବା। ଏକାଧିକ ନିଲମ୍ବନ ପରେ ବି ସିଏ ପୁଲିସ୍ ବିଭାଗର ଗେହ୍ଲା ଅଫିସର ହୋଇ ପାରିଛନ୍ତି। ଜଣେ ଡିଜିଙ୍କ ଅମଳରେ ନିଲମ୍ବିତ ହୋଇଥିବାବେଳେ ଆଉ ଜଣେ ଡିଜିଙ୍କ ଅମଳରେ ଥାନା ମାଲିକାଣୀ। ଏଭଳି ଅଫିସରଙ୍କ ପ୍ରତି ଦରଦ ଦେଖାଇଥିବା ଖାକି ବାବୁମାନଙ୍କୁ ପ୍ରଥମେ ଚିହ୍ନଟ କରି ତାଙ୍କ ନାଁ ସାର୍ବଜନିତ କରିବା ଆବଶ୍ୟକ। ତେବେ ସଂଧ୍ୟାରାଣୀଙ୍କ ମୁଣ୍ଡରେ କାହାର ଆର୍ଶୀବାଦ ରହିଛି ତାହାକୁ ନେଇ ଏବେ କିଛି ପୁଲିସ୍ ବାବୁ ଖୋଳତାଡ ଆରମ୍ଭ କରିଛନ୍ତି। ଆଗକୁ ଏହା ନୂଆ ଏପିସୋଡରେ ଆସିବାକୁ ଥିବାବେଳେ ଖୁରାନିଆ ବାବୁ କି ପ୍ରକାର କଠୋର ପଦକ୍ଷେପ ନେଉଛନ୍ତି ତାହା ଉପରେ ପୁଲିସ୍ ମହଲ ନଜର ରଖିଛି।

## ଚର୍ଚ୍ଚାରେ ରମାଦେବୀ କୁଳପତି



ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଏବେ ଚର୍ଚ୍ଚାରେ। ଅବଶ୍ୟ ଚର୍ଚ୍ଚାଟି ଭଲ ପରୀକ୍ଷା ଫଳ କିମ୍ବା ଗବେଷଣା ପାଇଁ ନୁହେଁ। ନିକଟରେ କୁଳପତି ମହୋଦୟା ଗୋଟିଏ ଛାତ୍ର ସଂଗଠନର ସମାବେଶରେ ସମ୍ବର୍ଦ୍ଧିତ ହେବାକୁ ନେଇ ଏଭଳି ଚର୍ଚ୍ଚା ଚାଲିଛି। ରାଜଧାନୀରେ ଅନୁଷ୍ଠିତ ଅଖିଳ ଭାରତୀୟ ଛାତ୍ର ପରିଷଦର ସମ୍ମିଳନୀ। ଏହି ସମ୍ମିଳନୀରେ ଛାତ୍ରସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଛି। ଯେହେତୁ ଏହି ଛାତ୍ରସଂଘଟି ସରକାରୀ ଦଳ ସହିତ ସିଧାସଳଖ ଭାବେ ଜଡିତ ତେଣୁ ସେଠାକୁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସରକାରୀଦଳର ବହୁ ନେତା ଯାଇଥିଲେ। କିନ୍ତୁ ଏମାନଙ୍କ ଭିତରେ ଥିଲେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି। କୁଳପତିଙ୍କର ଏଠାରେ ସମ୍ବର୍ଦ୍ଧିତ ହେବାଟାକୁ ଅନେକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କାରଣ ଚଳିତବର୍ଷ ଛାତ୍ରସଂସଦ ହେବାକୁ ନେଇ ସରକାର ଓ ବିଭିନ୍ନ ଛାତ୍ରସଂଘ ମଧ୍ୟରେ ଛକାପଞ୍ଝା ଚାଲିଛି। ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ଏଭଳି ବିବାଦରୁ ଯଥାସମ୍ଭବ ଦୂରେଇ ରହିବାକୁ ଚେଷ୍ଟା କରୁଛନ୍ତି। କିଛି ଶିକ୍ଷାବିତ୍‌ମାନଙ୍କ ମତରେ ଗୋଟିଏ ଛାତ୍ର ସଂଗଠନର ସମାବେଶକୁ ଜଣେ କୁଳପତି ଯିବା ବୋଧହୁଏ ରାଜ୍ୟରେ ପ୍ରଥମ ଘଟଣା। ଏହାପରେ ଯଦି ଅନ୍ୟ କେଉଁ ରାଜନୈତିକ ଦଳ ସହ ଜଡିତ ଛାତ୍ର ସଂଗଠନ ସେମାନଙ୍କ ସମାବେଶକୁ କୁଳପତିଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିବେ ଓ ସେଠାରେ ସମ୍ବର୍ଦ୍ଧିତ କରିବାକୁ ଚାହିଁବେ ତେବେ କୁଳପତି କ'ଣ କରିବେ ବୋଲି ଅନେକ ଆଲୋଚନା ଆରମ୍ଭ କରିଦେଇଛନ୍ତି। କିଛି ଶିକ୍ଷାବିତ୍‌ଙ୍କ ମତରେ କୁଳପତି ମହାଶୟାଙ୍କର ଆସାମ ଲିଙ୍କ୍ ମଜବୁତ୍ ଥିବାରୁ ଏଭଳି ଆଲୋଚନାକୁ ସିଏ ଗୁରୁତ୍ୱ ଦେଉ ନାହାନ୍ତି।

## ଜିଲ୍ଲାପାଳଙ୍କର ଇଏ କି ପ୍ରକାର ତାଲିମ



ଜିଲ୍ଲାପାଳମାନେ ନିଯୁକ୍ତି ପୂର୍ବରୁ ଏକାଧିକ ତାଲିମ ପାଇଥାନ୍ତି। ମସୌରୀ ତାଲିମ କେନ୍ଦ୍ରରୁ ଆରମ୍ଭ କରି ଗୋପବନ୍ଧୁ ତାଲିମ କେନ୍ଦ୍ର ପର୍ଯ୍ୟନ୍ତ ଏକାଧିକ କସରତ କରିଥାନ୍ତି। ତେବେ ନିକଟରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଆଚାର ବ୍ୟବହାର ଦେଖିବାପରେ ଜିଲ୍ଲାପାଳମାନେ କେଉଁ ପ୍ରକାର ତାଲିମ ପାଉଛନ୍ତି ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ବଲାଙ୍ଗିର ଜିଲ୍ଲାପାଳ ଦଳ ବଳ ସହିତ ଲୋକଙ୍କ ଅଭିଯୋଗ ଶୁଣୁଥିବାବେଳେ ସେହି କକ୍ଷକୁ ପ୍ରବେଶ କରିଥିଲେ ଜିଲ୍ଲାର ପୂର୍ବତନ ସାଂସଦ ବାଳ ଗୋପାଳ ମିଶ୍ର। ବୟସାଧିକ ସତ୍ତ୍ୱେ ଜିଲ୍ଲାର ସମସ୍ୟା ନେଇ ଆସିଥିଲେ। ହାତରେ କାଗଜ ଧରି ଜିଲ୍ଲାପାଳଙ୍କ ଆଗରେ ଛିଡାହୋଇ ରହିଲେ। ଜିଲ୍ଲାପାଳ କି କେହି ହେଲେ ତାଙ୍କୁ ବସିବାକୁ ଆସନଟିଏ ବି ଦେଲେ ନାହିଁ। ଯେହେତୁ ଜିଲ୍ଲାପାଳ କିଛି କହୁ ନାହାନ୍ତି, ତେଣୁ ଅନ୍ୟମାନେ ବି କରଛଡା ଦେଲେ। ଘଟଣାର ଭିଡିଓ ଭାଇରାଲ ହେବାପରେ ଏବେ ସବୁଆଡୁ ଜିଲ୍ଲାପାଳ ନିନ୍ଦିତ ହୋଇ କ୍ଷମା ପ୍ରାର୍ଥନା କରିଛନ୍ତି। ହେଲେ ଖୋଦ୍ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଯୋଗ ପ୍ରକୋଷ୍ଠରେ ବସିଥିବା ଲୋକଙ୍କ ନିକଟକୁ ଆସି ଅଭିଯୋଗ ପତ୍ର ଗ୍ରହଣ କରୁଥିବାବେଳେ ବଲାଙ୍ଗିର ଜିଲ୍ଲାପାଳଙ୍କ ଆଗରେ ଜଣେ ବୟସ୍କ ସାଂସଦ ଅଣ୍ଟାଭାଙ୍ଗି ଛିଡାହେବାକୁ ଏବେ ସବୁ ସ୍ତରରୁ ନିନ୍ଦା କରାଯାଉଛି। ଜିଲ୍ଲାର ସର୍ବୋଚ୍ଚ ଅଧିକାରୀଙ୍କର ଯଦି ଲୋକ ପ୍ରତିନିଧିଙ୍କ ଭଳି ଏଭଳି ସମ୍ମାନ ରହିବ ତେବେ ଅନ୍ୟ ଅଫିସରମାନେ ଲୋକଙ୍କୁ କିଭଳି ସେବା ପ୍ରଦାନ କରୁଥିଲେ ତାହା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟି। ତେବେ ଜିଲ୍ଲାପାଳ କ'ଣ ସାମାନ୍ୟ ସୌଜନ୍ୟତାର ତାଲିମ ପାଇନଥିଲେ କି ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି।

## ହୋଟେଲ ବେପାର ପାଇଁ ଭାଇ ଭାଇ



ରାଜରାସ୍ତା ଠାରୁ ବିଧାନସଭା ପର୍ଯ୍ୟନ୍ତ ଦୁଇ ଦଳ ଜୋରଦାର ଲଢୁଛନ୍ତି। ଲୋକେ ଦେଖୁଛନ୍ତି କେହି କାହାରିକୁ ଛାଡୁ ନାହାନ୍ତି। ହେଲେ ବେପାର ବେଳକୁ କିନ୍ତୁ ଦୁଇ ଦଳର ନେତାମାନେ ଭାଇ ଭାଇ ହୋଇ ବେପାର କରୁଛନ୍ତି। ଏଭଳି ଆଲୋଚନା ଏବେ ରାଜଧାନୀରେ ଜୋର ଧରିଛି। ରାଜଧାନୀରେ ଥିବା ଗୋଟିଏ ପ୍ରତିଷ୍ଠିତ ହୋଟେଲର ମାଲିକ ହେଉଛନ୍ତି ଶାସକଦଳର ଜଣେ ଆଗଧାଡିର ନେତା। ତାଙ୍କ ହୋଟେଲରେ ଯିଏ ସର୍ବାଧିକ ପୁଞ୍ଜି ଖଟାଇଛନ୍ତି ସିଏ ହେଉଛନ୍ତି ବିରୋଧିଦଳର ଜଣେ ବିଧାୟକ। ପଶ୍ଚିମଓଡିଶାର ଏହି ବିଧାୟକଙ୍କ ଟଙ୍କାରେ ଏବେ ହୋଟେଲ ବ୍ୟବସାୟ ହୁ ହୁ ହୋଇ ମାଡିବାରେ ଲାଗିଛି। ହୋଟେଲ ତାହାର କାରବାରକୁ ଭୁବନେଶ୍ୱରକୁ ପୁରୀ ମୁହାଁ କରି ଛି। ନିଛାଟିଆ ସ୍ଥାନରେ ତାଙ୍କର ଶାଖା ସମ୍ପ୍ରସାରଣ କରିବାରେ ଲାଗିଛି। ତେବେ ପଶ୍ଚିମଓଡିଶାର ଏହି ବିଧାୟକ ଜଣଙ୍କ ବିପୁଳ ଅର୍ଥ ଖଟାଇଥିବାରୁ ସିଏ ଏବେ ସରକାରୀଦଳର ଗେହ୍ଲାପୁଆ ତାଲିକାରେ ଅଛନ୍ତି। କାଳେ କିଏ ଏହାର ଟେର ପାଇବ ତେଣୁ ବିଧାନସଭା ଭିତରେ ସରକାରଙ୍କୁ ଜୋରଦାର ଗାଳି କରୁଛନ୍ତି। ଆଲୋଚନା ହେଉଛି ଯେ ଏହି ଭାଇ ବିରାଦିରୀ ହୋଟେଲରେ କୁଆଡେ ସବୁ ପ୍ରକାର ମନୋରଞ୍ଜନ ବ୍ୟବସ୍ଥା ରହିଛି। ଯିଏ ଚାହିଁବ ସେଠାରେ ସେବା ପାଇପାରିବ। ତେଣୁ ସମସ୍ତେ ସବୁ ଜାଣୁଥିଲେ ବି କେହି କିଛି କହୁ ନାହାନ୍ତି। ମିଳିତ ଉଦ୍ୟମରେ ଚାଲିଥିବା ହୋଟେଲ ବି ଏବେ ସରକାରୀ ସଂସ୍ଥାରେ ତାହାର ସେବାକୁ ଜୋରଦାର କରିବାରେ ଲାଗିଛି। ଅବଶ୍ୟ ଆଗାକୁ କେତେବର୍ଷ ଏଭଳି ଅତୁଟ ସମ୍ପର୍କରେ ଦୁଇ ଦଳର ନେତା ହୋଟେଲ ବ୍ୟବସାୟ କରିବେ ତାହା ଉପରେ ସମସ୍ତଙ୍କ ନଜର।

## ପ୍ରଣବଙ୍କ ସାମ୍ବାଦିକ ଅବତାର



ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଏବେ ସାମ୍ବାଦିକ ଅବତାରରେ। ଯେଉଁ କାମ ସାମ୍ବାଦିକମାନେ କରିବାକଥା ତାହା ସିଏ କରିବାକୁ ଆଗେଇ ଆସିଛନ୍ତି। ଲୋକଙ୍କ ସମସ୍ୟାକୁ ସରକାରଙ୍କ ଜଣାଇବାପାଇଁ ସିଏ ଏବେ ଅଣ୍ଟା ଭିଡିଛନ୍ତି। ଲୋକମାନେ ସେମାନଙ୍କ ସମସ୍ୟା ଜଣାଇବାପାଇଁ ହ୍ୱାଟସ୍‌ଆପ୍ ନମ୍ବର ଜାରି କରିଛନ୍ତି। ଏଥିରେ ସବୁ ଦୁର୍ନୀତି ଖବର ପଠାଇବାକୁ ଅନୁରୋଧ କରୁଛନ୍ତି। ଏହା ପାଇଲା ମାତ୍ରେ ସିଏ ସୋସିଆଲ ମିଡିଆରେ ଆସି କହିବେ ବୋଲି ବଡ ପାଟିରେ କହୁଛନ୍ତି। ତେବେ ପ୍ରଣବଙ୍କ ଏଭଳି ଭିଡିଓ ଦେଖିଲାପରେ ଏବେ ଲୋକେ ନାନା ମତ ଦେଉଛନ୍ତି। ଆଲୋଚନା ହେଉଛି ଯେ ପ୍ରଣବ ନୂଆ ନେତା ନୁହନ୍ତି। ସରକାରଙ୍କ ସହିତ ଦୀର୍ଘଦିନରୁ ଥିଲେ। ଧର୍ମଶାଳାରେ ତାଙ୍କର ଆଧିପତ୍ୟ କାହାରିକୁ ଅଜଣା ନୁହେଁ। ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ରାଜନୀତିକୁ ଆଗକୁ ବଢାଇବାରେ ଲାଗିଛନ୍ତି। ହେଲେ ସରକାରରେ ଥିବାବେଳେ କିଛି ଦୁର୍ନୀତି ପ୍ରଣବଙ୍କୁ ଦିଶୁନଥିଲା। ଏବେ ଖଣି ଠାରୁ ଆରମ୍ଭ କରି ପିଲାଙ୍କ ପୋଷାକ ପର୍ଯ୍ୟନ୍ତ ସବୁ କିଛି ଦିଶୁଛି। ପୁଲିସ୍ ଠାରୁ ଆରମ୍ଭ କରି ଖଣି ଅଧିକାରୀ ସମସ୍ତଙ୍କୁ ଜ୍ଞାନ ବାଣ୍ଟୁଛନ୍ତି। ଲୋକଙ୍କର କହିବାକଥା ଯେ ସରକାରରେ ଥିବାବେଳେ ଯଦି ଏମିତିଆ କାମ କରିଥିଲେ ସିଏ ଏବେ ବିଧାୟକ ରହିଥାନ୍ତେ। ହେଲେ ସେତେବେଳେ ଗାନ୍ଧାରୀ ଅବତାର ସାଜିବାରୁ ଲିକୁ ସାହୁ ସ୍ୱାଧୀନ ଚିହ୍ନରେ ଚଉକିଟି ନେଇଗଲେ। ଏବେ ହାତରେ କିଛି କାମ ଦାମ ନଥିବାରୁ ସମସ୍ତଙ୍କୁ ଜ୍ଞାନ ଦେବାରେ ଲାଗି ପଡିଛନ୍ତି। ତେବେ ଏହା ପୂର୍ବରୁ ନଜ ଦଳର ଯାଜପୁରିଆ ନେତାଙ୍କୁ କିଛି ଜ୍ଞାନ ଦେବାକୁ ସାଧାରଣରେ ଚର୍ଚ୍ଚା ହେଉଛି।

# 'ଲକ୍ଷ୍ମୀ ବସ୍' ଆର୍ଥିକ କାରବାରର ହେବ ତଦନ୍ତ

- ଖର୍ଚ୍ଚ ନହୋଇ ପଡ଼ି ରହିଛି କୋଟି କୋଟି ଟଙ୍କା
- ଆପତ୍ତି ଉଠାଇଲେ ଅଡିଟର ଜେନେରାଲ



ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ)ଃ ଗତ ବିଜେଡି ସରକାର ସମୟର ସବୁଠାରୁ ବଡ଼ ମହତ୍ୱାକାଂକ୍ଷୀ ଯୋଜନା 'ଲକ୍ଷ୍ମୀ ବସ୍' ଓ 'ଆମ ବସଷ୍ଟାଣ୍ଡ' ଏବେ ତଦନ୍ତ ଘେରରେ। ଯୋଜନାରେ ଟଙ୍କା ବ୍ୟୟ, ୟୁସି ଦାଖଲ ଓ ପରାମର୍ଶଦାତା ନିଯୁକ୍ତିକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛନ୍ତି ଅକାଉଣ୍ଟାଣ୍ଟ ଜେନେରାଲ୍ (ଏଜି)। ହଜାର ହଜାର କୋଟି ଟଙ୍କାର ହିସାବ ମିଳୁ ନ ଥିବା ବେଳେ ଏବେ ବାଣିଜ୍ୟ ଓ ପରିବହନ ବିଭାଗରେ ହଲଚଲ୍ ଆରମ୍ଭ ହୋଇଯାଇଛି। ପୂର୍ବ ସରକାରଙ୍କ ସବୁଠାରୁ ଚର୍ଚ୍ଚିତ ଯୋଜନା 'ଲକ୍ଷ୍ମୀ ବସ୍' ଯାହା ଏବେ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ନାମରେ ଚାଲୁଛି, ଅଡିଟ୍‌ରେ ତା'ର ଭିତିରି କଥା ଖୋଲିବା ଆରମ୍ଭ କରିଛନ୍ତି ଏଜି। ବାଣିଜ୍ୟ ଓ ପରିବହନ ବିଭାଗକୁ ପଠାଯାଇଥିବା ଏକାଧିକ ଅଡିଟ୍ ଆପତ୍ତି ଚିଠିରେ ଗୁମର ପଦାକୁ ଆସିଛି। ୨୦୨୩-୨୪ରୁ ୨୦୨୫-୨୬ ଆର୍ଥିକ ବର୍ଷରେ 'ଲକ୍ଷ୍ମୀ ବସ୍' ଯୋଜନା ପାଇଁ ମୋଟ ୨,୮୦୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଅର୍ଥର ଏକ ବଡ଼ ଅଂଶ ବର୍ଷ ଶେଷସୁଦ୍ଧା ଖର୍ଚ୍ଚ ହୋଇ ପାରି ନ ଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ୧୫୩.୫୬ କୋଟି, ୨୦୨୪-୨୫ରେ ୩୬୯.୧୮ କୋଟି ଟଙ୍କା ଓ ୨୦୨୫-୨୬ରେ ୪୭୮.୩୬ କୋଟି ଟଙ୍କା ପରିବହନ ବିଭାଗ ପାଖରେ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ପ୍ରଶ୍ନ ଉଠୁଛି, ପୂର୍ବ ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିଥିବା ବେଳେ ବାରମ୍ବାର ଅଧିକ ପାଣ୍ଠି କାହିଁକି ଦିଆଯାଉଥିଲା? ଏହି ଅଡିଟ୍ ଆପତ୍ତି ସାମ୍ନାକୁ ଆସିବା ପରେ ସଫେଇ ଦେଇଛନ୍ତି ପରିବହନ ମନ୍ତ୍ରୀ। କେବଳ ପାଣ୍ଠି ପଡ଼ି ରହିବା ନୁହେଁ, ଓଏସଆରଟିସି ଦ୍ୱାରା ଠିକ୍ ସମୟରେ ବିନିଯୋଗ ପ୍ରମାଣପତ୍ର ବା ୟୁସି ମଧ୍ୟ ଦାଖଲ କରାଯାଇନାହିଁ। ବିଶେଷକରି ୨୦୨୪-୨୫ର ତୃତୀୟ ତ୍ରୈମାସିକ ପରଠାରୁ ଖର୍ଚ୍ଚର କୌଣସି ବିବରଣୀ ଦିଆଯାଇ ନ ଥିବାରୁ ଅଡିଟ୍‌ରେ ଏନେଇ ପ୍ରଶ୍ନ ଉଠିଛି।

ଏହି ଯୋଜନାର ପରାମର୍ଶଦାତା ଭାବେ 'ଦିଲ୍ଲୀ ଇଣ୍ଟିଗ୍ରେଟେଡ୍ ମଲ୍ଟିମୋଡାଲ୍ ଟ୍ରାଞ୍ଜିଟ୍ ସିଷ୍ଟମ୍' (ଡିଆଇଏମଟିଏସ)ର ନିଯୁକ୍ତିକୁ ନେଇ ମଧ୍ୟ ସନ୍ଦେହ ଉପୁଜିଛି। ପରାମର୍ଶଦାତାଙ୍କୁ ପ୍ରତି ମାସରେ ୨.୧୪ କୋଟି ଟଙ୍କାର ମୋଟା ଫି' ଦେଇ ୬ ମାସ ପାଇଁ ରଖାଯାଇଥିବା ଏହି ସଂସ୍ଥାର ଅବଧିକୁ ପରେ ଆଉ ୬ ମାସ ବଢ଼ାଇ ଦିଆଯାଇଥିଲା। କିନ୍ତୁ ଏହି ଚୟନ ପୂର୍ବରୁ କୌଣସି ମାର୍କେଟ ସର୍ଭେ କରାଯାଇଥିଲା କି ନାହିଁ, ତା'ର ପ୍ରମାଣ ମାଗିଛନ୍ତି ଅଡିଟର ଜେନେରାଲ।

### ରାଜଭବନ ଇତିହାସରେ ନୂଆ ଅଧ୍ୟାୟ

## ପ୍ରଥମ ମହିଳା ଏଡିସି ଦାୟିତ୍ୱ ନେଲେ ଅନନ୍ୟା




ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ)ଃ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ନୂଆ ଏଡିସି (ପୁଲିସ୍) ଭାବେ ନିଯୁକ୍ତି ପାଇଛନ୍ତି ଆଇପିଏସ୍ ଅଧିକାରୀ ଅନନ୍ୟା ଅବସ୍ତି। ଏଥିସହ ଅନନ୍ୟା ରାଜ୍ୟପାଳଙ୍କ ସମ୍ମାନଜନକ ଏଡିସି ପଦବୀରେ ନିଯୁକ୍ତି ପାଇବା କ୍ଷେତ୍ରରେ ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ ହୋଇଛନ୍ତି। ଆଜି ଲୋକ ଭବନରେ ରାଜ୍ୟପାଳ ଅନନ୍ୟାଙ୍କୁ ନୂତନ ପୁଲିସ ଏଡିସି ଭାବେ ସ୍ୱାଗତ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ଅନନ୍ୟା କଟକର ୟୁପିଡିର ଏସିପି ଭାବେ କାର୍ଯ୍ୟ କରୁଥିଲେ। ଅନନ୍ୟା ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି। ରାଜ୍ୟପାଳଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଓ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ ସହାୟତା କରିବାରେ ଏଡିସିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୁଇ ଏଡିସିଙ୍କ ମଧ୍ୟରେ ଜଣେ ଭାରତୀୟ ନୌସେନା ଓ ଅନ୍ୟ ଜଣେ ପୁଲିସ ଅଧିକାରୀ। ଭାରତୀୟ ନୌସେନାର ଲେଫ୍ଟନାଣ୍ଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବେ କାର୍ଯ୍ୟରତ ଅଛନ୍ତି।

### ମହଙ୍ଗା ପଡ଼ିଲା ଇନଷ୍ଟାଗ୍ରାମ ପ୍ରେମ

## ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରି ଯୁବକ ଗିରଫ




ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ)ଃ ଜନୈକ ଯୁବକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି ଇନଷ୍ଟାଗ୍ରାମ ପ୍ରେମ। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରି ଗିରଫ ହୋଇଛନ୍ତି ଏମ୍‌ବିଏ ଗ୍ରାଜୁଏଟ୍। ରାଜଧାନୀ ଭୁବନେଶ୍ୱରରେ ଏପରି ଏକ ଘଟଣା ଘଟିଛି। ପ୍ରେମିକା ପାଇଁ ସୀମା ଟପିଗଲା ପୁରୁଣା ପ୍ରେମିକ। ପ୍ରେମିକା ହାତ ଛାଡ଼ିଦେବାରୁ ତାଙ୍କର ଅନ୍ତରଙ୍ଗ ଭିଡିଓ ଭାଇରାଲ କରିଛି ପୁରୁଣା ପ୍ରେମିକ। ଏହି ମାମଲାରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦାର ନିତେଶ ସାହୁଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ। ଦୁଇ ବର୍ଷ ପୂର୍ବେ ପୀଡ଼ିତାଙ୍କ ସହ ଇନଷ୍ଟାଗ୍ରାମ୍‌ରେ ନିତେଶଙ୍କର ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ନିବିଡ଼ତା ବଢ଼ିଥିଲା ଓ ସେମାନେ ପରସ୍ପରକୁ ବିବାହ କରିବା ପର୍ଯ୍ୟନ୍ତ ମଧ୍ୟ କଥା ଯାଇଥିଲା। ପରେ ଯୁବକ ଜଣଙ୍କ ପୀଡ଼ିତାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରିଥିଲେ। ତେବେ ପୀଡ଼ିତା ଜଣଙ୍କ ଆଉ ଜଣଙ୍କୁ ପ୍ରେମ କରି ପୁରୁଣା ପ୍ରେମିକଙ୍କଠାରୁ ଦୂରେଇଯିବାରୁ ଅଭିଯୁକ୍ତ ପ୍ରେମିକ ପ୍ରେମିକାଙ୍କ ପରିବାର ଲୋକଙ୍କ ସହ ଉକ୍ତ ଭିଡିଓ ଶେୟାର୍ କରିଦେଇଥିଲେ।

### ପରକୀୟା ପ୍ରୀତି ଧରିଲେ ବୋଲି...

## ପ୍ରେମିକ ସହ ମିଶି ହତ୍ୟା ଉଦ୍ୟମ, ଜେଲ୍ ଗଲେ ସ୍ତ୍ରୀ




ପ୍ରେମିକକୁ ଧରିବା ପାଇଁ ପୁଲିସ୍‌ର ତନାଘନା

ଦିଗପହଣ୍ଡି,୩୧।୫(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗାଁ ଛକରେ ରହୁଥିବା ଏସ. ଶଙ୍କର ରେଡ୍ଡୀଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀ ଏସ. ରଶ୍ମିତା ରେଡ୍ଡୀ ଲକ୍ଷ୍ମୀନାରାୟଣପୁର ଗ୍ରାମର ଦିବାକର ଦୋରାଙ୍କ ଅନୈତିକ ସମ୍ପର୍କ ରଖିଆସୁଥିଲେ। ତେବେ ଗତ ୨୨ ତାରିଖ ରାତିରେ ପ୍ରେମିକ ସହ ସ୍ତ୍ରୀଙ୍କୁ ଅସଜ୍ଞତ ଅବସ୍ଥାରେ ଥିବା ସ୍ୱାମୀ ଦେଖିଦେବାରୁ ରଶ୍ମିତା ତାଙ୍କ ପ୍ରେମିକ ଦିବାକରଙ୍କ ସହ ମିଶି ଶଙ୍କରଙ୍କୁ ହତ୍ୟା ଉଦ୍ୟମ କରିଥିବା ବେଳେ ଏନେଇ ଆଜି ଅଭିଯୁକ୍ତ ସ୍ତ୍ରୀଙ୍କୁ ଗିରଫ କରି ଜେଲ୍ ପଠାଇ ଦିଆଯାଇଛି। ଏନେଇ ଗତ ୨୪ରେ ଶଙ୍କର ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ମାମଲା ନଂ.୨୨୪/୨୬ ବିଏନ୍‌ଏସ୍‌ର ଦଫା-୩୩୩/ ୧୧୫(୨)/୧୧୭(୨)/ ୧୦୯/୩୫୧(୨)/୩(୫)ରେ ଉଭୟଙ୍କ ନାଁରେ ମକଦ୍ଦମା ରୁଜୁ କରି ଏଏସଆଇ ଦିଲ୍ଲୀପ ଗୋରଡ଼ାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗିରଫ ଭୟରେ ରଶ୍ମିତା ଓ ଦିବାକର ଭୁବନେଶ୍ୱର ପଳାଇଥିଲେ। କିନ୍ତୁ ଆଜି ରଶ୍ମିତା ଗାଁକୁ ଫେରିବା ପରେ ତାଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏଥିସହ ପୁଲିସ୍ ଦିବାକରକୁ ଧରିବା ପାଇଁ ତନାଘନା ଚଳାଇଛି।

### ବାଂଲାଦେଶୀ ଅନୁପ୍ରବେଶ ଭୟ

## ଉପକୂଳରେ ଜୋରଦାର ଚେକିଂ

### ମତ୍ସ୍ୟଜୀବୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ




କାକଟପୁର/ଅସ୍ତରଙ୍ଗ,୩୧।୫(ସଂଚାର ବ୍ୟୁରୋ)ଃ ବାଂଲାଦେଶୀ ଅନୁପ୍ରବେଶ ରୋକିବାକୁ ଜୋର୍‌ଦାର ହୋଇଛି ଚେକିଂ। ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନାରେ ଏହି ଚେକିଂ ଜାରି ରହିଛି। ସଜାଗ ରହିଛନ୍ତି କୋଷ୍ଟଗାର୍ଡ ଓ ମେରାଇନି ପୁଲିସ। ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ କଡ଼ା ଚେତାବନୀ ପରେ ବାଂଲାଦେଶୀ ତଥା ଅନୁପ୍ରବେଶକାରୀଙ୍କ ଛାତିରେ ଛନକା ପଶିଛି। ତେଣୁ ସେଠାରୁ ଅନୁପ୍ରବେଶକାରୀମାନେ କାଳେ ଓଡ଼ିଶା ଭିତରକୁ ପଶିଆସିବେ, ସେଥିସକାଶେ ଓଡ଼ିଶା ସୀମାରେ ଏହି ଯାଞ୍ଚକୁ ଅଧିକ କଡ଼ାକଡ଼ି କରାଯାଇଛି। ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପରେ ସେମାନେ ଏବେ ଓଡ଼ିଶାମୁହାଁ ହେବାର ଆଶଙ୍କା ରହିଛି।

ମିଳିଥିବା ସୂଚନାନୁସାରେ, ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଥାନା କର୍ମଚାରୀ, କୋଷ୍ଟଗାର୍ଡ, ଟେକ୍ନିକାଲ ଷ୍ଟାଫ ପୂରା ସଜାଗ ରହିଛନ୍ତି। ନୂଆଗଡ ଜେଟିଠାରୁ ସମୁଦ୍ର ମଧ୍ୟକୁ ପାଟ୍ରୋଲିଂ ବୋଟ୍‌ରେ କଡ଼ାକଡ଼ି ପାଟ୍ରୋଲିଂ ଚାଲିଥିବା ବେଳେ ସମୁଦ୍ରରେ ମାଛ ଧରୁଥିବା ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜର ରଖିବାକୁ କୁହାଯାଇଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଦେଇ ପ୍ରତିଦିନ ମତ୍ସ୍ୟଜୀବୀଙ୍କ ଯାତାୟାତ ବଙ୍ଗୋପ ସାଗରକୁ ଲାଗି ରହିଛି। ତେଣୁ ସୀମାବର୍ତ୍ତୀ ଅସ୍ତରଙ୍ଗ ବ୍ଲକ୍ ଅଧୀନସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି।

ଏହି କ୍ରମରେ ନୂଆଗଡ଼ ସାମୁଦ୍ରିକ ଥାନାକୁ ଆଲର୍ଟ କରାଯିବା ସହ କୌଣସି ପ୍ରକାର ସନ୍ଦେହ ସୃଷ୍ଟି ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ସନ୍ଦିଗ୍ଧମାନଙ୍କ ଗତିବିଧି ନିୟନ୍ତ୍ରଣ କରିବା ସକାଶେ କାଗଜପତ୍ର ଯାଞ୍ଚ ସହ ଆଧାର କାର୍ଡର ଯାଞ୍ଚ କରାଯାଉଛି। ଏଥିସହ ବୋଟ୍ କର୍ମଚାରୀଙ୍କ ଉପରେ ସନ୍ଦେହ ହେଲେ, ସେମାନଙ୍କ କାଗଜପତ୍ରର ମଧ୍ୟ ଯାଞ୍ଚ କରାଯାଉଛି।

## ୧୫ ଦିନରେ ମିଳିବ ଭତ୍ତା: ମନମୋହନ

ଭୁବନେଶ୍ୱର,୩୧।୫(ସଂଚାର ବ୍ୟୁରୋ)ଃ ରାଜ୍ୟର ବୃଦ୍ଧବୃଦ୍ଧା ଓ ବିଧବାମାନେ ଗତ ୨ ମାସର ଭତ୍ତା ପାଇନଥିବା ବେଳେ ଆଗାମୀ ୧୫ ଦିନ ଭିତରେ ଏହି ସମସ୍ୟାର ସମାଧାନ ହେବ ବୋଲି ଆଜି କହିଛନ୍ତି ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ। ସେ କହିଛନ୍ତି ଯେ ନୂଆ ସଫ୍ଟୱାର ପାଇଁ ଦୁଇ ମାସ ଧରି ଭତ୍ତା ମିଳିବାରେ ବ୍ୟତିକ୍ରମ ହୋଇଛି। ଅବଶ୍ୟ ଯେଉଁମାନେ ନଗଦ ଆକାରରେ ଭତ୍ତା ପାଉଥିଲେ ସେମାନଙ୍କ କ୍ଷେତ୍ରରେ କୌଣସି ପ୍ରକାର ସମସ୍ୟା ହୋଇନାହିଁ। ଏହି ସମସ୍ୟା କେବଳ ଅନଲାଇନ୍‌ରେ ଭତ୍ତା ପାଉଥିବା ହିତାଧିକାରୀଙ୍କ କ୍ଷେତ୍ରରେ ହୋଇଛି। ଏହି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂଆ କରି ସଫ୍ଟୱାର ଡେଭଲପ୍ କାମ ଚାଲିଛି। କେନ୍ଦ୍ର ଓ ରାଜ୍ୟ ଯୁଗ୍ମ ଭାବେ ଭତ୍ତା ଦେବା ପାଇଁ ବ୍ୟବସ୍ଥା କରୁଛନ୍ତି। ନୂଆ ସଫ୍ଟୱାର ପାଇଁ ଦୁଇ ମାସ ଧରି ଭତ୍ତା ଦେବାରେ ବ୍ୟତିକ୍ରମ ହୋଇଛି। କିନ୍ତୁ ଆସନ୍ତା ୧୫ ଦିନ ଭିତରେ ଏହି ସମସ୍ୟାର ଅନ୍ତ ଘଟିବ ବୋଲି ଶ୍ରୀ ସାମଲ ସ୍ପଷ୍ଟ କରିଛନ୍ତି। ସେହିପରି ଯେଉଁମାନେ ଦୁଇ ମାସ ହେଲା ଭତ୍ତା ପାଇନାହାନ୍ତି, ସେମାନଙ୍କୁ ଏହା ଏକକାଳୀନ ମିଳିବ ବେଲି ସେ କହିଛନ୍ତି।

- ଆକ୍ସନ୍ ମୋଡ୍‌ରେ ଦାରିଙ୍ଗବାଡ଼ି ପୁଲିସ୍

## ଦିନକରେ ୧୨ ଅଟୋ ଜବତ

ଦାରିଙ୍ଗବାଡ଼ି,୩୧।୫(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ପୁଲିସ ଆକ୍ସନ ମୋଡ୍‌କୁ ଆସିଛି। ଆଜି ଦିନକରେ ୧୨ଟି ଯାତ୍ରୀବାହୀ ଅଟୋ ବିରୋଧରେ ହାଇଛି କାର୍ଯ୍ୟାନୁଷ୍ଠାନ। ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ କହିବାନୁସାରେ, ଗତ କିଛି ଦିନ ହେଲା ପୁଲିସ ପକ୍ଷରୁ ଦାରିଙ୍ଗବାଡ଼ିର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ବ୍ଲକିଂ କରାଯାଇ ଗାଡ଼ି ମୋଟର ଯାଞ୍ଚ କରାଯାଉଛି। ଏହି କ୍ରମରେ ଆଜି ଇନ୍‌ସ୍ୟୁରାନ୍ସ ଓ ଅନ୍ୟାନ୍ୟ କାଗଜପତ୍ର ନ ଥିବାରୁ ୧୨ଟି ଅଟୋକୁ ଜବତ କରାଯାଇଛି। ଅନେକ ସମୟରେ ଦୁର୍ଘଟଣା ଘଟିଲେ ଇନ୍‌ସ୍ୟୁରାନ୍ସ ନ ଥିଲେ ଦୁର୍ଘଟଣାର ଶିକାର ହେଉଥିବା ଲୋକେ ଇନ୍‌ସ୍ୟୁରାନ୍ସ ବାବଦ ଅର୍ଥ ପାଇପାରୁନାହାନ୍ତି। ତେଣୁ ପୁଲିସ ଏବେ ଏପରି ଗାଡ଼ି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଆଇଆଇସି ଶ୍ରୀ ଜେନା କହିଛନ୍ତି। ସେହିପରି ସାଇଲେନ୍ସରକୁ ମୋଡିଫାଏ କରିଥିବାରୁ ଗୋଟିଏ ବାଇକ୍ ବି ଜବତ ହୋଇଛି।

### ସୁନ୍ଦରଗଡ଼ରେ ସିରିଜ ଡକାୟତି

## ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ନଗଦ ଲୁଟ୍

ସୁନ୍ଦରଗଡ଼,୩୧।୫ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲା ସଦର ଥାନା ଅଞ୍ଚଳରେ ଲଗାତାର ଦୁଇଟି ବଡ଼ ଧରଣର ଚୋରି ଘଟଣା ସ୍ଥାନୀୟ ପୁଲିସର ନିଦ ହଜାଇଦେଇଛି। କିରେଇ ଓ କନ୍ଧାବାହାଲ ଗ୍ରାମରେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା କାଟି ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୁଇଟି ଘଟଣାରେ ଚୋରିର ଢଙ୍ଗ ପ୍ରାୟ ସମାନ ଥିବାରୁ ଏହା ପଛରେ ଏକ ସଂଗଠିତ ଗ୍ୟାଙ୍ଗର ହାତ ଥିବା ସନ୍ଦେହ କରାଯାଉଛି। କିରେଇ ଅଞ୍ଚଳର ବାସିନ୍ଦା ହରପ୍ରିୟା ତନ୍ତୀ ତାଙ୍କ ପୁଅର ଚିକିତ୍ସା ପାଇଁ ଗତ ୨୪ ତାରିଖରେ ଭୁବନେଶ୍ୱର ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଘରର ଗ୍ରୀଲ୍ ଓ ମୁଖ୍ୟ ତାଲା କାଟି ଘରେ ପଶି କରି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି କରି ଚମ୍ପଟ୍ ହୋଇଯାଇଛନ୍ତି। ପଡ଼ୋଶୀମାନେ ଘର ସାମ୍ନା ଲାଇଟ୍ ବନ୍ଦ ଥିବା ଓ ତାଲା କଟାଯାଇଥିବା ଦେଖି ସୂଚନା ଦେବା ପରେ ଘଟଣା ଜଣାପଡ଼ିଥିଲା। ଚୋରମାନେ ଘରେ ଥିବା ପ୍ରାୟ ୪୫ ଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ନେଇଯାଇଥିବା ଶ୍ରମତୀ ତନ୍ତୀ ଅଭିଯୋଗ କରିଛନ୍ତି। ତେବେ ଏହି ଚୋରି ଘଟଣା ସହ ତାଙ୍କ ପଡ଼ୋଶୀଙ୍କର ସମ୍ପର୍କ ଥିବା ସେ ସନ୍ଦେହ କରିଛନ୍ତି। ସେହିପରି କନ୍ଧାବାହାଲ ଗ୍ରାମରେ ମଧ୍ୟ ସମାନ ଢଙ୍ଗରେ ଚୋରି ହୋଇଛି। ଘର ଖାଲି ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା କାଟି ଘରେ ପଶି ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ସେମାନେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ସିସିଟିଭି କ୍ୟାମେରାର ହାର୍ଡ ଡିସ୍କ ମଧ୍ୟ ସାଙ୍ଗରେ ନେଇ ଯାଇଥିବା ଜଣାପଡ଼ିଛି। ଖବର ପାଇ ସଦର ଥାନା ପୁଲିସ, ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସଦର ଏସଡିପିଓ ନିର୍ମଳ ନାଏକ ମଧ୍ୟ ନିଜେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତର ତଦାରଖ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ଗୁଗଲକୁ ହାଇକୋର୍ଟ ଲଗାଇଲେ ୩୦ ଲକ୍ଷ ଟଙ୍କାର ଜରିମାନା




ନୂଆଦିଲ୍ଲୀ,୩୧।୫ଃ ଗୁଗଲ ଏବେ ଭାରତରେ ବଡ଼ ଆଇନଗତ ଅସୁବିଧାରେ ପଡ଼ିଛି। ଟ୍ରେଡମାର୍କ ଉଲ୍ଲଂଘନ ମାମଲାରେ ଦିଲ୍ଲୀ ହାଇକୋର୍ଟ ଗୁଗଲ ଉପରେ ୩୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ସାନିଟାରୀୱେର୍ ବ୍ରାଣ୍ଡ 'ହିନ୍ଦୱେର୍' ଦ୍ୱାରା ଦାୟର କରାଯାଇଥିବା ଏହି ମାମଲାରେ କୋର୍ଟଙ୍କ ଏହି ନିଷ୍ପତ୍ତି ଭାରତରେ ଡିଜିଟାଲ୍ ବିଜ୍ଞାପନ ଦୁନିଆର ନିୟମକୁ ସମ୍ପୂର୍ଣ୍ଣ ବଦଳାଇ ଦେଇପାରେ।

ଏହି ବିବାଦ ୨୦୧୩ ମସିହାରୁ ଆରମ୍ଭ ହୋଇଥିଲା। ହିନ୍ଦୱେର୍ କମ୍ପାନୀ ଅଭିଯୋଗ କରିଥିଲା ଯେ, ତାର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ (Grohe ଓ Cera) ଗୁଗଲ ଆଡ୍ସ (Google Ads) ଜରିଆରେ 'Hindware' ଶବ୍ଦକୁ ଏକ କୀୱାର୍ଡ (Keyword) ଭାବେ କିଣିଥିଲେ। ଏହାଦ୍ୱାରା ଯେତେବେଳେ କୌଣସି ଗ୍ରାହକ ଗୁଗଲରେ 'Hindware' ସର୍ଚ୍ଚ କରୁଥିଲେ, ସେତେବେଳେ ସର୍ବପ୍ରଥମେ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀଗୁଡ଼ିକର ବିଜ୍ଞାପନ ଦେଖାଯାଉଥିଲା।

ହିନ୍ଦୱେର୍ର କହିବା କଥା ଥିଲା ଯେ, ଏହା ସେମାନଙ୍କର ପଞ୍ଜୀକୃତ ଟ୍ରେଡମାର୍କର ଅବୈଧ ବ୍ୟବହାର ଏବଂ ଏହା ଗ୍ରାହକମାନଙ୍କ ମନରେ ଭ୍ରମ ସୃଷ୍ଟି କରୁଛି। ପରବର୍ତ୍ତୀ ସମୟରେ ଅନ୍ୟ କମ୍ପାନୀଗୁଡ଼ିକ ସହ ବୁଝାମଣା ହୋଇଯାଇଥିଲେ ମଧ୍ୟ ଗୁଗଲ ବିରୋଧରେ ଆଇନଗତ ଲଢ଼େଇ ଜାରି ରହିଥିଲା, ଯେଉଁଥିରେ ଏବେ ଗୁଗଲର ପରାଜୟ ହୋଇଛି। ଗୁଗଲ ନିଜର ବିଜ୍ଞାପନ ପ୍ଲାଟଫର୍ମ ଜରିଆରେ କମ୍ପାନୀଗୁଡ଼ିକୁ କିଛି ନିର୍ଦ୍ଦିଷ୍ଟ 'କୀୱାର୍ଡ' କିଣିବାର ସୁବିଧା ଦେଇଥାଏ। ଯଦି କୌଣସି କମ୍ପାନୀ ନିଜର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀର ନାଁକୁ କୀୱାର୍ଡ ଭାବେ କିଣିନିଏ, ତେବେ ସେହି ପ୍ରସିଦ୍ଧ ବ୍ରାଣ୍ଡକୁ ଖୋଜୁଥିବା ୟୁଜରଙ୍କୁ ଅନ୍ୟ କମ୍ପାନୀର ବିଜ୍ଞାପନ ସର୍ଚ୍ଚ ରେଜଲ୍ଟର ସବୁଠାରୁ ଉପରେ ଦେଖାଯାଏ। ଗୁଗଲ କୋର୍ଟରେ ନିଜର ପକ୍ଷ ରଖି କହିଥିଲା ଯେ, କୀୱାର୍ଡଗୁଡ଼ିକ କେବଳ ବ୍ୟାକଏଣ୍ଡ୍ (Backend System) ରେ ବ୍ୟବହାର ହୁଏ ଏବଂ ଏହାକୁ ୟୁଜର ସିଧାସଳଖ ଦେଖିପାରନ୍ତି ନାହିଁ। ତେଣୁ ଏହାକୁ ଟ୍ରେଡମାର୍କର ଉଲ୍ଲଂଘନ କୁହାଯାଇପାରିବ ନାହିଁ।

ତେବେ ଦିଲ୍ଲୀ ହାଇକୋର୍ଟ ଗୁଗଲର ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଗୁଗଲ ଅନ୍ୟ ବ୍ରାଣ୍ଡର ଲୋକପ୍ରିୟତା ଓ ପ୍ରତିଷ୍ଠାର ବ୍ୟବସାୟିକ ଫାଇଦା ଉଠାଉଛି। ଅନ୍ୟର ଟ୍ରେଡମାର୍କକୁ ନିଲାମ କରି ଗୁଗଲ ରୋଜଗାର କରୁଛି, ଯାହାକୁ କୋର୍ଟ 'ଫ୍ରି-ରାଇଡିଂ' (Free-riding) ବୋଲି ଅଭିହିତ କରିଛନ୍ତି। ଗୁଗଲକୁ 'Hindware' ଏବଂ ତାହା ସହ ଜଡ଼ିତ ଶବ୍ଦଗୁଡ଼ିକୁ ବିଜ୍ଞାପନ କୀୱାର୍ଡ ଭାବେ ବ୍ୟବହାର କରିବା ଉପରେ କୋର୍ଟ ସମ୍ପୂର୍ଣ୍ଣ ରୋକ ଲଗାଇଛନ୍ତି। ଏହି ନିଷ୍ପତ୍ତି କେବଳ ଏକ ଜରିମାନା ନୁହେଁ, ବରଂ ଭବିଷ୍ୟତରେ କୌଣସି କମ୍ପାନୀ ଅନ୍ୟ ଏକ ପ୍ରତିଦ୍ୱନ୍ଦ୍ୱୀ ବ୍ରାଣ୍ଡର ନାଁ ବ୍ୟବହାର କରି ଅନଲାଇନ୍ ବିଜ୍ଞାପନ ଚଲାଇବା କଷ୍ଟକର ହେବ। ଏହାଦ୍ୱାରା ଡିଜିଟାଲ୍ ଦୁନିଆରେ ବ୍ରାଣ୍ଡଗୁଡ଼ିକର ଟ୍ରେଡମାର୍କ ଅଧିକ ସୁରକ୍ଷିତ ରହିବ।

# ଆଇପିଏଲ ଫାଇନାଲ୍ ପାଇଁ ୩୫ ହଜାର ହେଲା ବିମାନ ଟିକଟ ଭଡ଼ା



ନୂଆଦିଲ୍ଲୀ,୩୧।୫ଃ ଆଇପିଏଲ୍ର ଫାଇନାଲ ମ୍ୟାଚ୍ ରବିବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅହମ୍ମଦାବାଦରେ ଖେଳାଯିବ । ତେବେ ମ୍ୟାଚ୍ ପାଇଁ ଅହମ୍ମଦାବାଦକୁ ବିମାନ ଭଡ଼ା ୧୭,୦୦୦ ଟଙ୍କାରୁ ୩୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ସେହିଭଳି ଅହମ୍ମଦାବାଦରେ ବଡ଼ ହୋଟେଲଗୁଡ଼ିକରେ ଗୋଟିଏ ରାତିର ଭଡ଼ା ବି ୩୬,୦୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଇଛି । ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଉଭୟ ଟିମ୍ ପାଖରେ ଦ୍ୱିତୀୟ ଥର ଟାଇଟଲ ଜିତିବାର ସୁଯୋଗ ରହିଛି । ବେଙ୍ଗାଲୁରୁ ଗତବର୍ଷ ପ୍ରଥମ ଟାଇଟଲ ଜିତିଥିଲା । ସେହଭଳି ଗୁଜରାଟ ୨୦୨୨ରେ ଏହାର ପ୍ରଥମ ସିଜନରେ ଚାମ୍ପିୟନ ହୋଇଥିଲା । ମେ' ଶେଷ ଭାଗକୁ ବିଶେଷ କରି ହୋଟେଲ ଶିଳ୍ପ ପାଇଁ ଅଫ୍-ସିଜନ ଭାବେ ଗଣାଯାଇଥାଏ । ସହରର କେତେକ ବଡ଼ ହୋଟେଲରେ ପୂର୍ବରୁ ହିଁ ବୁକିଂ ହେଉଛି । ଅହମ୍ମଦାବାଦର ଅଧିକାଂଶ ପ୍ରିମିୟମ ହୋଟେଲ ୩୦ ଏବଂ ୩୧ ମେ'ରେ ସମ୍ପୂର୍ଣ୍ଣ ବୁକ୍ ହୋଇଯାଇଛି । ଅନୁମାନ କରାଯାଉଛି ଯେ, ହୋଟେଲ ଶିଳ୍ପକୁ ମାତ୍ର ଦୁଇ ଦିନରେ ୨୦୦ କୋଟି ଟଙ୍କାରୁ ଅଧିକ ଲାଭ ହେବ । ଆଇପିଏଲ ଫାଇନାଲର ସବୁଠୁ ବଡ଼ ଫାଇଦା କେବଳ ହୋଟେଲ ଶିଳ୍ପକୁ ନୁହେଁ ବରଂ ସହରର ସମଗ୍ର ବ୍ୟବସାୟ ଜଗତକୁ ହେଉଛି । ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କ୍ରିକେଟ୍ ଫ୍ୟାନ୍ମାନେ ମ୍ୟାଚ୍ ଦେଖିବା ପାଇଁ ଅହମ୍ମଦାବାଦ ଆସୁଛନ୍ତି । ଫଳରେ ବିମାନ ଟିକଟ ଚାହିଦା ବଡ଼ ମାତ୍ରାରେ ବଢ଼ିଯାଇଛି । ଟ୍ରେନ ଏବଂ ବସ୍ ଟିକଟ ଚାହିଦା ବି ବୃଦ୍ଧି ପାଇଛି। ଏହା ପୂର୍ବରୁ ବି ବଡ଼ କ୍ରିକେଟ ଆୟୋଜନ ସମୟରେ ଅହମ୍ମଦାବାଦରେ ବିମାନ ଭଡ଼ାରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି । ଆଇପିଏଲ୍ ଫାଇନାଲ ମ୍ୟାଚ୍ ଯୋଗୁ ଏସ୍‌ଜି ହାଇୱେ, ମୋଟେରା, ଚାନ୍ଦଖେଡା ଏବଂ ଗାନ୍ଧିନଗର ଆଦି ସ୍ଥାନରେ ହୋଟେଲର ସବୁଠାରୁ ଅଧିକ ଚାହିଦା ରହିଛି । ଅହମ୍ମଦାବାଦ ହୋଟେଲଗୁଡ଼ିକରେ ପ୍ରାୟ ୨୦୦୦୦ ରୁମ୍ ଉପଲବ୍ଧ । ତେବେ ଆଇପିଏଲ୍ ଫାଇନାଲ ମ୍ୟାଚ୍ ଯୋଗୁ ସବୁ ରୁମ୍ ବୁକ୍ ହୋଇସାରିଥିବା ଜଣାପଡ଼ିଛି ।

# ଭାରତୀୟ ମୁଦ୍ରା ଖସୁଛି, ହେଲେ ଅନ୍ୟ ଏସୀୟ ଦେଶର ମୁଦ୍ରା ବଢୁଛି

ନୂଆଦିଲ୍ଲୀ, ୩୧।୫ଃ ଗତ କିଛି ଦିନ ଧରି ଦେଶରେ ଭାରତୀୟ ମୁଦ୍ରା ଟଙ୍କା ବା ରୁପିର ମୂଲ୍ୟ ହ୍ରାସ ପ୍ରସଙ୍ଗ ବେସ୍ ଚର୍ଚ୍ଚାରେ ରହିଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ଚିନ୍ତାଜନକ ଭାବେ ହ୍ରାସ ପାଉଛି। ଗୋଟିଏ ପଟେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ନିଜକୁ ପ୍ରତିଷ୍ଠା କରିବାକୁ ପ୍ରୟାସ କରୁଥିବା ବେଳେ ଡଲାର ତୁଳନାରେ ଟଙ୍କାର ଏଭଳି ଦୁର୍ବଳତା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଶର ଅର୍ଥନୀତି ପାଇଁ ସୃଷ୍ଟି ହୋଇଥିବା ଏହି ସଂକଟକୁ ନେଇ ଆଜିର ଆଲଚୋନା। ଆଜି ଆମେ ଏହି ରିପୋର୍ଟରେ କେବଳ ଟଙ୍କାର ଅବମୂଲ୍ୟାୟନ ନୁହେଁ, ବରଂ ଏହା ପଛରେ ଥିବା କାରଣ, ଭାରତର ପଡ଼ୋଶୀ ଦେଶମାନଙ୍କ ସହ ତୁଳନା ଏବଂ ସାଧାରଣ ନାଗରିକଙ୍କ ଉପରେ ଏହାର ପଡୁଥିବା ପ୍ରଭାବ ଉପରେ ସବିଶେଷ ଆଲୋଚନା କରିବା। ନମସ୍କାର ମୁଁ ଅବିନାଶ, ବିଜନେଶ ବିଶେଷରେ ଦେଖିବା- ଖସୁଛି ଟଙ୍କା ବଢୁଛି ଚିନ୍ତା। ଆମେରିକା-ଇରାନ ଯୁଦ୍ଧ ଯୋଗୁ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଅସ୍ଥିର ପରିସ୍ଥିତି ସାରା ବିଶ୍ୱର ଅର୍ଥନୀତିକୁ ଦୋହଲାଇ ଦେଇଛି। ୟୁରୋପ ଠାରୁ ଆରମ୍ଭ କରି ଏସିଆ ଓ ଆଫ୍ରିକୀୟ ଦେଶ ସମସ୍ତଙ୍କ ଉପରେ ପଡ଼ିଛି ପଶ୍ଚିମ ଏସିଆ ସଂକଟର ପ୍ରଭାବ। ଆମେରିକାରେ ମଧ୍ୟ ମହଙ୍ଗା ସ୍ଥିତି ସୃଷ୍ଟି ହୋଇଛି। ତେବେ ଭାରତ, ପାକିସ୍ତାନ, ବାଂଲାଦେଶ,ଶ୍ରୀଲଙ୍କା, ଇଣ୍ଡୋନେସିଆ ଭଳି ପେଟ୍ରୋଲିୟମ ଉତ୍ପାଦନ ଉପରେ ବହୁମାତ୍ରାରେ ନିର୍ଭର ରହୁଥିବା ଦେଶଗୁଡ଼ିକ ଅଧିକ ପ୍ରଭାବିତ ହୋଇଛନ୍ତି। ଏସବୁ ଭିତରେ ଆମେରକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟା ହ୍ରାସ ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଟଙ୍କା ମୂଲ୍ୟ ହ୍ରାସ ପାଇବାରୁ ଆମଦାନୀ ବିଲ୍ ଭାରତ ପାଇଁ ଚିନ୍ତା ବଢ଼ାଇଲାଣି। ଏସବୁ ସ୍ଥିତିରେ ଆସନ୍ତୁ ଟିକେ ଟଙ୍କାର ଅତୀତର ଅବମୂଲ୍ୟାୟନ ଉପରେ ନଜର ପକାଇ ନେବା।

୨୦୧୪ ମେ ୨୬ ତାରିଖ। ଭାରତୀୟ ରାଜନୀତିରେ ଏକ ନୂଆ ଯୁଗ ଆରମ୍ଭ ହେଲା। ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ। ସେତେବେଳେ ଗୋଟିଏ ଆମେରିକୀୟ ଡଲାର ପାଇଁ ଭାରତକୁ ମାତ୍ର ୫୯.୯୪ ଟଙ୍କା ଦେବାକୁ ପଡୁଥିଲା। ତେବେ ସମୟ ବଦଳିଲା। ୨୦୧୯ ମେ ୩୦ ତାରିଖରେ ମୋଦୀ ସରକାରଙ୍କ ଦ୍ୱିତୀୟ ପାଳି ଆରମ୍ଭ ବେଳକୁ ଟଙ୍କାର ମୂଲ୍ୟ ୧୭ ପ୍ରତିଶତ ହ୍ରାସ ପାଇ ୬୯.୩୭ରେ ପହଞ୍ଚିଥିଲା। ପୁଣି ୨୦୨୪ ଜୁନରେ ଯେତେବେଳେ ତୃତୀୟ କାର୍ଯ୍ୟକାଳ ଆରମ୍ଭ ହେଲା, ସେତେବେଳେ ଟଙ୍କା ୮୩.୩୮ର ନିମ୍ନ ସ୍ତରକୁ ଖସି ଆସିଥିଲା।

୨୦୨୬ ମେ ମାସ ୩୦ ତାରିଖ ସୁଦ୍ଧା ଗୋଟିଏ ଡଲାର ମୂଲ୍ୟ ୯୪.୯୯ ଟଙ୍କାରେ ପହଞ୍ଚିଛି। ଏହି କିଚି ଦିନ ତଳେ ଏହା ୯୭ ଟଙ୍କା ପାଖାପାଖି ପହଞ୍ଚି ଯାଇଥିଲା। ଗତ ଦୁଇ ବର୍ଷରେ ଟଙ୍କା ମୂଲ୍ୟରେ ୧୪.୭୫ ପ୍ରତିଶତର ହ୍ରାସ ନିଶ୍ଚିତ ଭାବେ ଚିନ୍ତାଜନକ। ବିବିସିର ଏକ ରିପୋର୍ଟ ଅନୁସାରେ, ୨୦୧୪ ପର ଠାରୁ ଏପର୍ଯ୍ୟନ୍ତ ମୋଟ ୧୨ ବର୍ଷରେ ଟଙ୍କାର ମୂଲ୍ୟରେ ୬୨.୩୩ ପ୍ରତିଶତର ହ୍ରାସ ପାଇଲାଣି। ତେବେ କେବଳ ମୋଦୀ ସରକାରଙ୍କ ସମୟରେ ଟଙ୍କା ମୂଲ୍ୟରେ ହ୍ରାସ ଘଟିଛି ତାହା ନୁହେଁ, ପୂର୍ବ ସରକାରଗୁଡ଼ିକରେ ମଧ୍ୟ ଟଙ୍କା ମୂଲ୍ୟ ହ୍ରାସ ପାଇବାର ଏହି ଧାରା ଜାରି ରହିଥିଲା। ମନମୋହନ ସିଂହଙ୍କ ୧୦ ବର୍ଷର କାର୍ଯ୍ୟକାଳ (୨୦୦୪-୨୦୧୪) ସମୟରେ ମଧ୍ୟ ଟଙ୍କାର ମୂଲ୍ୟ ୩୧.୬୫ ପ୍ରତିଶତ ହ୍ରାସ ପାଇଥିଲା।

ଯଦି ଭାରତୀୟ ମୁଦ୍ରା ଅନ୍ୟ ପଡ଼ୋଶୀ ଦେଶର ମୁଦ୍ରା ତୁଳନାରେ ମଜଭୁତ ସ୍ଥିତିରେ କାରବାର କରୁଥାନ୍ତା, ହୁଏତ ଏ ପ୍ରଶ୍ନ ଉଠି ନଥାନ୍ତା। ହେଲେ ଏପରି ସ୍ଥିତି ନାହିଁ। ଅନ୍ୟ ଏସୀୟ ଦେଶଗୁଡ଼ିକ ଅପେକ୍ଷା ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସ ହେବା ଅର୍ଥନୀତିଜ୍ଞଙ୍କୁ ଚିନ୍ତାରେ ପକାଇଲାଣି। ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସ ହେବା ଏବେ ଅର୍ଥନୀତିଜ୍ଞଙ୍କୁ ଚିନ୍ତାରେ ପକାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଦିନେ ମୋଦିଙ୍କ ଅର୍ଥିକ ନୀତିର ପ୍ରଶଂସକ ସାଜିଥିବା ଅର୍ଥନୀତିଜ୍ଞ। ସୁରଜିତ ଭଲ୍ଲା ଟଙ୍କାର ଏ ଦୁର୍ଗତି ନେଇ ପ୍ରଶ୍ନ ଉଠାଇଛନ୍ତି। ଯଦି ଅର୍ଥନୀତି ବୃଦ୍ଧି ପାଉଛି, ତେବେ ଟଙ୍କା କାହିଁକି ହ୍ରାସ ପାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି ?

# ବିଦେଶୀ ନିବେଶକ ଉଠାଇ ନେଲେ ୩୨ ୯ ୬୩ କୋଟି ଟଙ୍କା




ନୂଆଦିଲ୍ଲୀ, ୩୧।୫ଃ ଭାରତୀୟ ଇକ୍ୱିଟି ବଜାରରୁ ବିଦେଶୀ ନିବେଶକମାନଙ୍କ ପୁଞ୍ଜି ପ୍ରତ୍ୟାହାର ଜାରି ରହିଛି। ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ମାନେ ମେ ମାସରେ ଭାରତର ଇକ୍ୱିଟି ବଜାରରୁ ୩୨,୯୬୩ କୋଟି ଟଙ୍କା ଉଠାଇ ନେଇଛନ୍ତି। ନ୍ୟାସନାଲ ଷ୍ଟକ ଡିପୋଜିଟୋରିଜ୍ ଲିମିଟେଡ (ଏନ୍‌ଏସ୍‌ଡିଏଲ୍)ର ତଥ୍ୟ ଅନୁଯାୟୀ, ୨୦୨୬ ମସିହାର ପ୍ରଥମ ୫ ମାସରେ ଏଫ୍‌ପିଆଇମାନେ ଭାରତୀୟ ବଜାରରୁ ୨.୨୫ ଲକ୍ଷ କୋଟି ଟଙ୍କା ଉଠାଇ ନେଲେଣି। ୨୦୨୫ ମସିହାରେ ଏଫ୍‌ପିଆଇମାନେ ଭାରତୀୟ ବଜାରରୁ ୧.୬୬ ଲକ୍ଷ କୋଟି ଟଙ୍କା ଉଠାଇ ନେଇଥିବାବେଳେ ଚଳିତବର୍ଷର ପ୍ରଥମ ପାଞ୍ଚମାସରେ ତାଠାରୁ ବହୁ ଅଧିକ ରାଶି ଉଠାଇ ନେଲେଣି। ୨୦୨୬ ମସିହାର ତଥ୍ୟ ଉପରେ ନଜର ପକାଇଲେ ଜଣାଯାଏ କେବଳ ଫେବ୍ରୁଆରି ମାସକୁ ଛାଡ଼ିଦେଲେ ଅନ୍ୟ ସବୁ ମାସରେ ଏଫ୍‌ପିଆଇମାନେ ଭାରତୀୟ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିଛନ୍ତି। ଜାନୁଆରିରେ ୩୫,୯୬୨ କୋଟି, ମାର୍ଚ୍ଚରେ ୧.୧୭ ଲକ୍ଷ କୋଟି, ଏପ୍ରିଲରେ ୬୦,୮୪୭ କୋଟି, ମେ ମାସରେ ୩୨୯୬୩ କୋଟି ଉଠାଇ ନେଇଛନ୍ତି। ଅନ୍ୟପକ୍ଷରେ ଫେବ୍ରୁଆରି ମାସରେ ଏଫ୍‌ପିଆଇମାନେ ଭାରତୀୟ ବଜାରରେ ୨୨୬୧୫ କୋଟି ଟଙ୍କା ନିବେଶ କରିଛନ୍ତି।

ବିଶେଷଜ୍ଞଙ୍କ କହିବାନୁଯାୟୀ, ଜାପାନ, ଦକ୍ଷିଣ କୋରିଆ, ତାଇୱାନ ଏବଂ ଆମେରିକା ଭଳି ବଜାରରେ କମ୍ପାନିଗୁଡ଼ିକର ଆର୍ଥିକ ପ୍ରଦର୍ଶନ ଭଲ ରହିଛି। ଏଥିପାଇଁ ଭାରତରେ ପୂର୍ବରୁ ନିବେଶ କରୁଥିବା ବିଦେଶୀ ନିବେଶକମାନେ ଆମେରିକା, ଜାପାନ, ଦକ୍ଷିଣ କୋରିଆ ଓ ତାଇୱାନମୁହାଁ ହୋଇଛନ୍ତି। ଏହାବ୍ୟତୀତ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଲଗାତାର ଦୁର୍ବଳ ହେବାର ପ୍ରଭାବ ମଧ୍ୟ ଏଫ୍‌ପିଆଇମାନଙ୍କ ଉପରେ ପଡ଼ିଛି। ସେମାନେ ଭାରତ ଛାଡ଼ି ବିଦେଶବଜାରମୁହାଁ ହୋଇଛନ୍ତି। ଏହାବ୍ୟତୀତ ଅଶୋଧିତ ତେଲ ଦର ବୃଦ୍ଧି ଏବଂ ହର୍ମୁଜ ପ୍ରଣାଳୀରେ ପରିବହନ ବ୍ୟାହତ ଭାରତର ଇକ୍ୱିଟି ବଜାରକୁ ପ୍ରଭାବିତ କରିଛି।

# ବନ୍ଦ ହୋଇଯିବ କାଗଜ ଟଙ୍କା: ଜାରି ହେବ ୫୦, ୧୦୦, ୫୦୦ ଟଙ୍କାର ନୂଆ ପ୍ଲାଷ୍ଟିକ ନୋଟ




ମୁମ୍ବାଇ,୩୧।୫ଃ ଦେଶରେ କ୍ୟାଶ (ନଗଦ ଟଙ୍କା)ର ଚାହିଦା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ୟୁପିଆଇ (UPI) ପେମେଣ୍ଟ ଏବଂ ଅନଲାଇନ ଟ୍ରାଞ୍ଜାକସନ ପାଇଁ ମଧ୍ୟ କ୍ୟାଶର ଅଧିକ ଆବଶ୍ୟକତା ପଡୁଛି। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପ୍ଲାଷ୍ଟିକ କିମ୍ବା ପଲିମର ନୋଟ ଛାପିବା ଏବଂ ଏହାକୁ ପ୍ରଚଳନକୁ ଆଣିବା ଯୋଜନା ଉପରେ ପୁଣି ଥରେ କାମ କରିବା ଆରମ୍ଭ କରିଦେଇଛି ଏବଂ ଖୁବ ଶୀଘ୍ର ଏକ ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହୋଇପାରେ। ରିଜର୍ଭ ବ୍ୟାଙ୍କର ପାଟନା ଏବଂ ମୁମ୍ବାଇରେ ହୋଇଥିବା ବୋର୍ଡ ବୈଠକରେ ପ୍ଲାଷ୍ଟିକ ନୋଟ ପ୍ରୋଜେକ୍ଟ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

ସୂତ୍ର ଅନୁସାରେ, ପ୍ଲାଷ୍ଟିକ ନୋଟ ଛାପିବାରେ କମ ଖର୍ଚ୍ଚ ହୋଇଥାଏ ଏବଂ ଏହି ନୋଟଗୁଡ଼ିକ ଅଧିକ ଦିନ ଟିକିଥାଏ (ଦୀର୍ଘସ୍ଥାୟୀ)। ତେଣୁ ଆରବିଆଇ (ଆରବିଆଇ) ଭାରତରେ ମଧ୍ୟ ପ୍ଲାଷ୍ଟିକ ନୋଟ ଜାରି କରିବାକୁ ଚାହୁଁଛି। ଯେହେତୁ ଭାରତ ନୂଆ ଟେକ୍ନୋଲୋଜି ଆପଣାଉଛି, ତେଣୁ ନୂଆ କରେନ୍ସି ଆପଣାଇ ଭାରତ ନିଜକୁ ୨୦୪୭ ସୁଦ୍ଧା ବିକଶିତ ଭାରତ ଭାବେ ଉପସ୍ଥାପନ କରିବାକୁ ଚାହୁଁଛି। ପ୍ଲାଷ୍ଟିକ ନୋଟଗୁଡ଼ିକୁ ଏଟିଏମ (ATM) ରୁ ସହଜରେ ବାହାର କରିବା ପାଇଁ ମେଶିନଗୁଡ଼ିକୁ ଅପଗ୍ରେଡ କରିବାର ଯୋଜନା ମଧ୍ୟ ଏହି ପ୍ରୋଜେକ୍ଟରେ ସାମିଲ ଅଛି। ଆରବିଆଇ ଅନୁସାରେ, କାଗଜ ନୋଟ ଅଧିକ ବର୍ଷ ଚାଲିପାରେ ନାହିଁ। ସେଗୁଡ଼ିକ ମଇଳା ହୋଇଯାଏ ଏବଂ ଚିରି ମଧ୍ୟ ଯାଏ। ମଇଳା ଏବଂ ଚିରିଯିବା କାରଣରୁ ସେଗୁଡ଼ିକ ପ୍ରଚଳନରୁ ବାହାର ହୋଇଯାଏ। ଆର୍ଥିକ ବର୍ଷ ୨୦୨୪-୨୫ ରେ ପ୍ରାୟ ୨୩.୮ ଅରବ (ବିଲିୟନ) ର ନୋଟ ନଷ୍ଟ କରିବାକୁ ପଡ଼ିଥିଲା, ଯେତେବେଳେ କି ବର୍ଷ ୨୦୨୩-୨୪ ରେ ୨୧.୨୪ ଅରବର ନୋଟ ନଷ୍ଟ କରାଯାଇଥିଲା। ଏଥିରେ ସବୁଠାରୁ ଅଧିକ ୫୦୦ ଏବଂ ୧୦୦ ଟଙ୍କିଆ ନୋଟ ଥିଲା। ଏତେ ପରିମାଣର କରେନ୍ସିକୁ ପ୍ରଥମେ ଛାପିବା ଏବଂ ପରେ ନଷ୍ଟ କରିଦେବା ଦ୍ୱାରା ସରକାରୀ ଖର୍ଚ୍ଚ ବଢ଼ିଥାଏ। କାରଣ ଆର୍ଥିକ ବର୍ଷ ୨୦ Sel୪-୨୫ ରେ ନୋଟ ଛାପିବାରେ ୬୩୭୨.୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ଲାଷ୍ଟିକ ନୋଟ ଛପା ହେବା ଦ୍ୱାରା ଏହି ଖର୍ଚ୍ଚ କମିଯିବ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ପ୍ଲାଷ୍ଟିକ ନୋଟ ଜାରି କରିବାର ଏକ ଟ୍ରାଏଲ (ପରୀକ୍ଷଣ) ଫେଲ ମାରିଥିଲା। ବର୍ଷ ୨୦୧୨ ରେ ରିଜର୍ଭ ବ୍ୟାଙ୍କ ୧ ଅରବର ପ୍ଲାଷ୍ଟିକ ୧୦ ଟଙ୍କିଆ ନୋଟ ଜାରି କରିବାକୁ ନିଷ୍ପତ୍ତି ନେଇଥିଲା, କିନ୍ତୁ ଏଟିଏମ ମେଶିନ ଏବଂ ବ୍ୟାଙ୍କଗୁଡ଼ିକରେ ବୈଷୟିକ ସମସ୍ୟା କାରଣରୁ ଏହି ଟ୍ରାଏଲ୍କୁ ରୋକି ଦିଆଯାଇଥିଲା। କିନ୍ତୁ ଏବେ ଏଟିଏମ ମେଶିନଗୁଡ଼ିକୁ ନୂଆ ଟୁଲ୍ସ ସହିତ ଅପଗ୍ରେଡ କରିବା ପରେ ହିଁ ନୂଆ ପ୍ଲାଷ୍ଟିକ ନୋଟ ଜାରି କରାଯିବ। ମେଶିନଗୁଡ଼ିକରେ ପ୍ଲାଷ୍ଟିକ ନୋଟ ସହ ଜଡ଼ିତ ଟୁଲ୍ସ ସାମିଲ କରିବା ପାଇଁ ସେହି ଦେଶଗୁଡ଼ିକ ସହ ଚୁକ୍ତି କରାଯାଇପାରେ, ଯେଉଁମାନେ ପୂର୍ବରୁ ହିଁ ପ୍ଲାଷ୍ଟିକ ନୋଟ ବ୍ୟବହାର କରୁଛନ୍ତି।



# ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

# ସରକାରୀ କୃଷି ଫାର୍ମରେ ବେଆଇନ ଧାନ ଚାଷ



ବୋରିଗୁମ୍ମା,୩୧।୫ (ସଂଚାର ବ୍ୟୁରୋ)ଃ ସରକାରୀ କୃଷି ଫାର୍ମରେ ବେଆଇନ ଧାନ ଚାଷ। ଗୋଟିଏ ଏକର କିମ୍ବା ଦୁଇ ଏକର ନୁହେଁ ବରଂ ୨୦ ଏକର ବେଆଇନ ଭାବେ ଧାନ ଚାଷ କରାଯାଇଛି। ସମ୍ପତ୍ତି ସରକାରଙ୍କର, ଜମି ସରକାରଙ୍କର, ଚାଷ ଉପକରଣ ମଧ୍ୟ ସରକାରଙ୍କର କିନ୍ତୁ ସରକାରଙ୍କୁ ନ ଜଣାଇ ଧାନ ଚାଷ କରିଛନ୍ତି ଦାୟିତ୍ୱରେ ଥିବା ଅଧିକାରୀ। ଏହିଭଳି ଭାବେ ସଙ୍ଗିନ ଅଭିଯୋଗ ଆସିଛି, କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ସରକାରୀ କୃଷି ଫାର୍ମରେ। ଯେଉଁଠି ରବି ଋତୁରେ ବେଆଇନ ଭାବେ ଧାନ ଚାଷ କରିଛନ୍ତି ଫାର୍ମ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସୂଚନା ଅନୁସାରେ କୋରାପୁଟ ଜିଲ୍ଲାର ଥିବା ସରକାରୀ କୃଷି ଫାର୍ମରେ କେବଳ ଖରିଫ ଋତୁରେ ଧାନ ଚାଷ କରାଯାଏ। ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ପ୍ରାମାଣିକ ବିହନ ଉତ୍ପାଦନ ନିମନ୍ତେ ଧାନ ଚାଷ କରାଯାଏ। କିନ୍ତୁ ରବି ଋତୁରେ କୌଣସି ସରକାରୀ କୃଷି ଫାର୍ମରେ ଧାନ ଚାଷ କରିବା ନିମନ୍ତେ ନିୟମ ନାହିଁ। ସରକାରୀ ଫାର୍ମରେ ଚାଷ ହେବା ପୂର୍ବରୁ ସରକାରଙ୍କ ଖାତାରେ ପଞ୍ଜିକରଣ କରାଯାଇଥାଏ। ସରକାରଙ୍କୁ ଜଣାଇଦିଆ ଯାଏ ତାହା ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନଜରରେ ରହିଥାଏ। କିନ୍ତୁ ରବି ଋତୁରେ ଚାଷ କରିବା ପାଇଁ କୌଣସି ଫାର୍ମରେ ନିୟମ ନାହିଁ।

ସରକାରୀ କୃଷି ଫାର୍ମରେ ଧାନ ଚାଷ କରିଥିବା ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା କହିଛନ୍ତି ଯେ ମୁଁ ଉପରିସ୍ଥ ଅଧିକାରୀ ସ୍କିମ ଅଫିସର କାହ୍ନୁ ଚରଣ ଦାସଙ୍କ ପରାମର୍ଶ କ୍ରମେ ସରକାରୀ କୃଷି ଫାର୍ମର ସାତ ଏକରରେ ଧାନ ଚାଷ କରିଛି। ଅପ୍ରେଲ,୨୦ ତାରିଖରେ ଜିଲ୍ଲାସ୍ତରୀୟ ଅକ୍ଷିମୁଠି ଅନୁକୂଳ କୋଟପାଡ଼ ସରକାରୀ କୃଷି ଫାର୍ମରେ ଅନୁଷ୍ଠିତ ହୋଇଥିଲା। ସେହିଦିନ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ରୁପୁ ଭତରା ଯୋଗ ଦେଇଥିବା ବେଳେ ଜିଲ୍ଲାସ୍ତରୀୟ ସମସ୍ତ କୃଷି ଅଧିକାରୀ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୃଷି ବିଭାଗର ସମସ୍ତ ଉପରିସ୍ଥ ଅଧିକାରୀମାନେ ଧାନ ଚାଷ ବିଷୟରେ ଅବଗତ ଅଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

ବେଆଇନ ଧାନ ଚାଷ ସମ୍ବନ୍ଧେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପଚାରିବାରୁ ଅଧିକାରୀ କହିଲେ ମୋ ପାଖରେ ଖବର ନାହିଁ, ଏପରି ହେବା କଥା ନୁହଁ, ଯଦି କେହି ଚାଷ କରିଛନ୍ତି ମୁଁ ଏହାର ତଦନ୍ତ କରିବି। ସେପଟେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି କେବଳ କୃଷି ଫାର୍ମ ଇନଚାର୍ଜ ନୁହେଁ ଏହି ଚାଷ ପଛରେ ସମସ୍ତ ଅଧିକାରୀ ଏବଂ ନେତାଙ୍କ ହାତ ରହିଛି ,ଏହାର ଉଚିତ ତଦନ୍ତର ଆବଶ୍ୟକ ରହିଛି।

ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ରେ ଥିବା ସ୍କିମ ଅଫିସର କାହ୍ନୁ ଚରଣ ଦାସ କହିଛନ୍ତି ଯେ କୋଟପାଡ଼ ସରକାରୀ କୃଷି ଫାର୍ମରେ ରବି ଋତୁ ରେ ଧାନ ଚାଷ କରିବା ପାଇଁ ଆମେ କୌଣସି ଲିଖିତ ଭାବେ ଅନୁମତି ଦେଇନାହୁଁ। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ। ଯେଉଁ ମାନେ କୃଷି ଫାର୍ମ ରେ ବେଆଇନ ଭାବେ ଧାନ ଚାଷ କରିଛନ୍ତି, ସେମାନଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

### ଉପରିସ୍ଥ ଅଧିକାରୀଙ୍କ ଜ୍ଞାତରେ ଧାନ ଚାଷ କରିଛି: ଫାର୍ମ ଇନଚାର୍ଜ

## ଦୁଇ ଚୋରଙ୍କୁ କୋର୍ଟ ଚାଲାଣ



ସୁନ୍ଦରଗଡ,୩୧।୫ (ସଂଚାର ବ୍ୟୁରୋ)ଃ ହେମଗିର ଥାନା ଅନ୍ତର୍ଗତ ଛତାବର ଗ୍ରାମର ସମରେନ୍ଦ୍ର ସେଟ ରାସନ ଦୋକାନରୁ ଗତ ୨୩ ତାରିଖ ମଧ୍ୟ ରାତ୍ରରେ ଦୁର୍ବୃତ୍ତ ଚୋରମାନେ ଦୋକାନ ତାଲା ଭାଙ୍ଗି ରାସନ ସାମଗ୍ରୀ ଏବଂ ନଗଦ ଟଙ୍କା ଚୋରି କରି ନେଇ ଯାଇଥିଲେ । ଏ ନେଇ ହେମଗିର ଥାନାରେ କେସ ନମ୍ବର ୨୪୭/୨୦୨୬ ମାମଲା ରୁଜୁ ହୋଇ ଥିଲା । ପୋଲିସ ଏହାର ତଦନ୍ତ ଆରମ୍ଭ କରି ଛତାବର ଗ୍ରାମର ମହେନ୍ଦ୍ର ପ୍ରଧାନୀ ଏବଂ ନିର୍ମଳ ଭୋଇଙ୍କୁ ଗିରଫ କରି ତାଙ୍କ ଠାରୁ ଦୁଇଟି ମୋବାଇଲ ଏବଂ ୨୧୫୦/- ଟଙ୍କା ଜବତ କରିଛି । ଦୁଇ ଅଭିଯୁକ୍ତ ଙ୍କୁ ଶନିବାର ଦିନ ଜିଲ୍ଲା କୋର୍ଟକୁ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣା ପଡିଛି ।

## ଟ୍ରଷ୍ଟ ପକ୍ଷରୁ ବାଳିକା ଉଚ୍ଚ ବିଦ୍ୟାଳୟକୁ ମାଇକ ସେଟ୍ ପ୍ରଦାନ



କେନ୍ଦ୍ରାପଡ଼ା,୩୧।୫ (ସଂଚାର ବ୍ୟୁରୋ)ଃ ଶ୍ରୀମତୀ ଦେବୀ ବାଞ୍ଛାନିଧି ଦାସ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟକୁ ଛାତ୍ରୀମାନଙ୍କ ଆବଶ୍ୟକତା ନିମନ୍ତେ ଏକ ମାଇକସେଟ୍ (ଇଲେକ୍ଟ୍ରୋନିକ୍ସ ଷ୍ଟେରିଓ) ପ୍ରଦାନ କରାଯାଇଛି।

ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ସୁଦୂର ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟି ଭୁବନମୋହନ ଦାସ ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନାରାୟଣ ପଣ୍ଡାଙ୍କୁ ଏହି ଇଲେକ୍ଟ୍ରୋନିକ୍ସ ଷ୍ଟେରିଓ ପ୍ରଦାନ କରିଛନ୍ତି । ପ୍ରଫେସର ଡ. ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଛାତ୍ରୀମାନେ ସେମାନଙ୍କର ଏହି ଆବଶ୍ୟକତା ସମ୍ପର୍କରେ ତାଙ୍କୁ ନିବେଦନ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଗରିବ ଓ ଅସହାୟ ଲୋକମାନଙ୍କୁ ସହାୟତା ଯୋଗାଇ ଦିଆଯାଇଥାଏ ।

## ଟାଙ୍ଗରପାଲି ଗ୍ରାମରେ ଆମ ପୁଲିସ ବୈଠକ



ସୁନ୍ଦରଗଡ,୩୧।୫ (ସଂଚାର ବ୍ୟୁରୋ)ଃସଦର ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗ୍ରାମର କଲ୍ୟାଣ ମଣ୍ଡପରେ ଏକ ଆମ ପୋଲିସ ବୈଠକ ସହ ମହିଳା ଓ ଶିଶୁ ସଚେତନତା ଶିବିର ଆୟୋଜନ କରାଯାଇଥିଲା। କ୍ୟାମ୍ପସ ମଧ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଅତିରିକ୍ତ ପୋଲିସ ଅଧିକ୍ଷକ ମିଶ୍ର ସାରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡିଏସପି କେ. ସାମଲ, ଏସଡିପିଓ ନିର୍ମଳ କୁମାର ମହାପାତ୍ର, ସଦର ଥାନା ଅଧିକାରୀ ସୌଦାମିନୀ ନାଗ ଏବଂ ସିଡବ୍ଲୁସି ସଦସ୍ୟ କେ. ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ବୈଠକ ସମୟରେ ମହିଳା ଏବଂ ଶିଶୁ କଲ୍ୟାଣ ସଚେତନତା ଏବଂ ପୋଲିସ ସମ୍ପ୍ରଦାୟ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କିଶୋରୀ ଝିଅମାନଙ୍କ ପାଇଁ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ବିଜେତା ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

## କ୍ୟାନ୍ସରରେ ଷ୍ଟାଫନର୍ସଙ୍କ ମୃତ୍ୟୁ



ନୀଳଗିରି,୩୧।୫(ସଂଚାର ବ୍ୟୁରୋ)ଃ କଟକ ସ୍ଥିତ ଲକ୍ଷ୍ମୀକାନ୍ତ ମେମୋରିଆଲ ହସ୍ପିଟାଲ ର କାର୍ଯ୍ୟରତ ଷ୍ଟାଫ ନର୍ସ ତଥା ନୀଳଗିରି ଏନଏସି ସିମୁଳିଆ ଗ୍ରାମର ବଳରମ ମହଲ ଙ୍କ ପୁତ୍ର ମନୋଜ କୁମାର ମହଲ ଙ୍କ ଧର୍ମପତ୍ନୀ ସୃଷ୍ଟି ସଂଗୀତ ମହଲ (୪୧)ଙ୍କର କ୍ୟାନ୍ସର ରୋଗରେ ମୃତ୍ୟୁ ହୋଇଯାଇଛି। ସେ କିଛି ଦିନ ପୂର୍ବରୁ କ୍ୟାନ୍ସର ରୋଗରେ ପୀଡ଼ିତା ଥାଇ କଟକ ଚୌଦ୍ୱାର ସ୍ଥିତ କାର୍ଷିନୋମା କର୍କଟ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୩୦ ତାରିଖ ରାତ୍ରି ପ୍ରାୟ ୯ ଘଟିକା ସମୟରେ ଦେହାନ୍ତ ହୋଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ହସ୍ପିଟାଲର ସମସ୍ତ ସହପାଠୀ, ଡାକ୍ତର ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁଶଯ୍ୟା ପାଖରେ ସ୍ୱାମୀ ମନୋଜ, ଶ୍ୱଶୁର ବଳରାମ, ଝିଅ ଦିବ୍ୟାଙ୍କ, କାକା ଶୁର, ଶାଶୁ ଉପସ୍ଥିତ ଥିଲେ। ଆଜି ତାଙ୍କ ପାର୍ଥିବ ଶରୀର ସିମୁଳିଆ ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ତେବେ ଲକ୍ଷ୍ମୀକାନ୍ତ ମେମୋରିଆଲ ହସ୍ପିଟାଲ ଷ୍ଟାଫ ଘରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ। ଶେଷ କୃତ୍ୟ ଗ୍ରାମ ମଶାଣିରେ ସମ୍ପନ୍ନ କରାଯାଇଥିବା ବେଳେ ଦିଅର ସ୍ମୃତି ଗୌରବ ମହଲ ମୁଖାଗ୍ନି ଦେଇଥିଲେ।

### ପାଳନ ହେଉନି ବଦଳି ନିୟମ

# ଗାଦି ମାଡ଼ି ବସିଛନ୍ତି ଅଧିକାରୀ

### ବାଟବଣା ହେଉଛି ସରକାରୀ ଯୋଜନା



କାକଟପୁର/ଅସ୍ତରଙ୍ଗ,୩୧।୫ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ର ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଏକ ପ୍ରମୁଖ ବ୍ଲକ ଭାବେ ଜଣାଶୁଣା। ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଟି ପଂଚାୟତ ଓ କାକଟପୁର ବ୍ଲକ ଅଧୀନ ୧୬ଟି ପଂଚାୟତ ରହିଛି। ଏହି ପଂଚାୟତବାସୀ ଙ୍କ ସମସ୍ୟାର ସମାଧାନ ଓ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନିକ ସ୍ତରରେ ବରିଷ୍ଠ ଅଧିକାରୀ ଓ ଅଧିକାରିଣୀ ମାନଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ଅସ୍ତରଙ୍ଗ ଓ କାକଟପୁରରେ ଥିବା ସରକାରୀ ଅଫିସ ଗୁଡିକରେ ସାଧାରଣ ଲୋକଙ୍କ କାମ ଠିକ ସମୟରେ ସଠିକ ଢଙ୍ଗରେ ହେଉନଥିବା ଅଭିଯୋଗ ହୋଇଛି। ଏହାର କାରଣ ହେଉଛି ଅସ୍ତରଙ୍ଗ ଓ କାକଟପୁର ବ୍ଲକର ସରକାରୀ କାର୍ଯ୍ୟାଳୟରେ ଗାଦି ମାଡି ବସିଥିବା କିଛି ବରିଷ୍ଠ ଅଧିକାରୀ, ଅଧିକାରିଣୀ ପାଇଁ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ରହୁନାହିଁ। ଫଳରେ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଦୁର୍ନୀତି ବଢ଼ି ଚାଲିଥିବା ଅଭିଯୋଗ ହେଉଛି।

ଏହି ବ୍ଲକରେ ମନରେଗା ଯୋଜନାରେ ଦୁର୍ନୀତି, ସହ ଅନେକ ଯୋଜନାରେ ଦୁର୍ନୀତି, ପିସି କାରବାର ଭଳି କାର୍ଯ୍ୟ ହେଉଥିବା ପୂର୍ବରୁ ନଜିର ରହିଛି। ସାଧାରଣ ଲୋକ ପ୍ରଶାସନିକ ସ୍ତରରେ ସହଯୋଗ ପାଇବା ବଦଳରେ ଅବହେଳାର ଶିକାର ହେଉଛନ୍ତି। ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ବିଭାଗ ଯେପରିକି କୃଷି ବିଭାଗ, ଉଦ୍ୟାନ ବିଭାଗ ସହ ଅନ୍ୟ କାର୍ଯ୍ୟାଳୟରେ ଥିବା କିଛି ବରିଷ୍ଠ ଅଧିକାରୀ, ଅଧିକାରିଣୀ ୩ବର୍ଷରୁ ଅଧିକ ସମୟ ଧରି ବଦଳି ନ ହୋଇ ଗୋଟିଏ ଜାଗାରେ ରହି କାର୍ଯ୍ୟ କରୁଛନ୍ତି। ମନଇଚ୍ଛା ସରକାରୀ କାର୍ଯ୍ୟରେ ଅବହେଳା କରିବା ସହ ବହୁ ଯୋଜନାକୁ ସେମାନେ କାର୍ଯ୍ୟକାରୀ କରୁନାହାନ୍ତି। ସରକାରୀ ଯୋଜନାରୁ କିପରି ଅର୍ଥ ହେରଫେର କରିହେବ ସେହି ରାସ୍ତା ଏହି ଅଧିକାରୀଙ୍କ ଦ୍ୱାରା ଦଲାଲ ମାନଙ୍କ ନିକଟକୁ ଯାଉଛି। ରାଜନୈତିକ କଳକୁ ବ୍ୟବହାର କରି ରାଜ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ବଦଳି ନିୟମକୁ ଫୁ "କରି ଉଡାଇ ଦେଉଛନ୍ତି। ଏମିତି ବହୁ ସରକାରୀ କାର୍ଯ୍ୟାଳୟରେ ଥିବା କର୍ମଚାରୀ ମାନେ ଦୀର୍ଘ ବର୍ଷ ଧରି ବଦଳି ହେଉ ନଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏହି କର୍ମଚାରୀ ମାନଙ୍କର ବଡ଼ ନେତା ସହ ଉପରମହଲାରେ ହାତ ରହିଛି ବୋଲି ଚର୍ଚ୍ଚା ହେଉଛି।

ତୁରନ୍ତ ୩ବର୍ଷରୁ ଅଧିକ ସମୟ ଧରି ଗୋଟିଏ ଜାଗାରେ କାର୍ଯ୍ୟ କରୁଥିବା ଅଧିକାରୀ, ଅଧିକାରିଣୀ ଙ୍କୁ ବଦଳି କରିବାକୁ ସାଧାରଣ ରେ ଦାବି ହେଉଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଶୋଭାଯାତ୍ରା




ବାଲିଆପାଳ,୩୧।୫ (ସଂଚାର ବ୍ୟୁରୋ)ଃ ଗଣତନ୍ତ୍ରର ମୂଳ ଭିତ୍ତି ହେଉଛି ସଠିକ୍ ଓ ନିର୍ଭୁଲ ଭୋଟର ତାଲିକା। ଏହାର ସଫଳ ରୂପାୟନ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ପଞ୍ଚାୟତ ସମିତି ପକ୍ଷରୁ ରବିବାର ସକାଳେ ଏକ ବ୍ୟାପକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବ୍ଲକ ପରିସରରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏହି ଅବସରରେ ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରିଣୀ ବିଧିକା ସ୍ୱାଇଁ, ବ୍ଲକ ଉନ୍ନୟନ ଅଧିକାରୀ ରାଧାରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ସୁବ୍ରତ ପଣ୍ଡା, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶରତ ମୁଦୁଲି, ଜିପିଡିଓ ପ୍ରିୟବ୍ରତ ଗିରି, ବିଏଲଓ ସୁପରଭାଇଜର, ବିଏଲଓ ଏବଂ ବ୍ଲକର ବିଭିନ୍ନ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ଶୋଭାଯାତ୍ରା ସମୟରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ସ୍ଲୋଗାନ, ବ୍ୟାନର ଓ ସଚେତନତାମୂଳକ ବାର୍ତ୍ତା ମାଧ୍ୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଗୁରୁତ୍ୱ, ଭୋଟର ତାଲିକାରେ ସଠିକ୍ ତଥ୍ୟ ଅନ୍ତର୍ଭୁକ୍ତି ଏବଂ ନାଗରିକମାନଙ୍କ ସକ୍ରିୟ ସହଭାଗିତାର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

## ସରକାରଙ୍କ ବିଫଳତାକୁ ନେଇ ଆନ୍ଦୋଳନକୁ ଓହ୍ଲାଇବ ଓଜେସି



ଯାଜପୁର ରୋଡ଼, ୩୧।୫(ସଂଚାର ବ୍ୟୁରୋ)ଃ ଯାଜପୁର ରୋଡ ସ୍ଥିତ ଶ୍ରମିକ ସଂଘ କାର୍ଯ୍ୟାଳୟ ଠାରେ ଯାଜପୁର ଜିଲ୍ଲା ଓଡିଶା ଜନତା କଂଗ୍ରେସ ପାର୍ଟି (ଓ.ଜେ.ସି)ର କାର୍ଯ୍ୟକାରୀ କମିଟି ବୈଠକ ଶ୍ରୀ ସଞ୍ଜୟ କୁମାର ରାୟ'ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯାଜପୁର ଜିଲ୍ଲା କମିଟି ସଂଯୋଜକ ଶ୍ରୀ ବିଦ୍ୟାଧର ମହାନ୍ତି ସରକାରଙ୍କର ବିଫଳତା, ବିଜେପି ସରକାର ସମୟରେ ଦରଦାମ ବୃଦ୍ଧି ସମ୍ପର୍କରେ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶେଷ କରି ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ ଦରବୃଦ୍ଧି ରୋକିବା ଦୀର୍ଘ ୩ମାସ ଧରି ଗରିବ ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ଅସହାୟ ମହିଳା ମାନଙ୍କୁ ଭତା ଏଯାବତ ନଦେବା, ଘନ ଘନ ବିଦ୍ୟୁତ କାଟ କରି ଉପଭୋକ୍ତା ମାନଙ୍କୁ ଅନ୍ଧାରରେ ରଖିବା ଓ ଟାଟା ପାୱାର ଶ୍ରମିକ କର୍ମଚାରୀ ମାନଙ୍କୁ ଛଟେଇ ପ୍ରତ୍ୟାହାର କରିବା ସହିତ ୧୦ ରୁ ୧୫ ବର୍ଷ ଧରି ସ୍ୱଳ୍ପ ବେତନରେ କାର୍ଯ୍ୟ କରିଆସୁଥିବା ଠିକା ଶ୍ରମିକ ମାନଙ୍କୁ ସ୍ଥାୟୀ ନିଯୁକ୍ତିର ପ୍ରକ୍ରିୟା ଆରମ୍ଭ କରିବା, ଦଶରଥପୁର ଓ ବିଂଝାରପୁର ବ୍ଲକର ୮ ଗୋଟି ଗ୍ରାମ ପଂଚାୟତରେ ଜଳ ସୋଚିତର ସୁବିଧା ନଥିବାରୁ ଶହଶହ ଏକର ଜମି ଚାଷ ଜମିପଡିଆ ହୋଇପଡିଛି ଓ ସରକାରୀ ଦଳର ମାଫିଆ ମାନଙ୍କ ଦ୍ୱାରା ଚୋରା ବାଲି, ମାଟି, ଧଳା ପଥର ଚାଲାଣକୁ ବନ୍ଦ କରିବା, ଜିଲ୍ଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମେଗା ଜଳପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହିତ ଆରମ୍ଭ ହୋଇଥିବା ଏସ.ଆଇ.ଆର, ପ୍ରକ୍ରିୟାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରପକ୍ଷତା ବଜାଇ ନରଖିଲେ ବହୁ ଶୀଘ୍ର ପାର୍ଟି ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ବିଭିନ୍ନ ପ୍ରସ୍ତାବ ମାନ ଆଗତ କରାଯାଇଛି।

# ସିଆଇଟିୟୁର ୫୬ତମ ପ୍ରତିଷ୍ଠା ଦିବସ ପାଳିତ




ଯାଜପୁର ରୋଡ଼,୩୧।୫ (ସଂଚାର ବ୍ୟୁରୋ)ଃ ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ସିଆଇଟିୟୁ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ବ୍ୟାସନଗର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘ, ନିର୍ମାଣ ଶ୍ରମିକ ସଂଘ, ପାଚିକା ସଂଘ ଏବଂ ସ୍ୱଚ୍ଛ ଭାରତ କର୍ମୀ ସଙ୍ଘ ପ୍ରଭୃତି ୟୁନିୟନ ମାନଙ୍କର ଏକ ମିଳିତ ଶୋଭାଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ ଡୋଳିପୁର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଂଚିବା ପରେ ଶ୍ରମିକ ଶ୍ରେଣୀର ଲାଲ୍ ପତାକାକୁ ଉତ୍ତୋଳନ କରାଯାଇ ସହିଦ୍ ବେଦୀରେ ମାଲ୍ୟାର୍ପଣ କରାଯାଇଥିଲା।

ସିଆଇଟିୟୁ ଜିଲ୍ଲା ସଭାପତି ଶ୍ରୀ ପ୍ରଫୁଲ୍ଲ ନାୟକ'ଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ରମେଶ ରାଉତ,ପନି କିସ୍କୁ, ମାଳତୀ ହାଁସଦା, ସବିତା ମିଶ୍ର, ଜୟରାମ ମୁର୍ମୁ, ସମୀର ମୁଖି, ରଶ୍ମି ରେଖା ନାଏକ, ପ୍ରମିଳା ନାୟକ, ଲକ୍ଷ୍ମୀ ହେମ୍ବ୍ରମ ଓ ସଦାନନ୍ଦ ମୁଖି ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଜକୁ ୫୬ ବର୍ଷ ତଳେ ୧୯୩୦ ମସିହା ଆଜିର ଦିନରେ ସିଆଇଟିୟୁ ପ୍ରତିଷ୍ଠା ହୋଇଥିଲା। ଅନେକ ରକ୍ତକ୍ଷୟୀ ସଂଗ୍ରାମ ଏବଂ ଅନେକ ସାଥୀମାନଙ୍କର ବଳିଦାନ ମଧ୍ୟ ଦେଇ ସିଆଇଟିୟୁ ଆଜି ଏକ ଲଢୁଆ ସଂଗଠନ ଭାବେ ଉଭା ହୋଇଛି ଏବଂ ଶ୍ରମିକ ଶ୍ରେଣୀର ସ୍ୱାର୍ଥକୁ ତୋଳି ଧରି ଅଗ୍ରଣୀ ସଂଗଠନ ଭାବେ ନବ୍ୟ ଫାସିବାଦୀ ସରକାରର ଶ୍ରମିକ ଶୋଷଣ ନୀତି ବିରୁଦ୍ଧରେ ଅବିରତ ସଂଗ୍ରାମ ଜାରି ରଖିଛି। ସାମ୍ପ୍ରତିକ ପରିସ୍ଥିତିରେ ଏହି ସାଲିସହୀନ ସଂଗ୍ରାମର ଧାରାକୁ ଆହୁରି ଆଗେଇ ନେବା ପାଇଁ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ।

## ବଜ୍ରପାତରେ ଗଲା ଯୁବକଙ୍କ ଜୀବନ

କେନ୍ଦ୍ରାପଡ଼ା,୩୧।୫ (ସଂଚାର ବ୍ୟୁରୋ)ଃ କୁଦାନଗରି ଥାନା ଅଞ୍ଚଳର ଗଦାଧର ହାଟ ନିକଟସ୍ଥ ଚିତ୍ରୋତ୍ପଳା ନଦୀ ପଠାରେ ବଜ୍ରପାତରେ ଜଣେ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣା କେବଳ ଏକ ଦୁର୍ଘଟଣା ନୁହେଁ, ବରଂ ଅସଙ୍ଗଠିତ ଶ୍ରମିକଙ୍କ ଜୀବନ ସଂଘର୍ଷ ଓ ସୁରକ୍ଷାହୀନତାର କଠୋର ବାସ୍ତବତାକୁ ସାମ୍ନାକୁ ଆଣିଛି। ମୃତ ଯୁବକ ସାଲୁକା ମାଝୀ (୨୨) କେନ୍ଦୁଝର ଜିଲ୍ଲାର ବାସିନ୍ଦା। ଜୀବିକା ଅନ୍ୱେଷଣରେ ନିଜ ବଡ଼ ଭାଇଙ୍କ ସହ ଏଠାକୁ ଆସିଥିଲେ। ସୂଚନା ଅନୁଯାୟୀ, ମଇଁଷି ପାଖକୁ ଭାତ ନେଇ ଯାଉଥିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

### ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ ଉଦ୍‌ଯାପିତ

## ବାଳକ ବିଭାଗରେ ଏନୱାଇକେ, ବହଳଦା ଓ ବାଳିକା ବିଭାଗରେ ସାତକୋଶିଆ ଚାମ୍ପିଅନ୍



ବାରିପଦା,୩୧।୫ (ସଂଚାର ବ୍ୟୁରୋ)ଃ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଫୁଟବଲ ଏସୋସିଏସନ ଅଫ ଓଡିଶା, ଜିଲ୍ଲା ପ୍ରଶାସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଆୟୋଜିତ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚମ୍ପିୟାନସିପ ଉଦଯାପିତ ହୋଇଯାଇଛି । ବାଳକ ବିଭାଗରେ ଏନ ୱାୟ କେ, ବହଳଦା ଦଳ ଟାଇ ବ୍ରେକର ଜରିଆରେ ୩-୦ ଗୋଲରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ପୂର୍ବରୁ ବାଳିକା ବିଭାଗରେ ସାତକୋଶିଆ, ଚଢେଇଗାଁ ଦଳ ୯-୦ ଗୋଲରେ ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଉଭୟ ବିଭାଗର ଚମ୍ପିୟାନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

ପ୍ରକାଶ ଥାଉକି ଏହି ଚମ୍ପିୟାନସିପ ମାଧ୍ୟମରେ ଉଭୟ ବିଭାଗରୁ ମୟୁରଭଞ୍ଜ ଜିଲ୍ଲା ପାଇଁ ୨୦ ଜଣିଆ ଦଳ ଚୟନ କରାଯାଇଛି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଏବଂ ଉଭୟ ଦଳ ସୁନ୍ଦରଗଡ଼ ଠାରେ ଜୁନ ମାସ ୧ ତାରିଖରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ସ୍ତରୀୟ ଚାମ୍ପିୟାନସିପରେ ଅଂଶଗ୍ରହଣ କରିବେ।

# ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ସ୍ୱାଗତ ସମ୍ବର୍ଦ୍ଧନା ସଭା ଓ ରାଜ୍ୟ କମିଟି ଗଠିତ




ନବରଙ୍ଗପୁର,୩୧।୫ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଧାମନାଗୁଡା ଗ୍ରାମ ପଞ୍ଚାୟତ ର ସଦରମହକୁମାରେ ଥିବା ମା ଦନ୍ତେଶ୍ୱରୀ, ବାବା ଭୈରବ ମନ୍ଦିର ପାଖରେ ଥିବା କଲ୍ୟାଣ ମଣ୍ଡପ ପରିସରରେ ଶନିବାର ଅପରାହ୍ନରେ ନବରଙ୍ଗପୁର ଜିଲ୍ଲା ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଓ ରାଜ୍ୟ କମିଟି ଗଠନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ଜିଲ୍ଲା ସଭାପତି ଜଗନ୍ନାଥ ମାଝୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ଉକ୍ତ ସମ୍ବର୍ଦ୍ଧନା ସଭାରେ ଅତିଥି ଆସନରେ ନବରଙ୍ଗପୁର ବିଧାୟକ ତଥା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଡାବୁଗାଁ ପୂର୍ବତନ ବିଧାୟକ ଭୂଜବଳ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷା ବାସନ୍ତୀ ମାଝୀ ଓ ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା ,କଳାହାଣ୍ଡି ଜିଲ୍ଲା ସଭାପତି ନୀଳକଣ୍ଠ ମାଝୀ, କୋରାପୁଟ ଜିଲ୍ଲା ସଭାପତି ମଙ୍ଗରାଜ ରନ୍ଧାରୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଦଶ ଗୋଟି ବ୍ଲକ ସଭାପତି, ସମ୍ପାଦକ ଦୁଇ ଗୋଟି ପୌରାଞ୍ଚଳ କର୍ମକର୍ତ୍ତାଙ୍କ ସହ ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ମାଲକାନଗିରି ଓ ନୂଆପଡା ଜିଲ୍ଲାରୁ କର୍ମକର୍ତ୍ତା ବହୁସଂଖ୍ୟାରେ ଯୋଗ ଦେଇଥିଲେ।

ଉକ୍ତ ସଭାରେ ନବରଙ୍ଗପୁର ବିଧାୟକ ଓ ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଶ୍ରୀ ମାଝୀ,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜିଲ୍ଲା ସଭାପତିଙ୍କ ଦ୍ୱାରା କରାଯାଇଥିଲା। ରାଜ୍ୟ କମିଟିର ନିର୍ବାଚନ ଅଧ୍ୟକ୍ଷ ଭାବେ ନବରଙ୍ଗପୁର ଜିଲ୍ଲାର ଗୋପିନାଥ ମାଝୀ, କଳାହାଣ୍ଡି ଜିଲ୍ଲାର ଗରୁଡ଼ଧ୍ୱଜ ମାଝୀଙ୍କୁ ଦାୟିତ୍ୱ ଦିଆଯାଇଥିଲା।

ସେମାନେ ରାଜ୍ୟ ସଭାପତି ଭାବେ ଦୁଇ ଦୁଇ ଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା ପୂର୍ବତନ ସାଂସଦ ପର୍ଶୁରାମ ମାଝୀଙ୍କୁ, ଉପସଭାପତି ଭାବେ କୈଳାଶ ଚନ୍ଦ୍ର ମାଝୀ (କଳାହାଣ୍ଡି), ଦାମୋଦର ପୂଜାରୀ (ନବରଙ୍ଗପୁର), ଗୌର ଚନ୍ଦ୍ର ନାୟକ (କୋରାପୁଟ), ସାଧାରଣ ସମ୍ପାଦକ ରାଜମନ ଭତ୍ରା, ସହ ସମ୍ପାଦକ ଭାବେ କଳାହାଣ୍ଡି ଜିଲ୍ଲାର ରୁତୁ ରାଜ ମାଝୀ ଓ ନବରଙ୍ଗପୁର ଜିଲ୍ଲାର ଇଂ ହୃଦୟା ନନ୍ଦ ନାୟକ, ସଂଯୋଜକ ସୁଶାନ୍ତ କୁମାର ମାଝୀ ଓ ସମସ୍ତ ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦଙ୍କୁ ପରାମର୍ଶ ଦାତା ଭାବେ ମନୋନୀତ କରାଯାଇ ସମସ୍ତଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଶପଥ ପାଠ କରାଯାଇଥିଲା ।

## ବସୁନ୍ଧରାଠାରେ ରାତ୍ରିକାଳୀନ ଦିନିକିଆ ଫୁଟବଲ ମ୍ୟାଚ୍ ଉଦ୍‌ଯାପିତ

ସୁନ୍ଦରଗଡ଼,୩୧।୫ (ସଂଚାର ବ୍ୟୁରୋ)ଃ ଆଜି ସୁନ୍ଦରଗଡ଼ ସ୍ଥିତ ଏମସିଏଲ ବସୁନ୍ଧରା ଷ୍ଟାଡିୟମରେ ବସୁନ୍ଧରା ୟୁଥ କ୍ଲବର ତତ୍ତ୍ୱାବଧାନରେ ଏକ ରାତ୍ରିକାଳୀନ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହି ଅବସରରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାଏ ଙ୍କ ପ୍ରତିନିଧି ରାଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ବିତରଣ କରିଥିଲେ।

ନିଜ ଅଭିଭାଷଣରେ ରାଜେଶ ରାୟ କହିଥିଲେ ଯେ, ଖେଳ କେବଳ ଜିତିବା କିମ୍ବା ହାରିବା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଶୃଙ୍ଖଳା, ନେତୃତ୍ୱ ଓ ବ୍ୟକ୍ତିତ୍ୱ ବିକାଶର ଏକ ସଶକ୍ତ ମାଧ୍ୟମ। ସେ ଯୁବ ଖେଳାଳିମାନଙ୍କୁ ଖେଳ ପ୍ରତି ସମର୍ପଣ ଓ କଠିନ ପରିଶ୍ରମ ସହ ଆଗକୁ ବଢ଼ିବା ପାଇଁ ଆହ୍ୱାନ କରି କହିଥିଲେ ଯେ, ସେମାନେ ନିଜର ପ୍ରତିଭା ଓ ଖେଳ କୌଶଳ ବଳରେ ରାଜ୍ୟ ଓ ଦେଶର ନାମ ଉଜ୍ଜ୍ୱଳ କରିବା ସହିତ ସୁନ୍ଦରଗଡ଼ ଜିଲ୍ଲାକୁ ମଧ୍ୟ ଗର୍ବିତ କରନ୍ତୁ।

ଏହି କାର୍ଯ୍ୟକ୍ରମରେ ବସୁନ୍ଧରା ୟୁଥ କ୍ଲବର କର୍ମକର୍ତ୍ତା, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିବର୍ଗ ଏବଂ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥଲେ




# ଦହି ଓ ବାସି ରୁଟି ସ୍ୱାସ୍ଥ୍ୟ ପାଇଁ ହିତକର



ଅଧିକାଂଶ ଭାରତୀୟ ଘରେ, ଗରମ ଏବଂ ତାଜା ରୋଟି ଖାଇବା ଏକ ସାଧାରଣ କଥା। ହେଲେ ବଳକା ଥିବା ରୋଟିକୁ ପ୍ରାୟତଃ ଫୋପଡା ଯାଏ କାରଣ ଏହାକୁ ଖାଇବା ପାଇଁ ଅନୁପଯୁକ୍ତ ବୋଲି ବିବେଚନା କରାଯାଏ, କିନ୍ତୁ ଏହା କ'ଣ ପ୍ରକୃତରେ ସତ୍ୟ, ଏବଂ ଯେତେବେଳେ ଆପଣ ବଳକା ଥିବା ରୋଟି ଖାଆନ୍ତି ସେତେବେଳେ କ'ଣ ହୁଏ ? କୁହାଯାଏ ଯେ ଯେକୌଣସି ରନ୍ଧା ଖାଦ୍ୟ ତିନି ଘଣ୍ଟା ମଧ୍ୟରେ ଖାଇବା ଉଚିତ କାରଣ ଏହା ଭଲ ହଜମ ଏବଂ ପୁଷ୍ଟିକର ପଦାର୍ଥର ଶୋଷଣରେ ସାହାଯ୍ୟ କରେ। ହେଲେ ବର୍ଷ ବର୍ଷ ଧରି, ଏହି କାହାଣୀରେ ପରିବର୍ତ୍ତନ ଆସିଛି କାରଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ଫର୍ମେଣ୍ଟେଡ୍ ଖାଦ୍ୟ ଖାଇବା ମେଟାବୋଲିକ୍ ହାରକୁ ଉନ୍ନତ କରିବାରେ ସାହାଯ୍ୟ କରେ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଯାହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଅତ୍ୟାବଶ୍ୟକ। ଆସନ୍ତୁ ଜାଣିବା ବାସି ରୋଟି ଏବଂ ଦହିର ଏହି ଅନନ୍ୟ ମିଶ୍ରଣ ବିଷୟରେ କ୍ଷୀର ଏବଂ କ୍ଷୀରରେ ପ୍ରସ୍ତୁତ ଉତ୍ପାଦଗୁଡ଼ିକ ପୁଷ୍ଟିକର ପଦାର୍ଥରେ ଭରପୂର । ଯାହା ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। ସେଥି ମଧ୍ୟରୁ ଗୋଟିଏ ହେଉଛି ଦହି । ଦହି ଏକ ଶକ୍ତିଶାଳୀ ପ୍ରୋବାୟୋଟିକ୍, ଯାହା ପେଟର ଭଲ ଜୀବାଣୁକୁ ପ୍ରୋତ୍ସାହିତ କରିବା ପାଇଁ ଲାଭଦାୟକ। ଏହା ପ୍ରୋଟିନ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଭିଟାମିନ୍ ବି୨, ୬, ୧୨ ଏବଂ ରାଇବୋଫ୍ଲାଭିନ୍ ସମେତ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥର ଏକ ମହାନ ଉତ୍ସ। ଏହା ଦହି ସେବନକୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ କରିଥାଏ। ଲୋକମାନେ ଦହି ସାଲାଡ, ଲସି, ସ୍ମୁଦି, ଦହି-ଚିନି ଏବଂ ଅନ୍ୟାନ୍ୟ ଅନେକ ପ୍ରକାରରେ ଦହି ସେବନ କରନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଖାଦ୍ୟ ସମୟରେ ରୋଟି ସହିତ ଦହି ଖାଇବା କେବଳ ଅନେକ ଲାଭ ପ୍ରଦାନ କରେ ନାହିଁ ବରଂ ଅନେକ ଗମ୍ଭୀର ରୋଗକୁ ରୋକିବାରେ ମଧ୍ୟ ସାହାଯ୍ୟ କରେ ? ଦହି ଏବଂ ରୁଟି ଖାଇବାର ଲାଭ ବିଷୟରେ ଆସନ୍ତୁ ଜାଣିବା ।

ପାଚନ କ୍ରିୟାକୁ ଉନ୍ନତ କରେଃ ରୁଟି ସହିତ ଦହି ଖାଇବା ଦ୍ୱାରା ଖାଦ୍ୟ ସହଜରେ ହଜମ ହେବାରେ ସାହାଯ୍ୟ କରେ ଏବଂ ପୁଷ୍ଟିକର ଅବଶୋଷଣକୁ ଉନ୍ନତ କରେ। ଏହା ଆପଣଙ୍କ ପାଚନ ସ୍ୱାସ୍ଥ୍ୟକୁ ଉନ୍ନତ କରେ।

**ପେଟ ସମସ୍ୟା ଦୂର କରେଃ** ଦହିକୁ ସର୍ବୋତ୍ତମ ପ୍ରୋବାୟୋଟିକ୍ସ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, ଯେତେବେଳେ ରୋଟି ଫାଇବରରେ ଭରପୂର। ଏହି ମିଶ୍ରଣ ଅନ୍ତନଳୀରେ ଭଲ ବ୍ୟାକ୍ଟେରିଆ ବୃଦ୍ଧି କରେ, ଯାହା ଭଲ ହଜମରେ ସାହାଯ୍ୟ କରେ। ଏହା ବଦହଜମୀ, କୋଷ୍ଠକାଠିନ୍ୟ, ଗ୍ୟାସ୍, ପେଟା ଫୁଲିବା ଏବଂ ଅନ୍ତନଳୀ ପ୍ରଦାହ ଭଳି ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ।

**ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେଃ** ପୁଷ୍ଟିସାରରେ ଭରପୂର, ଏହି ମିଶ୍ରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ସାହାଯ୍ୟ କରେ। ଏହା ଶରୀରର ଥଣ୍ଡା, ଜ୍ୱର, ଋତୁକାଳୀନ କିମ୍ବା ଭାଇରାଲ୍ ସଂକ୍ରମଣ ସହିତ ଲଢ଼ିବାର କ୍ଷମତା ବୃଦ୍ଧି କରେ। ଏହା ଶରୀରର ଶକ୍ତିକୁ ମଧ୍ୟ ମଜବୁତ କରେ।

ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେଃ ଦହି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ରୋଟି ସହିତ ଦହି ଖାଇବା ଚାପ ଏବଂ ଚିନ୍ତାକୁ କମ କରିବାରେ ସାହାଯ୍ୟ କରେ, ଆପଣଙ୍କୁ ଶାନ୍ତ ଏବଂ ଖୁସି ଅନୁଭବ କରାଏ।

**ରକ୍ତଚାପକୁ ନିୟନ୍ତ୍ରଣ କରେଃ** ପ୍ରତିଦିନ ରୋଟି ସହିତ ଦହି ଖାଇବା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ହୃଦସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ।

ହାଡ଼କୁ ମଜବୁତ କରେଃ ଏହାର ଉଚ୍ଚ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ହେତୁ, ଦହି ହାଡ଼କୁ ମଜବୁତ କରିବାରେ ବହୁତ ସହାୟକ। ଏହା ଆପଣଙ୍କ ଦାନ୍ତକୁ ମଧ୍ୟ ମଜବୁତ କରେ ଏବଂ ହାଡ଼ ଭାଙ୍ଗିବା ଏବଂ ଗଣ୍ଠି ଯନ୍ତ୍ରଣାର ଆଶଙ୍କା କମ କରେ।

ଏହା ମଧ୍ୟ ଧ୍ୟାନ ଦିଅନ୍ତୁଃ ଡାଏଟିସିଆନଙ୍କ ଅନୁସାରେ, ଯଦି ଆପଣ ଦହି ଏବଂ ରୋଟିର ସ୍ୱାସ୍ଥ୍ୟ ଲାଭ ଉପଭୋଗ କରିବାକୁ ଚାହାଁନ୍ତି, ତେବେ ଅପରାହ୍ନରେ ସେଗୁଡ଼ିକୁ ଖାଇବା ଭଲ। ଆପଣ ମଧ୍ୟାହ୍ନ ଭୋଜନ ସହିତ ଦହି ଖାଇପାରିବେ। ହେଲେ, ରାତ୍ରୀ ଭୋଜନରେ ଦହି ଖାଇବାରୁ ଦୂରେଇ ରୁହନ୍ତୁ, କାରଣ ଏହା ଲାଭ ଅପେକ୍ଷା ଅଧିକ କ୍ଷତି କରିପାରେ।



# ଅଣ୍ଡା ପରିବର୍ତ୍ତେ ନିଅନ୍ତୁ ସବୁଜ ପନିପରିବା

ପ୍ରୋଟିନଯୁକ୍ତ ଖାଦ୍ୟ ଆମ ସୁସ୍ଥ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯାହା ମାଂସପେଶୀକୁ ଗଠନ କରିବାରେ ସାହାଯ୍ୟ କରିଥାଏ। ସେତିକି ନୁହେଁ ପୋଷକଯୁକ୍ତ ଖାଦ୍ୟ ଆମକୁ ଏନର୍ଜି ଦେଇଥାଏ। ତେଣୁ ପ୍ରୋଟିନଯୁକ୍ତ ଖାଦ୍ୟ ନିଜ ଡାଏଟ ଲିଷ୍ଟରେ ସାମିଲ କରିବା ଉଚିତ୍। ଅଣ୍ଡାକୁ ପ୍ରୋଟିନର ଏକ ମୁଖ୍ୟ ଉତ୍ସ ଭାବେ ବିବେଚନା କରାଯାଏ। ୧ ଅଣ୍ଡା ଆମ ଶରୀରକୁ ପ୍ରାୟ ୬ ଗ୍ରାମ ପ୍ରୋଟିନ ଦେଇଥାଏ। ତେଣୁ ଅଧିକାଂଶ ସମୟରେ ନିରାମିଷ ଖାଦ୍ୟକୁ ପ୍ରୋଟିନର ଉତ୍ସ ବୋଲି ଅଣଦେଖା କରାଯାଏ। କିନ୍ତୁ ଏମିତି କିଛି ସବୁଜ ପନିପରିବା ରହିଛି ଯାହା ଅଣ୍ଡା ଅପେକ୍ଷା ଆମକୁ ଅଧିକ ପ୍ରୋଟିନ୍ ଯୋଗାଇବାରେ ଏକ ଭୂମିକା ନିର୍ବାହ କରିଥାଏ। ଅନେକ ସମୟରେ ନିରାମିଷ ଲୋକମାନେ ମଧ୍ୟ ଏହାକୁ ନେଇ ଚିନ୍ତାରେ ଥାଆନ୍ତି। ଆଜି ଆମେ ଆପଣଙ୍କୁ ଏକ ସେହି କିଛି ପନିପରିବା ସମ୍ପର୍କରେ ଜଣାଇବୁ। ଆମେ ଆଜି ଯେଉଁ ପନିପରିବା ସମ୍ପର୍କରେ କହିବାକୁ ଯାଉଛୁ ସେହି ପନିପରିବା ମାକ୍ରୋନ୍ୟୁଟ୍ରିଏଣ୍ଟରେ ଭରପୂର। ଆପଣ ଦୈନନ୍ଦିନ ଡାଏଟରେ ଏହାକୁ ସାମିଲ କରିବା ଦ୍ୱାରା ଆପଣଙ୍କର ପ୍ରୋଟିନରେ ଉନ୍ନତି ଆଣିବ। ଯାହା ଆପଣଙ୍କ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ଦୂର କରିବ। ଆସନ୍ତୁ ସେହି ୫ଟି ସବୁଜ ପନିପରିବା ସମ୍ପର୍କରେ ଜାଣିବା।

ପାଳଙ୍ଗଃ ପାଳଙ୍ଗ ହେଉଛି ନ୍ୟୁଟ୍ରିଏନ୍ସର ପାୱାରହାଉସ ବୋଲି କୁହାଯାଏ। ଯାହାର ଉପକାରିତା ସମ୍ପର୍କରେ ଖୁବ୍ କମ୍ ଲୋକଙ୍କୁ ଜଣା। ଗୋଟିଏ କପ୍ ରନ୍ଧା ପାଳଙ୍ଗରେ ପ୍ରାୟ ୫.୪ ଗ୍ରାମ୍ ପ୍ରୋଟିନ୍ ଥାଏ। ରନ୍ଧା ପାଳଙ୍ଗରେ ପ୍ରୋଟିନ୍ କମ୍ ମିଳିଥାଏ। ତେଣୁ ଆପଣ ଏହାକୁ ଆପଣଙ୍କ ଖାଇବା ଲିଷ୍ଟରେ ସାମିଲ କରିପାରିବେ।

ଡ୍ରମଷ୍ଟକ୍ଃ ଡ୍ରମଷ୍ଟିକକୁ ସଜନା ଛୁଇଁ ଭାବେ ବେଶ୍ ଜଣାଶୁଣା। ସଜନା ଛୁଇଁ ଯେତିକି ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ସେହିପରି ଏହାର ପତ୍ର ମଧ୍ୟ ଫଳପ୍ରଦ ହୋଇଥାଏ। ଏହାର ପତ୍ରରେ ପ୍ରାୟ ୨ ଗ୍ରାମର ପ୍ରୋଟିନ୍ ଥାଏ। ଯାହାକୁ ସର୍ବୋତ୍ତମ ପ୍ରୋଟିନର ଉତ୍ସ ମଧ୍ୟରୁ ଗୋଟିଏ ବୋଲି କୁହାଯାଏ।

ବ୍ରୋକୋଲିଃ ବ୍ରୋକୋଲିରେ ଫାଇବର ଏବଂ ଭିଟାମିନ୍ ପ୍ରଚୁର ପରିମାଣର ଥାଏ। ୧୦୦ ଗ୍ରାମ ବ୍ରୋକୋଲିରେ ପ୍ରାୟ ୨.୮ ଗ୍ରାମ ପ୍ରୋଟିନ ଥାଏ। ଏଥିସହ ରନ୍ଧା ବ୍ରୋକୋଲିରେ ପ୍ରାୟ ୫.୭ ଗ୍ରାମ ପ୍ରୋଟିନ ଥାଏ। ଯାହାକୁ ଅଣ୍ଡା ସହିତ ସମାନ ବୋଲି ବିବେଚନା କରାଯାଏ। ଏତିକି ନୁହେଁ ବ୍ରୋକୋଲିରେ ଆଣ୍ଟିଅକ୍ସିଡାଣ୍ଟ, ଫୋଲେଟ୍ ଏବଂ ପୋଟାସିୟମରେ ମଧ୍ୟ ଭରପୁର।

ଛତୁଃ ଧଳା ବଟମ୍ ଛତୁରେ ପ୍ରୋଟିନ ଭରପୁର ମାତ୍ରାରେ ଥାଏ। କଞ୍ଚା ଛତୁରେ ପ୍ରତି ୧୦୦ ଗ୍ରାମରେ ୩.୧ ଗ୍ରାମରପ୍ରୋଟିନ ଥାଏ। କିନ୍ତୁ ରନ୍ଧା ଛତୁରେ ପ୍ରାୟ ୫.୭ ଗ୍ରାମର ପ୍ରୋଟିନ୍ ମିଳିଥାଏ।

ମଟରଃ ମଟର ମଧ୍ୟ ପ୍ରୋଟିନ ସର୍ବୋତ୍ତମ ଉତ୍ସ ବୋଲି ପ୍ରମାଣିତ ହୋଇଆସୁଛି। ଯେଉଁଥିରେ ଅଣ୍ଡା ଅପେକ୍ଷା ଯଥେଷ୍ଟ ପରିମାଣର ପ୍ରୋଟିନ୍ ଏଥିରୁ ମିଳିଥାଏ। ତେଣୁ ଅଣ୍ଡା ପରିବର୍ତ୍ତେ ଏହି ସବୁ ସବୁଜ ପନିପରିବା ଆପଣଙ୍କ ଡାଏଟ୍ ପ୍ଲାନରେ ସାମିଲ କରିବା ଦ୍ୱାରା ଆପଣଙ୍କୁ ଆବଶ୍ୟକୀୟ ପ୍ରୋଟିନ ମିଳିବ। ଯାହା ଆପଣଙ୍କ ସୁସ୍ଥ ଶରୀର ପାଇଁ ଖୁବ୍ ପ୍ରଭାବଶାଳୀ ହେବ।

# ଗଣ୍ଠି ଜନ୍ତ୍ରଣାରୁ କିପରି ଉପଶମ ପାଇବେ

## ଶୀତଦିନେ ତାପମାତ୍ରା କମ୍ ଥିବାରୁ ଜଏଣ୍ଟ ପେନ୍ ସମସ୍ୟା ଦେଖାଦିଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇଁ କ'ଣ କରିବ ?

- ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ପାଇଁ ଶୀତଦିନେ ବିଭିନ୍ନ ଉପାୟ କରିପାରିବେ। ଖାଦ୍ୟପେୟରେ ସାବଧାନତା ସହିତ ଏକ୍ସରସାଇଜ୍ ଓ କିଛି ଘରୋଇ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିପାରିବେ।
- ଜଏଣ୍ଟ ପେନ୍ ହେଉଥିବା ସମୟରେ ଉଷୁମ ସେକ ଦିଅନ୍ତୁ। ପାଣି ପଟି କିମ୍ବା ହଟ୍ ୱାଟର ବ୍ୟାଗ୍‌ରେ ସେକ ଦିଅନ୍ତୁ।
- ଦରଜ ହେଉଥିବା ସ୍ଥାନରେ ତେଲ ଲଗାଇ ପ୍ରତିଦିନ ମାଲିସ କରନ୍ତୁ।
- ପ୍ରତିଦିନ ସକାଳେ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ କରିବା ସହିତ କିଛି ସମୟ ଚାଲନ୍ତୁ।
- ସକାଳୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସବୁଦିନ ଖରାରେ ବସନ୍ତୁ। କାରଣ ସକାଳ ଖରାରେ ଭିଟାମିନ୍ ଡି ରହିଛି ଯାହା ହାଡ଼ ମଜଭୁତ କରିବାରେ ସହାୟକ ହୋଇଥାଏ।
- ଓମେଗା-୩ ଓ ଭିଟାମିନ୍ ସି ଥିବା ଖାଦ୍ୟ ଖାଆନ୍ତୁ। ଦିନକୁ ୭ ରୁ ୮ ଗ୍ଲାସ ପାଣି ପିଅନ୍ତୁ। ହଳଦୀ, ଅଦା, ରସୁଣ, ଡାଲଚିନି ଓ ଗୋଲମରିଚ ଭଳି
- ବିଭିନ୍ନ ଆଣ୍ଟିଇନ୍‌ଫ୍ଲାମେଟୋରି ଖାଦ୍ୟ ଖାଆନ୍ତୁ।
- ବାସି ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଭାରି ଜିନିଷ ଉଠାନ୍ତୁ ନାହିଁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଖାଆନ୍ତୁ ନାହିଁ।
- ବହୁତ ଲମ୍ବା ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ରାତିରେ ଠିକ୍ ସମୟ ଭରପୂର ନିଦରେ ଶୁଅନ୍ତୁ।

ଏସବୁ କରିବା ପରେ ଯଦି ଦରଜ କମ୍ ହେଉ ନ ଥିବ ତାହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ପିଲାମାନଙ୍କ ଖାଦ୍ୟାଭ୍ୟାସରୁ କେମିତି ଜାଣିବେ ମାନସିକତା

ଖାଇବାକୁ ନେଇ ପିଲାମାନେ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମିତିକି ତିଆରି ହୋଇଥିବା ଖାଦ୍ୟ ବଦଳରେ ଅନ୍ୟ ଖାଦ୍ୟ ବରାଦ କରନ୍ତି । ବେଳେବେଳେ ବରାଦ କରିବା ପରେ ବି କେତେକ ଖାଆନ୍ତି ନାହିଁ । ପ୍ରଥମ କଥା ହେଉଛି ପିଲାମାନେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସେମାନଙ୍କ ମାନସିକ ବିକାଶର ଏକ ଲକ୍ଷଣ। ତେଣୁ ପିଲାଙ୍କର ଏପରି ବ୍ୟବହାରକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ। ପିଲାଙ୍କ ମାନସିକତାକୁ ବୁଝି ଖାଇବାକୁ ଦିଅନ୍ତୁ। ଯଦି ସେମାନେ ଖାଦ୍ୟ ଖାଇବାରେ ଆଗ୍ରହ ଦେଖାଉ ନାହାନ୍ତି ତେବେ ଅନ୍ୟ କିଛି ଖାଦ୍ୟର ବିକଳ୍ପ ଦିଅନ୍ତୁ। କିନ୍ତୁ ରାଗନ୍ତୁ ନାହିଁ।ପୂର୍ବରୁ ପସନ୍ଦ ଥିବା ଖାଦ୍ୟ ହୁଏତ ଏବେ ପିଲାଙ୍କୁ ଭଲ ଲାଗି ନ ପାରେ। ତେଣୁ କୌଣସି ଖାଦ୍ୟ ପାଇଁ ବାଧ୍ୟ କରନ୍ତୁ ନାହିଁ। ଖାଇବା ପାଇଁ ମନା କରୁଥିଲେ ପିଲାଙ୍କୁ ବୁଝାଇ ପୁଣିଥରେ ସେହି ଖାଦ୍ୟ ଦିଅନ୍ତୁ। ବେଳେବେଳେ ପିଲାମାନେ ମାତାପିତାଙ୍କ ଭଳି ଖାଇବାକୁ ପସନ୍ଦ କରନ୍ତି। ତେଣୁ କେବେ କେବେ ଏକାଠି ସମସ୍ତେ ଖାଆନ୍ତୁ। ପିଲାଙ୍କୁ ଖାଦ୍ୟ ଦେବାରେ ସମସ୍ୟା ହେଉଛି ବୋଲି ଜଣାନ୍ତୁ ନାହିଁ। ଖାଇବାକୁ ଦେବା ସମୟରେ ପିଲା ଯଦି ଚାହୁଁଛି ତେବେ ସୁବିଧା ଅନୁସାରେ ଖେଳିବାକୁ ଦିଅନ୍ତୁ।





# ଲିଭର୍ ପାଇଁ ବିପଦ ଆଇସକ୍ରିମ୍-ଚୁଇଙ୍ଗ୍ ଗମ୍

ଆଇସକ୍ରିମ, ଡାଏଟ୍ ସୋଡ଼ା, ଚୁଇଙ୍ଗମ୍ କାହାକୁ ବା ପସନ୍ଦ ନୁହେଁ। ପିଲାଠୁ ବୟସ୍କଙ୍କ ସଭିଁଙ୍କ ପସନ୍ଦ। ଅନେକ ସମୟରେ ଲୋକେ ଏହାକୁ ଖାଇବାକୁ ପସନ୍ଦ କରନ୍ତି। ଥାଦ କୌଣସି ସମୟସୀମା। ଲଞ୍ଚ, ଡିନର ବା କୌଣସି ପାର୍ଟି ସମୟ। ଲୋକପ୍ରିୟ ଫୁଡ୍ ଖାଇବାକୁ କାହାକୁ ବା ଭଲ ନଲାଗେ। ବଜାରରେ ହେଉ କିମ୍ବା ମଲରେ, ଏହି ଜିନିଷଗୁଡ଼ିକ ସହଜରେ ଉପଲବ୍ଧ। ହେଲେ ଆପଣ ବି ଏହି ଖାଦ୍ୟର ସୌକିନ କି ତେବେ ହୋଇଯାଆନ୍ତୁ ସାବଧାନ। ଏହି ସବୁ ଖାଦ୍ୟ ସଢ଼ାଉଛି ଆପଣଙ୍କ ଲିଭର।

ନୂତନ ଅଧ୍ୟୟନ ଅନୁଯାୟୀ, ଏହି ସବୁ ଖାଦ୍ୟ ଏବେ ମୃତ୍ୟୁର ବାହାକ ସାଜିଛି। ଖାସ୍ କରି ସୁଗାର ଫ୍ରି ଫୁଡ୍। କାରଣ ସେଥିରେ ରହୁଥିବା ସୋର୍ବିଟଲ୍। ଯାହାକି ସୁଗାର ମୁକ୍ତ ପାଇଁ ବ୍ୟବହାର କରାଯାଏ। ଏବେ ତାହା ଫ୍ୟାଟି ଲିଭର ରୋଗର ଆଶଙ୍କା ବୃଦ୍ଧି କରିଛି। ଯକୃତ ପାଇଁ କ୍ଷତିକାରକ। ଅଧ୍ୟୟନରେ ହୋଇଥିବା ଖୁଲାସା ଜିନିଷଗୁଡ଼ିକ ବ୍ୟବହାର କରୁଥିବା ଲୋକଙ୍କ ମନରେ ଉଠାଇଛି ପ୍ରଶ୍ନ। ପ୍ରକାଶିତ ତଥ୍ୟ ଅନୁଯାୟୀ, ସୁଗାର ଫ୍ରି ବା ଡାଏଟ୍ ପ୍ରଡକ୍ଟରେ ବି ରହିଛି ସୋର୍ବିଟଲ୍। ଏଥିରେ ରହୁଥିବା ଛୋଟିଆ ଅଂଶ ଏହି ମିଠାକୁ ସଠିକ୍ ଭାବରେ ଭାଙ୍ଗିପାରେ ନାହିଁ। ଯାହା ପରେ ଯକୃତରେ ପହଞ୍ଚିଥାଏ। ଚର୍ବି ଜମା ହେବାର ପ୍ରକ୍ରିୟାକୁ ବୃଦ୍ଧି କରିଥାଏ। ଯକୃତର କାର୍ଯ୍ୟକୁ ପ୍ରଭାବିତ କରିଥାଏ। ବିଶେଷଜ୍ଞମାନେ କୁହନ୍ତି ଯେ ଏହି ମିଠାକାରୀଗୁଡ଼ିକ ଦୀର୍ଘ ସମୟ ଧରି ସେବନ କଲେ ସିଧାସଳଖ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗର ବିପଦ ବୃଦ୍ଧି କରେ। ଗବେଷଣାରୁ ଜଣାପଡିଛି ଯେ ପ୍ରତିଦିନ ପ୍ରାୟ ଗୋଟିଏ କ୍ୟାନ୍ ଡାଏଟ୍ ସୋଡ଼ା କିମ୍ବା ଚିନି-ମିଠା ପାନୀୟ ପିଇବା ଦ୍ୱାରା ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗର ବିପଦ ବଢ଼ିଯାଏ। ଏହି ବିପଦ ଡାଏଟ୍ ସୋଡ଼ା ଅପେକ୍ଷା ପ୍ରାୟ ୬୦% ଓ ଚିନି-ମିଠା ପାନୀୟ ଅପେକ୍ଷା ୫୦% ଅଧିକ। ତେଣୁ, ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ପାଣି କିମ୍ବା ମିଠା ନ ଥିବା ତରଳ ପଦାର୍ଥ ପିଇବା ସୁରକ୍ଷିତ ଓ ସ୍ୱାସ୍ଥ୍ୟକର।



# ୨୩ ନମ୍ବର ଜୋନସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ



ବାଲିଆପାଳ,୩୧।୫(ସଂଚାର ବ୍ୟୁରୋ)ଃପ୍ରବଳ ଗରମ ପାଇଁ ରକ୍ତ ଭଣ୍ଡାରରେ ଦେଖା ଦେଇଥିବା ରକ୍ତର ଅଭାବକୁ ଆଖି ଆଗରେ ରଖି ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କ ଆହ୍ୱାନ କ୍ରମେ ରବିବାର ଦ୍ୱିତୀୟ ବ୍ଲଡ଼ କ୍ୟାମ୍ପ ବଲିଆପାଳ ହନୁମାନ ମନ୍ଦିର ଠାରେ ୨୩ ନମ୍ବର ଜୋନ୍ ସ୍ତରୀୟ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ବିଶାଳ ରକ୍ତଦାନ ଶିବିରକୁ ଉଦଘାଟନ କରି, ସମସ୍ତ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ୨୩ ନମ୍ବର ଜୋନର ସମସ୍ତ ପଞ୍ଚାୟତର ଯୁବକମାନେ ରକ୍ତଦାନ କରିଥିଲେ । ଏହି ଶିବିର ରୁ ମୋଟ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା,ଯୁବ ନେତା ସୌମ୍ୟଦୀପ ଚକ୍ରବର୍ତ୍ତୀ,ସୀମନ ଦାସ ମହାପାତ୍ର, ସରୋଜ ଦାସ, ଦେଭୋଗ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ହୋଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସୁଶାନ୍ତ ବେହେରା, ତାପସ ବିଶ୍ୱାଳ,ଜୟକୃଷ୍ଣ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ ଜେନା, କୃଷ୍ଣ ଜେନା, ଗୌତମ ଦାସ, ଦୀପକ ବିଶ୍ୱାଳ,ପ୍ରମୁଖ ବହୁ ଛାତ୍ର ଓ ଯୁବ ନେତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଡାକ କର୍ମଚାରୀ ସଙ୍ଘର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ




କେନ୍ଦ୍ରାପଡ଼ା,୩୧।୫(ସଂଚାର ବ୍ୟୁରୋ)ଃ ଗତ ତିନିଦିନ ଧରି ଚାଲିଥିବା ଅଖିଳ ଭାରତ ଡାକ କର୍ମଚାରୀ, ପୋଷ୍ଟମ୍ୟାନ ଓ ଏଟିଏମ୍ ସଂଘ ଓଡିଶା ପରିମଣ୍ଡଳର ୩୧ତମ ଦ୍ୱିବାର୍ଷିକ ସମ୍ମିଳନୀ କେନ୍ଦ୍ରାପଡ଼ା ସ୍ଥିତ ହୋଟେଲ ଗୌରୀ ଶଙ୍କର ଠାରେ ୩୧ ତାରିଖରେ ଉଦଯାପିତ ହୋଇଯାଇଛି। ଆଜିର ଖୋଲା ଅଧିବେଶନକୁ ସଂଘର ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ ସାଥୀ ଦେବବ୍ରତ ମହାନ୍ତି ଉଦଘାଟନ କରିଥିବା ବେଳେ, ସଂଘର ବର୍ତ୍ତମାନ ସର୍ବଭାରତୀୟ ସାଧାରଣ ସମ୍ପାଦକ ସାଥୀ ଆର୍ ପି ଶାରଙ୍ଗ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ।

ମୁଖ୍ୟ ଅତିଥିଭାବେ ଅଖିଳ ଭାରତ ଡାକ ଓ ରେଳ ଡାକସେବା ପେନସନଭୋଗୀ ସଂଘ ଓଡିଶା ଶାଖାର ସାଧାରଣ ସମ୍ପାଦକ ସାଥୀ ରବିନ୍ଦ୍ରନାଥ ଧଳ ଯୋଗ ଦେଇଥିବା ବେଳେ ବିଶେଷ ବକ୍ତା ଭାବରେ କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ, ଓଡ଼ିଶା ରାଜ୍ୟ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ସାଥୀ ବୃହସ୍ପତି ସାମଲ ଯୋଗଦେଇ ଥିଲେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ସାଥୀ ଗୟାଧର ଧଳ, ସଂଘର ପୂର୍ବତନ ରାଜ୍ୟ ସଭାପତି ସାଥୀ ଜେ ଏନ୍ ମହାପାତ୍ର, ଅଖିଳ ଭାରତ ଡାକ ଲେଖା ସଂଘ ଓଡିଶା ଶାଖାର ସାଧାରଣ ସମ୍ପାଦକ ସାଥୀ ସୁବ୍ରତ କୁମାର ବେହେରା, ଅଖିଳ ଭାରତ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘ, ଓଡ଼ିଶା ଶାଖାର ରାଜ୍ୟ ସହ ସମ୍ପାଦକ ସାଥୀ ପୂର୍ଣ୍ଣଚନ୍ଦ୍ର ମହାରଣା, ସମ୍ବଲପୁର ମଣ୍ଡଳର ତୃତୀୟ ଶ୍ରେଣୀ ସମ୍ପାଦକ ସାଥୀ ମହେଶ ସାହୁ ନିଜ ନିଜର ବକ୍ତବ୍ୟ ରଖିଥିଲେ।

ଏହି ଖୋଲା ଅଧିବେଶନରେ ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଶ୍ରମିକ, କର୍ମଚାରୀ ଓ ପେନସନଭୋଗୀଙ୍କ ସହ ସାଧାରଣ ଜନତା ଉପରେ ହେଉଥିବା କ୍ରମାଗତ ଆକ୍ରମଣ ଉପରେ ଗଭୀର ଭାବରେ ଆଲୋଚନା ହୋଇଥିଲା। ବିଶେଷକରି, ଶ୍ରମିକ ଓ କର୍ମଚାରୀଙ୍କ ଉପରେ ଶ୍ରମ ସଂହିତାର ନକରାତ୍ମକ ପ୍ରଭାବ, ଅଷ୍ଟମ ବେତନ ଆୟୋଗର ନକାରାତ୍ମକ ସର୍ତ୍ତାବଳୀ, ବିତ୍ତ ଅଧିନିୟମ ୨୦୨୫ର କର୍ମଚାରୀଙ୍କ ବେତନ ଓ ପେନସନ ଉପରେ ପ୍ରଭାବ ତଥା ଡାକ ବିଭାଗ ସହ ବିଭିନ୍ନ ସରକାରୀ ସଂସ୍ଥାକୁ କେନ୍ଦ୍ର ସରକାରଙ୍କ ଘରୋଇକରଣ ମସୁଧା, ଅହେତୁକ ଦରଦାମ ବୃଦ୍ଧି, ମଧ୍ୟ ପ୍ରାଚ୍ୟ ଯୁଦ୍ଧରୁ ସୃଷ୍ଟି ସାମ୍ପ୍ରତିକ ପରିସ୍ଥିତି ଏବଂ ୱର୍କ ଫ୍ରମ୍ ହୋମ୍ ଭଳି ପ୍ରଧାନମନ୍ତ୍ରୀଙ୍କ ଅବାସ୍ତବ ଆହ୍ୱାନ ଉପରେ ଆଲୋଚନା ହୋଇ ଆଗାମୀ ଦିନରେ ଶ୍ରମିକ କର୍ମଚାରୀ ଓ ପେନସନଭୋଗୀଙ୍କ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା।

ଅଧିବେଶନ ଶେଷରେ ଆଗାମୀ ଦୁଇବର୍ଷ ପାଇଁ ସଭାପତି ଭାବେ ଏମ ସି ଏସ ରାଓ, କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ନାୟକ, ଉପସଭାପତି ଯାଜ୍ଞସେନୀ ପାଣିଗ୍ରାହୀ, ସଞ୍ଜୟ କୁମାର ଜେନା, ଅରୁଣ କୁମାର ବେହେରା, ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସମ୍ପାଦକ ସୁଦାମ ସାହୁ, ଯୁଗ୍ମ ସମ୍ପାଦକ ଅଜୟ କୁମାର ବାରିକ, ପବନ ପ୍ରଧାନ, କୈଳାଶ ଚନ୍ଦ୍ର ଜେଠି, ସଂଗଠନ ସର୍କଲ ସମ୍ପାଦକ ବିଜୟ କୁମାର ନାୟକ, ସୌଦାଗର ପରିଡ଼ା, ସୂର୍ଯ୍ୟକାନ୍ତ ସାମଲ,କୋଷାଧକ୍ଷ ଦିଲ୍ଲୀପ କୁମାର ସ୍ୱାଇଁ, ସହ କୋଷାଧକ୍ଷ ତ୍ରିନାଥ ସାହୁ ନିର୍ବାଚିତ ହୋଇଛନ୍ତି।

# ବାଲେଶ୍ୱର ଖଣି ବିଭାଗର ମାରାଥନ ରେଡ୍



ବାଲିଆପାଳ,୩୧।୫(ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଖଣି ବିଭାଗର ମାରାଥନ ରେଡ଼ ୭ ହାଇୱା ୪ ଟ୍ରାକ୍ଟର ଜବତ । ଜଳେଶ୍ୱର ରେ ବିଭିନ୍ନ ସ୍ଥାନରେ ରେଡ଼ କରି ଚଢ଼ାଉ କରିଛି ଖଣି ବିଭାଗ। ବେଆଇନ ବାଲି, ମାଟି, ମୋରମ ବୋଝେଇ ହାଇୱା, ଟ୍ରାକ୍ଟର ଜବତ ଚଢ଼ାଉ ଜାରି, ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଂଚଳରେ, ସୂଚନା ଅନୁଯାୟୀ ଜଳେଶ୍ୱର ଅଞ୍ଚଳରେ ମାଫିଆ ମାନେ ସକ୍ରିୟ ହୋଇ ଉଠିଛନ୍ତି, ରାତିହେଲେ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିଆସୁଛନ୍ତି ଅନ୍ୟ ପଟେ (ଏଆର୍‌ଏସ୍‌ଏସ୍ )ନାମକ କମ୍ପାନୀ ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ରେଲ୍‌ୱେ କାମ ନାମରେ ଚୋରାରେ ବେଧଡ଼କ ଭାବରେ ଦିନ ରାତି ଜଳେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରୁ ମାଟି ଉତ୍ତୋଳନ କରି ଚାଲାଣ କରି ଆସୁଥିବା ନେଇ ଜିଲ୍ଲା ଖଣି ବିଭାଗ ପାଖରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା ତେବେ ଆଜି ଭୋର ସମୟରେ ବାଲେଶ୍ୱର ଖଣିବିଭାଗର ଏକ ଟିମ ଜଳେଶ୍ୱର ଅଂଚଳରେ ଚଢ଼ାଉ କରି ବାଲି, ମାଟି ଓ ମୋରମ ବୋଝେଇ ୭ଟି ହାଇୱା ଓ ୪ ଟ୍ରାକ୍ଟର ଜବତ କରିବା ସହ ଚଢ଼ାଉ ଜାରି ରଖିଥିବା ଦେଖିବାକୁ ମିଳିଛି, ଖଣିବିଭାଗର ଅତର୍କିତ ଭାବରେ ଚଢ଼ାଉକୁ ନେଇ ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ଖେଳି ଯାଇଛି।

# ଗଣକବି ଗୋପାଳ ଦାସଙ୍କ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା,୩୧।୫(ସଂଚାର ବ୍ୟୁରୋ)ଃ ଗଣକବି ଗୋପାଳ ଦାସ ସ୍ମୃତି ସଂସଦ, ପଳସିଂହା ଓ ଜିଲ୍ଲା ସଂସ୍କୃତି ବିଭାଗ, କେନ୍ଦ୍ରାପଡାର ମିଳିତ ଆନୁକୂଲ୍ୟରେ ଜନ୍ମସ୍ଥାନ ପଳସିଂହା ଠାରେ ଗଣକବି ଗୋପାଳ ଦାସଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସଂସଦର ସ୍ଥାୟି ସଭାପତି ଅଜିତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସମ୍ପାଦକ ଭଗବାନ ଜେନା ଅତିଥି ପରିଚୟ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅତିଥି ଭାବେ ପଳସିଂହା ସରପଞ୍ଚ ଦେବେନ୍ଦ୍ର କୁମାର ପରିଡା, କେଶବ ଚନ୍ଦ୍ର ବିଶ୍ୱାଳ, ଶରତ ଚନ୍ଦ୍ର ଭଳ, ଶରତ ଚନ୍ଦ୍ର ଥାଟୋଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସଭାପତି ଶ୍ରୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଗଣକବିଙ୍କ କାଳଜୟୀ ସୃଷ୍ଟି, ଗୀତାଭିନୟ ଉପରେ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ଗଣକବି ଗୋପାଳ ଦାସଙ୍କ ଓଡିଆ ଭାଷା ସାହିତ୍ୟକୁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଗଣକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଭୁବନେଶ୍ୱରରେ ପାଳନ କରାଯିବାକୁ ସଂସଦ ପକ୍ଷରୁ ଦାବି କରାଯାଇଛି ।

**ଜଙ୍ଗଲ ଜମିରେ ରାସ୍ତା ନିର୍ମାଣକୁ ନେଇ ବିବାଦ**

# ଗାର୍ଡଙ୍କ ଅଭିଯୋଗରେ ୬ ଜଣଙ୍କ ନାଁ’ରେ ମାମଲା




ନୀଳଗିରି,୩୧।୫(ସଂଚାର ବ୍ୟୁରୋ)ଃ ୨୮ତାରିଖ ରାତିରେ ସଂରକ୍ଷିତ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣକୁ ନେଇ ଜଣେ ମହିଳା ଫରେଷ୍ଟ ଗାର୍ଡଙ୍କୁ ସ୍ଥାନୀୟ ବାସିନ୍ଦା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିବା ନେଇ ଗାର୍ଡ ଜଣଙ୍କ ନୀଳଗିରି ଥାନାରେ ଅଭିଯୋଗ ପରେ ୬ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରିଛି ପୁଲିସ। ଅପର ପକ୍ଷେ ଉକ୍ତ ଗ୍ରାମର ଜୈନକ ମହିଳାଙ୍କୁ ସର୍ବସମ୍ମୁଖରେ ଜାତି ଉଠେଇ କି ଗାଳି ଦେବା ଓ ମାଡ଼ମାରିବା ନେଇ ଥାନାରେ ଅଭିଯୋଗ ପରେ ଗାର୍ଡ ନାଁ ପୁଲିସ ୨ଟି ମାମଲା ରଜୁ କରି ତଦନ୍ତ କରୁଥିବାପୁଲିସ ସୂତ୍ରରୁ ପ୍ରକାଶ।

ଅଭିଯୋଗ ଅନୁଯାୟୀ, ନୀଳଗିରି ବନ ବିଭାଗ ଅଧୀନ ଧୋବିଶିଳା ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଯୋଗେ ମାଟି ଉଠାଇ ଧୋବିସିଳା ପଂଚାୟତ ୯ ନମ୍ବର ୱାର୍ଡ ରାବିଡ଼ି ସାହିରୁ ଡାହିସାହିକୁ ରାସ୍ତା ନିର୍ମାଣ କରାଉଥିଲେ ସ୍ଥାନୀୟ ଗ୍ରାମବାସୀ। ହେଲେ ନିର୍ମାଣ ହେଉଥିବା ରାସ୍ତାଟି ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ଅଞ୍ଚଳରେ ଥିବାରୁ ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ଏହାକୁ ରୋକିବାକୁ ଯାଇଥିଲେ। ହେଲେ ଗ୍ରାମର ୬ଜଣ ଲୋକ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ କଇଁଥପଦା ଗାଁର ସର୍ବେଶ୍ୱର ସିଂର ସ୍ତ୍ରୀ ସାବିତ୍ରୀ(୩୨) ଅଭିଯୋଗ କରିଛନ୍ତି ଯେ ରାସ୍ତା କାର୍ଯ୍ୟ ନିର୍ମାଣ ଚାଲିଥିଲା ବେଳେ ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ପହଁଚି ଗ୍ରାମବାସୀଙ୍କ ଉପସ୍ଥିତରେ ସାବିତ୍ରୀଙ୍କୁ ଜାତି ଉଠାଇ ଅଶ୍ଳୀଳ ଭାଷାରେ ଗାଳି ଗୁଳଜ କରିବା ସହିତ ମାଡ଼ ମାରିଥିବା ନେଇ ଅଭିଯୋଗ କରିଛନ୍ତି। ତେବେ ଡାହିସାହିକୁ ଏଯାଏ ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସଟିଏ ଯାଇ ପାରୁ ନାହିଁ କି ବର୍ଷା ଦିନେ ସ୍କୁଲ, ଅନଙ୍ଗବାଡିକୁ ଯିବା ପିଲାମାନେ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳ ଜଙ୍ଗଲ ଜମିରେ ଯାଉଥିବାରୁ ରାସ୍ତା ନିର୍ମାଣ ହେଇପାରୁନି। ଏନେଇ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ବି କିଛି ପଦକ୍ଷେପ ନିଆଯାଉନି। ତେଣୁ ବାଧ୍ୟ ହୋଇ ଆମେ ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କରୁଥିଲୁ ବୋଲି କହିଛନ୍ତି। ଦେଖିବାକୁ ବାକି ରହିଲା ପ୍ରକୃତରେ ସତ କିଏ କହୁଛି।ପୋଲିସ ତଦନ୍ତ କାହା ଆଡ଼କୁ ଯାଉଛି ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି।

# ଜଳ ବଣ୍ଟନ ପ୍ରହସନଃ ଟେଣ୍ଟ୍ ବନ୍ଧାରେ ଜଳଛତ୍ର ଶେଷ




ମାହାଙ୍ଗା,୩୧।୫(ସଂଚାର ବ୍ୟୁରୋ)ଃ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ତାପମାତ୍ରା ଯୋଗୁଁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣଙ୍କ ଶୋଷ ମେଣ୍ଟାଇବା ନିମନ୍ତେ ମାହାଙ୍ଗା ବ୍ଲକ ସମ୍ମୁଖରେ ଦୀର୍ଘ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଜଳଛତ୍ର ନିମନ୍ତେ ଟେଣ୍ଟ ବନ୍ଧାଯାଇ ସେଥିରେ ପାନୀୟ ଜଳ ସେବା କେନ୍ଦ୍ର ବ୍ୟାନର ଲଗାଯାଇଛି। ଏହି ସେବା କେନ୍ଦ୍ରଟି କେବଳ ଆରମ୍ଭ ଦିନରୁ ସେଇ ଲେଖାରେ ସୀମିତ ରହିଛି। ଏହି ଟେଣ୍ଟ ମଧ୍ୟରେ କେବଳ ୨ଟି ମାଟି ଜଳ ପାତ୍ର ରଖାଯାଇଥିବାବେଳେ ଏଥିରେ ଜଳ ନାହିଁ। ଜଳ ବଣ୍ଟନ କରିବା ପାଇଁ ମଧ୍ୟ କୌଣସି ବ୍ୟକ୍ତି ନାହାନ୍ତି। ଏହି ଜଳସେବା କେନ୍ଦ୍ର ଜଳେଶ୍ୱରପୁର ପଞ୍ଚାୟତ ପକ୍ଷରୁ ସ୍ଥାପନ କରାଯାଇଥିବା ଉଲ୍ଲେଖ ରହିଛି। ଯଦି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାନୀୟ ଜଳ ସେବା କେନ୍ଦ୍ରର ଅବସ୍ଥା ଏପରି ଅଛି ତେବେ ମାହାଙ୍ଗା ବ୍ଲକର ୩୭ଟି ପଞ୍ଚାୟତରେ କିପରି ଭାବେ ଜଳ ସେବା କେନ୍ଦ୍ର କାର୍ଯ୍ୟ କରୁଥିବ ତାହା ସ୍ପଷ୍ଟ ବାରି ହୋଇପଡୁଛି। କେବଳ ଟେଣ୍ଟ ବନ୍ଧା ଯାଇ ପ୍ରତିଦିନ ଜଳବଣ୍ଟନ ଆଳରେ କେବଳ ମିଥ୍ୟା ବିଲରେ ଅର୍ଥ ଉଠାଣ ପାଇଁ ବଡ ଯୋଜନା ହୋଇଥିବା ସାଧାରଣରେ ଶୁଣିବାକୁ ମିଳୁଛି। ସେହିପରି ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଆମ୍ବ ଗଛ ମୂଳେ ଏକ ସୁରେଇ ଓ ଡଙ୍କି ଥୋଇ ଜଳଛତ୍ର ବଣ୍ଟନ କରାଯାଉଥିବା ବାହା ବାହା ନେଉଥିବା ବେଳେ ଅନେକ ସମୟରେ ଏହି ସୁରେଇ ମଧ୍ୟ ରଖାଯାଉନଥିବା ଅଭିଯୋଗ ହେଉଛି।

# ଯଶୁଆପୁରରେ ବିଶ୍ୱ ଋତୁସ୍ରାବ ଦିବସ ପାଳିତ



ବାଲିଅନ୍ତା,୩୧।୫(ସଂଚାର ବ୍ୟୁରୋ)ଃ ବିଶ୍ୱ ଋତୁଶ୍ରାବ ଦିବସ ଅବସରରେ ଶୈଳବାଳା ଫାଉଣ୍ଡେସନ ଓ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ, ଭୁବନେଶ୍ୱର ତରଫରୁ ଯଶୁଆପୁର ଗ୍ରାମରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନର ଓଡ଼ିଶା ଶାଖା ମୁଖ୍ୟ ନମ୍ରତା ପ୍ରସାଦ, ଜୟନ୍ତ କୁମାର ପରିଡା ଓ ଶୈଳବାଳା ଫାଉଣ୍ଡେସନର ଫାଉଣ୍ଡର ସଦସ୍ୟା ବେବି ନାୟକ, ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ସମ୍ମାନୀତ ଅତିଥି ଭାବେ ରଞ୍ଜନ କୁମାର ମହାପାତ୍ର ଯୁବ ସମାଜସେବୀ, ଶସ୍ମିତା ଚୌଧୁରୀ ଯୋଗଦେଇ ଋତୁଶ୍ରାବ ସମ୍ପର୍କିତ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ସୁରକ୍ଷା ବିଷୟରେ ବିଭିନ୍ନ ତଥ୍ୟ ଅଭିଭାଷଣରେ କହିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମମି ଘଡ଼ାଇ, ଶିକ୍ଷୟିତ୍ରୀ, ବେବି ବବଲସ ପ୍ରି-ସ୍କୁଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ୩୦ରୁ ଅଧିକ ପିଲା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କାର ସହ ନାମକିନ ଓ ହ୍ୟାଣ୍ଡୱାସ ମଧ୍ୟ ବଣ୍ଟନ କରାଯାଇଥିଲା।

ଏହି ଅବସରରେ ସଚେତନତାମୂଳକ ସ୍ଲୋଗାନ ମାଧ୍ୟମରେ ସମାଜରୁ କୁପ୍ରଥା ଓ ଲଜ୍ଜା ଭାବନା ଦୂର କରିବାକୁ ଆହ୍ୱାନ ଦିଆଯାଇଥିଲା।

“ଲାଜ ନୁହେଁ, ସଚେତନତା ଜରୁରୀ; ସ୍ୱଚ୍ଛତା ହିଁ ନାରୀର ସୁରକ୍ଷା ପାଚେରୀ” ଏବଂ

“ସୁସ୍ଥ ଶରୀର, ସୁସ୍ଥ ମନ; ଋତୁଶ୍ରାବ ସ୍ୱଚ୍ଛତା ପ୍ରତି ଦିଅନ୍ତୁ ଧ୍ୟାନ” ପରି ସ୍ଲୋଗାନ ଉପସ୍ଥିତ କରାଯାଇଥିଲା ।

# ଓପିଏସ୍‌ସି କୃତୀ ତେଜି ଓ ଜିଲ୍ଲା ଟପ୍ପର କନ୍ୟାକାଙ୍କୁ କୁଇ ସମାଜର ସମ୍ବର୍ଦ୍ଧନା




ଫୁଲବାଣୀ,୩୧।୫(ସଂଚାର ବ୍ୟୁରୋ)ଃ କୁଇ ସମାଜ ସେବା ସମିତି, ଫୁଲବାଣୀ ପକ୍ଷରୁ ଆଜି ମେ ମାସର ଶେଷ ରବିବାର ଅବସରରେ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି କାର୍ଯ୍ୟକାରୀ ସଭାପତି ରମାକାନ୍ତ ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକକୁ ସାଧାରଣ ସମ୍ପାଦକ ଅବନୀ କୁମାର କହଁର ସଂଚାଳନା କରିଥିଲେ। ବୈଠକରେ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଦୁଇଜଣ ମେଧାବୀ ଛାତ୍ରୀ ଏବଂ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଲୋକ ସେବା ପରୀକ୍ଷାରେ ୧୬୬ତମ ସ୍ଥାନ ଅଧିକାର କରି ସଫଳତା ଅର୍ଜନ କରିଥିବା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡାର ସୁଶ୍ରୀ ତେଜି କହଁରଙ୍କୁ ଫୁଲମାଳା ଓ ଉପହାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ତେଜିଙ୍କ ପିତା ଡ଼ାକ୍ତର ନୀରଦ ଚନ୍ଦ୍ର କହଁର କଳାହାଣ୍ଡି ଜିଲ୍ଲାର ପ୍ରାଣୀ ଚିକିତ୍ସକ ଭାବେ କାର୍ଯ୍ୟରତ ଥିବା ବେଳେ ମାତା ନଳିନୀ କହଁର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି।

ସେହିପରି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସର୍ବାଧିକ ୫୫୦ ଶତକଡା ୯୧.୬୭ % ନମ୍ବର ରଖି କନ୍ଧମାଳ ଜିଲ୍ଲାରେ ଟପ୍ପର ହୋଇଥିବା ଫୁଲବାଣୀ ତେରାଗୁଡାର ସୁଶ୍ରୀ କନ୍ୟକା କହଁରଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜଣାଯାଇଥିଲା। ତାଙ୍କ ପିତା ପ୍ରଦୀପ କହଁର ଖଜୁରୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟରତ ଥିବା ବେଳେ ମାତା ମଧୁସ୍ମିତା କହଁର ବ୍ୟାଙ୍କମିତ୍ର ଭାବେ କାର୍ଯ୍ୟ କରୁଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉଭୟ ଛାତ୍ରୀଙ୍କ ସହ ତାଙ୍କ ପିତାମାତା ମଧ୍ୟ ଉପସ୍ଥିତ ରହିଥିଲେ। ଏହାପରେ ବୈଠକରେ ଗତ ବାର୍ଷିକ ଉତ୍ସବର କାର୍ଯ୍ୟକଳାପ ଉପରେ ସମୀକ୍ଷା କରାଯାଇଥିବା ସହ ସମାଜର ବିଭିନ୍ନ ସାଙ୍ଗଠନିକ ଓ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ମୁଖ୍ୟ ଗୌତମ ପ୍ରଧାନ, ଯୁଗ୍ମ ସମ୍ପାଦକ ଅଚ୍ୟୁତ ଜାନୀ, କୋଷାଧ୍ୟକ୍ଷ ଭାବିନ୍ଦ୍ର କହଁର, ନାରୀନେତ୍ରୀ ସୌଦାମିନୀ କହଁର, କାର୍ଯ୍ୟକାରୀ ସଦସ୍ୟ ପଞ୍ଚାନନ କହଁରଙ୍କ ସମେତ ବିଭିନ୍ନ ଶାଖାର ସଭାପତି ଓ ସଦସ୍ୟ-ସଦସ୍ୟାମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ଥଣ୍ଡା ଗ୍ଲୁକୋଜ ପାଣି ବଣ୍ଟନ



କେନ୍ଦ୍ରାପଡ଼ା,୩୧।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ଆଜି ଶ୍ୟାମଗୁଡିଆସ୍ଥିତ ନୂଆ ଡାକ୍ତରଖାନା ସନ୍ନିକଟରେ ଥଣ୍ଡା ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଛି। ପ୍ରବଳ ରୌଦ୍ରତାପକୁ ଆଖି ଆଗରେ ରଖି ବଡହାଟସ୍ଥିତ ଡ. ଦେବେନ୍ଦ୍ର କୁମାର ଦାସଙ୍କ ସହଧର୍ମୀଣୀ ସମାଜସେବୀ ସ୍ୱର୍ଗତା କାଥରିନୀ ଦାସଙ୍କ ସ୍ମୃତିରେ ଏହି ଥଣ୍ଡା ଗ୍ଲୁକୋଜ ପାଣି ରୋଗୀ, ରୋଗୀଙ୍କ ସାହାଯ୍ୟକାରୀ ଓ ପଥଚାରୀମାନଙ୍କୁ ବଣ୍ଟନ କରାଯାଇଥିଲା । ଏହି ସେବା କାର୍ଯ୍ୟକୁ ବରିଷ୍ଠ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ରଶ୍ମୀକାନ୍ତ ପାତ୍ର ଉଦଘାଟନ କରିଥିଲେ। ପ୍ରାୟ ୧ହଜାର ପାଶହ ବ୍ୟକ୍ତି ଏହି ଥଣ୍ଡାପାନୀୟ ଗ୍ରହଣ କରି ସନ୍ତୋଷ ପ୍ରକାଶ କରିଥିଲେ ।

# ବିଆରସିସି ପ୍ରେମବାଳା ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ପଟ୍ଟାମୁଣ୍ଡାଇ,୩୧।୫(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକ ବିଆରସିସି ପ୍ରେମବାଳା ମହାପାତ୍ର ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ଆଜି କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲ୍ ଠାରେ, ଶିକ୍ଷକନେତା ମଳୟ କୁମାର ଜେନାଙ୍କ ପୌରହିତ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ୍ ର ସମସ୍ତ ସି.ଆର.ସି.ସି ମାନଙ୍କ ପକ୍ଷରୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡଇ ବ୍ଲକ ଶିକ୍ଷାଅଧିକାରୀ ଅଜିତ୍ ବାରିକ୍। ମୁଖ୍ୟଅତିଥି , ଶିକ୍ଷାବିତ୍ ତଥା କବି ସଚିତ୍ର ବେହୁରା ମୁଖ୍ୟବକ୍ତା ସହକାରୀ ଶିକ୍ଷାଅଧିକାରିଣୀ ସୁନିତ୍ ଦାଶ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଜେନା, ପଟ୍ଟାମୁଣ୍ଡାଇ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଉର୍ମିଳା ଜେନା, ପୂର୍ବତନ ପ୍ରଧାନଶିକ୍ଷକ ଅଶୋକ ପରିଡ଼ା,ଗାଲ୍ପିକ ପ୍ରଦୀପ ନାୟକ , ବିଇଓ ଅଫିସ୍ ପୂର୍ବତନ ବରିଷ୍ଠ କିରାଣି ହିମାଂଶୁ ଶେଖର ବେହୁରା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଥିଲେ । ସିଆରସିଂ ଆଶିଷ ମହାପାତ୍ର ସ୍ୱାଗତଭାଷଣ ଓ ନୋଡାଲ ସି.ଆର.ସି.ସି ସଂଘମିତ୍ରା ନାୟକ ଅତିଥି ପରିଚୟ ପ୍ରଦାନ କରି ଥିବାବେଳେ, ସି.ଆର. ସି.ସି ଅରବିନ୍ଦ ବଳ, ନମିତା ସାହୁ, ମନୋଜ ସେଠୀ,ନୀଳମଣି ବେହେରା,ଲକ୍ଷ୍ମଣ ବିହାରୀ ସେଠୀ ସତ୍ୟବ୍ରତ ସାମନ୍ତରାୟ, ରଞ୍ଜନ ବେହେରା,ଶୁଭଶ୍ରୀ ମାଝି,ବିନୟ ଦାଶ, ଲୋକନାଥ ନାୟକ ପ୍ରମୁଖ ଭାଷଣ ଦେଇ ବିଦାୟୀ ବି ଆର ସି ସି ଶ୍ରୀମତୀ ମହାପାତ୍ରଙ୍କ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଇ ଅବସରରେ ତାଙ୍କୁ ମାନପତ୍ର ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା।

# ସେବା ସମବାୟ ସମିତି କର୍ମଚାରୀ ସଙ୍ଘର ବାର୍ଷିକ ସାଧାରଣ ସଭା




ଖୋରଧା,୩୧।୫(ସଂଚାର ବ୍ୟୁରୋ)ଃ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ସେବା ସମବାୟ ସମିତି କର୍ମଚାରି ସଂଘ ର ବାର୍ଷିକ ସାଧାରଣ ସଭା ସଭାପତି କେଲୁଚରଣ ଜଗଦେବ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭା ରେ ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ଲିଃ ର ନିମନ୍ତ୍ରିତ ସଭାପତି ଉପସ୍ଥିତ ରହି ସେମାନଙ୍କର ମୂଲ୍ୟବନ ମତାମତ ପ୍ରଦାନ କରିଥିଲେ।

ଓଡ଼ିଶା ସରକାରଙ୍କ ଆଗାମୀ ୨୦୩୬ ମସିହା ପାଇଁ ରାଜ୍ୟ ସରକାର ଅନୁଦୃଷ୍ଟିରେ ଜନସାଧାରଣଙ୍କୁ ସମବାୟ ଆନ୍ଦୋଳନରେ ବିପୁଳ ସଂଖ୍ୟା ରେ ଯୋଗଦାନ କରିଥିବାରୁ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରାଥମିକ କୃଷି ସମବାୟ ସମିତି ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବକ୍ତାମାନେ କହିଥିଲେ। ସେବା ସମବାୟ ସମିତି ଗୁଡ଼ିକ ଜନ ସାଧାରଣ ଙ୍କ ହିତ ପାଇଁ କାର୍ଯ୍ୟ କରୁଛି , ୭୦ଭାଗ ରୁ ଉର୍ଦ୍ଧ କୃଷକ ଙ୍କୁ କୃଷି ଋଣ ଓ ବିଭିନ୍ନ ପ୍ରକାର ଅନକୃଷି ଋଣ ଲଗାଣ , ସାର ବିହନ କୃଷି ଯନ୍ତ୍ରପାତି ପ୍ରଭୃତି ବିକ୍ରି କରାଯାଉଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ କରୁଛନ୍ତି। ସେବା ସମବାୟ ସମିତି କୁ ଏକ ଜନହିତକର ସଂସ୍ଥା ବୋଲି ସରକାର ଘୋଷଣା କରିଛନ୍ତି। ଏହି ପରିପେକ୍ଷୀରେ ରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୭୨ଗୋଟି ସମିତି କାର୍ଯ୍ୟ କରୁଛି ସେଥିମଧ୍ୟରୁ ୮୦ଭାଗରୁ ଉର୍ଦ୍ଧ ସମିତି କ୍ଷତି ରେ ଚାଲୁଛି। ତେଣୁ ବିଭାଗୀୟ ଅଧିକାରୀ ମାନେ ଯେଉଁ କ୍ୟାଡ଼ର ଫଣ୍ଡ କୁ ୬୦ଭାଗ ଟଙ୍କା ସମିତିର ଲାଭାଂଶ ରୁ ଦେବା ପାଇଁ ସମିତି ସମ୍ପୂର୍ଣ୍ଣ ଅକ୍ଷମ ଅଟେ। ଏ ସମ୍ପର୍କରେ ଏକ ଦାବୀପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିବା ପାଇଁ ସଭାରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମିତିରେ କାର୍ଯ୍ୟ କରୁଥିବା ସମସ୍ତ ବର୍ଗର କର୍ମଚାରୀ ମାନଙ୍କୁ ସମବାୟ ବିଭାଗର ତତ୍ତ୍ୱାବଧାନରେ ସରକାରୀ କ୍ୟାଡ଼ର ଭୁକ୍ତ କରି ସରକାରଙ୍କ ବଜେଟରେ ସେମାନଙ୍କର ଦରମା ବ୍ୟବସ୍ଥା, ସମିତିର ନିର୍ବାଚିତ ପ୍ରତିନିଧି ମାନଙ୍କ ପାଇଁ ଗ୍ରାମ ପଞ୍ଚାୟତର ପ୍ରତିନିଧି ମାନଙ୍କ ପରି ଦରମାର ବ୍ୟବସ୍ଥା କରାଯାଉ। ସମିତିର କର୍ମଚାରୀ ଙ୍କ ପାଇଁ ଗ୍ରାଚୁଟି, ଲିଭ ସାଲେରି, ପେନସନ ପ୍ରଭୃତି ବ୍ୟବସ୍ଥା,ସମିତି ର କର୍ମ ଚାରି ମାନଙ୍କ ପାଇଁ ୨୦ଲକ୍ଷ ଟଙ୍କା ର ଜୀବନ ବୀମା , ସମିତିକୁ ୨ଏକର ସରକାରୀ ଜମି ଲିଜ ସୂତ୍ର ରେ ଯୋଗାଇ ଦିଆଯିବା ନେଇ ଦାବି ଉପସ୍ଥାପନା କରଯାଇଥିଲା ।

ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅନାଦି ସାହୁ ,ଶ୍ରୀମତୀ ଅନ୍ନପୂର୍ଣ୍ଣା ମିଶ୍ର ,ଭୁବନେଶ୍ୱର, ରବୀନ୍ଦ୍ର କୁମାର ଜେନା ବାଲିଅନ୍ତା, ପର୍ଶୁରାମ ଦାଶ ,ପୂର୍ବତନ ସମବାୟ କର୍ମଚାରୀ, ପୂର୍ଣ୍ଣଚନ୍ଦ୍ର କଳସ, ସୁନ୍ଦରପୁର ସମବାୟ ସମିତି, ମନୋଜ କୁମାର ପ୍ରଧାନ ବାଣପୁର, ଅଭିମନ୍ୟୁ ନାୟକ, ବାଲିପାଟଣା, ହରି ବାବୁ, ଲିଟନ କୁମାର ଦାସ , କୋଷାଧକ୍ଷ, ରାଜ୍ୟ ସମବାୟ ସମିତି କର୍ମଚାରୀ ମହାମଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ । ସଂଘ ର ସାଧାରଣ ସମ୍ପାଦକ ବିଶ୍ୱନାଥ ମହାରଣା , ଝଜ ସାମନ୍ତରାୟ, ମାନସ ଛୋଟରାୟ ,ସୌମ୍ୟ ରଞ୍ଜନ ରାଉତରାୟ , କୁନୁ ପଟ୍ଟନାୟକ, ପାତଞ୍ଜଳି ପ୍ରଧାନ,ନରେଶ ମହାନ୍ତି, ବାଙ୍କନିଧି ପ୍ରଧାନ, ନିରୀମାଖି ସାହୁ , ପରମାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# କାମରେ ଲାଗୁନି ପାଠାଗାର, ମହିଳା ସମିତି ବୈଠକ ଗୃହରେ ଝୁଲୁଛି ତାଲା



ଫୁଲବାଣୀ,୩୧।୫(ସଂଚାର ବ୍ୟୁରୋ)ଃ କାମରେ ଲାଗି ପାରୁନି ବ୍ଲକ ପ୍ରଶାସନ ଦ୍ୱାରା ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ପାଠାଗାର ଓ ମହିଳା ସମିତି ସଭା ଗୃହ ତିନିରୁ ଚାରି ବର୍ଷ ରୁ ଉର୍ଦ୍ଧ ହେବ ହେଲା ନିର୍ମାଣ କରାଯାଇଥିବା ଗୃହରେ ଝୁଲୁଛି ତାଲା। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ। ଚାରି ବର୍ଷ ତଳେ ତତ୍କାଳୀନ ଉଦ୍ୟମରେ ଫିରିଙ୍ଗିଆ ନୋଡାଲ ସ୍କୁଲ ପଡ଼ିଆ ପାଖ ଜାଗାରେ ତିନୋଟି ପକା ଗୃହ ନିର୍ମାଣ କରାଯାଇଛି। ନିର୍ମାଣ ସରିବାର ଚାରି ବର୍ଷରୁ ଅଧିକ ସମୟ ହେଲାଣି କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଜମିବାଡ଼ି ବିବାଦକୁ ନେଇ ନୂତନ କୋଠା ଗୁଡିକରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି।

ବ୍ଲକ କର୍ତ୍ତୃପକ୍ଷସୂଚନା ଅନୁସାରେ, ଫିରିଙ୍ଗିଆ ପଞ୍ଚାୟତ ଖଜୁରୀପଡ଼ାର ଜନୈକ ଅବସରପ୍ରାପ୍ତ ସେନା କର୍ମଚାରୀ ଗୃହ ନିର୍ମାଣ ହୋଇଥିବା ଜାଗା ତାଙ୍କ ନାମରେ ଥିଲା। ତାଙ୍କୁ ସରକାର ଯବାନ ପ୍ରେମନିଧି ଦିଗାଲକୁ ଜମି ଭାବରେ ଏହି ଜାଗା ଯୋଗାଇ ଦେଇଥିବା ଦାବି କରିଛନ୍ତି। ତାଙ୍କ ନାଁରେ ଜମିର ପଟ୍ଟା ମଧ୍ୟ ଥିବା ଜଣାପଡିଛି। ଗ୍ରାମ ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘ ଗୃହ ଓ ମିଶନ ଶକ୍ତି ଗୃହ ଓ ମାର୍କେଟ କମପ୍ଲେକ୍ସ ଚାରିଟି ଗୃହ ତାଲା ପଡିକି ଅଛି। ଘର ସବୁ ଖତ ଖାଉଛି।

ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାକୁ ପଚାରିବାରୁ କୋର୍ଟରେ କେଶ୍ ଚାଲିଛି ଯାହା କୋର୍ଟ ବିଚାର କରିବେ । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।